ODIA DAILY EDITION
10.09.2026
କଟକ, ଗୁରୁବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ସେପ୍ଟେମ୍ବର-୧୦, ୨୦୨୬
ବର୍ଷ-୩୮, ସଂଖ୍ୟା-୬୬
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
37 Years of publication SINCE 1989
Epaper- www.matrubhasa.com  matrubhasanews@gmail.com  matrubhasanews@yahoo.co.in  facebook.com/matrubhasanews

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

**ରାୟଗଡ଼ା, ୯।୯:** ପୁଣି ନିର୍ମାଣାଧୀନ ପାଇଖାନା ଟାଙ୍କି ନେଲା ଜୀବନ । ନିର୍ମାଣାଧୀନ ପାଇଖାନା



ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ତିନି ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି । ରାୟଗଡ଼ା ଜିଲ୍ଲା ପଦ୍ମପୁର ଅନ୍ତର୍ଗତ ଗୁଲୁଗୁଡ଼ା ପଞ୍ଚାୟତ ତାରପାଗୁଡ଼ା ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି । ସମସ୍ତ ମୃତ ଶ୍ରମିକ ଜୀବଜଗତପୁର ଗ୍ରାମର ବାସିନ୍ଦା ବୋଲ ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ସୂଚନା ଅନୁସାରେ ତାରପାଗୁଡ଼ା ଗାଁରେ ଏକ ନିର୍ମାଣାଧୀନ ପାଇଖାନାରେ ଶ୍ରମିକମାନେ ସେଣ୍ଟ୍ରିଂ ଖୋଲୁଥିଲେ । ଏହି ସମୟରେ ଜଣଙ୍କ ଉପରେ ସେଣ୍ଟ୍ରିଂ ପଡ଼ିଯାଇଥିଲା । ପାଇଖାନା ଟାଙ୍କି ଭିତରେ ସେମାନେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଗୁରୁତର ଶ୍ରମିକମାନଙ୍କୁ ଟାଙ୍କି ଭିତରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି । ଏହା ପରେ ଗାଁରେ ଶୋକର ଛାୟା ଖେଳି ଯାଇଛି । ଖବର ଲେଖା ଯିବା ବେଳକୁ ମୃତ ଶ୍ରମିକଙ୍କ ପରିଚୟ ମିଳିପାରିନଥିଲା ।

# ଆବୁଧାବିରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ବୈଠକ

- ଆଦାନୀ-ଆଇଏଚସି ୨.୧୦ ଲକ୍ଷ କୋଟି ନିବେଶ କରିବେ
- ଆଇବିପିଜି ସହ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡ ଟେବୁଲ୍ ବୈଠକ
- ଶିଳ୍ପପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଆବୁଧାବି, ୯।୯:** ଓଡ଼ିଶା ଇନଭେଷ୍ଟର୍ସ ମିଟ୍ ପାଇଁ ପାଞ୍ଚ ଦିନିଆ ୟୁଏଇ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆବୁଧାବି ପହଞ୍ଚିବା ପରଠୁ ଆଜି ଯାଏଁ ଅନ୍ତର୍ଜାତୀୟ ନିବେଶକଙ୍କ ସହ ମାରାଥନ ବୈଠକ କରୁଛନ୍ତି । ଇନଭେଷ୍ଟର୍ସ ମିଟ ଅଭିଯାନର ପ୍ରଥମ ଦିନରେ ଆଇଏଚସି ଗ୍ରୁପ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ଦେଖାଇଛି । ୧୪ ପ୍ରକଳ୍ପରେ ୨.୧୦୫ ଟ୍ରିଲିୟନ ନିବେଶ ହେବ ବୋଲି ଆକଳନ କରାଯାଇଛି । ସେହିପରି ଓଡ଼ିଶାଭିତ୍ତିକ କମ୍ପାନିଙ୍କ ଉତ୍ପାଦକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ରାଉଣ୍ଡଟେବୁଲ ବୈଠକ କରିଛନ୍ତି ।

ଅନେକ ଆଶା ଓ ସମ୍ଭାବନାକୁ ନେଇ ୟୁଏଇରେ ମାରାଥନ ବୈଠକ କରୁଛନ୍ତି ମୁଖ୍ୟମନ୍ତ୍ରୀ । ଉଦ୍ଦେଶ୍ୟ ଓଡ଼ିଶାକୁ ଅର୍ଥନୀତିକୁ ଶୀର୍ଷ ସୋପାନରେ ପହଞ୍ଚାଇବା ଓ ରାଜ୍ୟକୁ ଶିଳ୍ପସମୃଦ୍ଧ କରି ରୋଜଗାରର ଅବସର ସୃଷ୍ଟି କରିବା । ଅନେକ ଅନ୍ତର୍ଜାତୀୟ କମ୍ପାନି ସହ ବୈଠକ କରି ଓଡ଼ିଶାରେ ନିବେଶ କେତେ ଲାଭବାନ ବୁଝାଉଛନ୍ତି । ରଣନୀତିକ ଅବସ୍ଥାନ, ପ୍ରାକୃତିକ ସଂପଦ, ଶିଳ୍ପ କ୍ଷମତା ସହ ଭିତ୍ତିଭୂମିର ଉଦାହରଣ ରଖି ନିବେଶକଙ୍କୁ ଆକୃଷ୍ଟ ଉଦ୍ୟମ କରୁଛନ୍ତି ଓଡ଼ିଶାର ୟୁଏଇ ନିବେଶକ ସଂଯୋଗ ଅଭିଯାନର ପ୍ରଥମ ଦିନରେ ଆବୁଧାବି ସ୍ଥିତ ଇଣ୍ଟରନ୍ୟାସନାଲ ହୋଲଡିଂ କମ୍ପାନି ସହ ଏକ ଉଚ୍ଚସ୍ତରୀୟ ବୈଠକ କରି ନିବେଶ ପାଇଁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ଧାତୁ ଶିଳ୍ପ, ଦୁର୍ଲଭ ମୃତ୍ତିକା ଓ



ଗୁରୁତ୍ୱପୂର୍ଣ୍ଣ ଖଣିଜ, କୋଇଲାରୁ ରସାୟନ ଉତ୍ପାଦନ, ବନ୍ଦରଭିତ୍ତିକ ଏସଇଜେଡ୍ ଏବଂ ଶିଳ୍ପ ଭିତ୍ତିଭୂମି କ୍ଷେତ୍ରରେ ନିବେଶ ସମ୍ଭାବନା ଉପରେ ଆଲୋଚନା ହୋଇଛି । ଆଦାନୀ ଗ୍ରୁପ୍ ଓ ଆଇଏଚସି ଗ୍ରୁପ

**କମ୍ପାନିମାନଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ**

ମଧ୍ୟରେ ବୁଝାମଣା ସାକ୍ଷରିତ । ୧୪ଟି ପ୍ରକଳ୍ପରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ପ୍ରକଳ୍ପଗୁଡ଼ିକରେ ପ୍ରାୟ ୨.୧୦୫ ଟ୍ରିଲିୟନ ନିବେଶ ହେବାର ଆକଳନ କରାଯାଇଛି ।

ଓଡ଼ିଶା ଇନଭେଷ୍ଟର୍ସ ମିଟର ଅଂଶ ଭାବେ ମୁଖ୍ୟମନ୍ତ୍ରୀ ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ ଗ୍ରୁପ ବା ଆଇବିପିଜି ସହ ରାଉଣ୍ଡଟେବୁଲ ଆଲୋଚନାରେ ଯୋଗ ଦେଇଛନ୍ତି । ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ବ୍ୟବସାୟିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଛି । ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମାନୁଫାକଚରିଂ କ୍ଷେତ୍ରରେ ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ରାଉଣ୍ଡଟେବୁଲ ଆଲୋଚନାରେ ରୁଚି, ଫାର୍ମ ବି, ବିଓ୍ୱାନ, ଓରି କ୍ଲିନ ଭଳି ଓଡ଼ିଶାଭିତ୍ତିକ କମ୍ପାନି ମଧ୍ୟ ଯୋଗ ଦେଇଥିଲେ ।

## ବାପାର ଆକ୍ରମଣରେ ପୁଅ ମୃତ, ଭଦ୍ରକରେ ଉତ୍ତେଜନା

**ଭଦ୍ରକ, ୯।୯:** ପାରିବାରିକ କଳହ ଓ ଜମି ବିବାଦ ନେଇ ଭଦ୍ରକରେ ଘଟିଛି ଛାତିଥରା ଘଟଣା । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚୁନିଦା ଗାଁରେ ବାପାଙ୍କ ଛୁରୀ ଆକ୍ରମଣରେ ପୁଅର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ବିକାଶ ସାହୁ, ଅଭିଯୁକ୍ତ ବାପା ରବି ସାହୁଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ବୁଧବାର ସକାଳେ ବାପା-ପୁଅଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା । ଏହାପରେ ରବି ସାହୁ ପ୍ରଥମେ ବୋହୂଙ୍କୁ ଘର ଭିତରେ ବନ୍ଦ କରିଦେଇ ବିକାଶଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗୁରୁତର ଆହତ ଅବସ୍ଥାରେ ବିକାଶଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ବିକାଶଙ୍କ ପତ୍ନୀ ସ୍ମୃତି ସାହୁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ତାଙ୍କ କହିବା ଅନୁଯାୟୀ, ଶ୍ୱଶୁର ତାଙ୍କୁ ଓ ସାମୀଙ୍କୁ ସେହି ଘରେ ରହିବାକୁ ଦେବାକୁ ଚାହୁଁନଥିଲେ । ଏନେଇ ପୂର୍ବରୁ ଥାନାରେ ମଧ ବିବାଦ ପହଞ୍ଚିଥିଲା । ସକାଳେ ବିକାଶ କଥା ହେବାକୁ ଯିବାବେଳେ ରବି ସାହୁ ଛୁରୀ ଧରି ବସିଥିଲେ ଏବଂ କିଛି କହିବା ପୂର୍ବରୁ ସିଧାସଳଖ ଆକ୍ରମଣ କରିଥିଲେ ।

| | |
|---|---|
| ସେନ୍‌ସେକ୍ସ | ୭୪,୭୬୪ |
| ନିଫ୍ଟି | ୨୩,୪୩୧ |
| ସୁନା/୧୦ଗ୍ରା | ୧,୬୭,୪୮୫ |
| ରୂପା/କିଗ୍ରା | ୨,୫୦,୦୦୦ |
| ଡଲାର | ୯୫.୧୩ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୩.୨° |
| କଟକ: | ୩୨.୬° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୭.୪° |
| କଟକ: | ୨୫.୦° |

### ହାଲ୍‌ଚାଲ୍



ଓଡ଼ିଶାରୁ ଓରାଙ୍ଗଉଟାନ ମିଳିବା ପରେ ଚାଞ୍ଚଲ୍ୟ ଖେଳି ଯାଇଛି ଅନ୍ତର୍ଜାତୀୟ ସ୍ମଗଲିଂ ର୍‍ୟାକେଟ୍ ଥିବା ନେଇ ସନ୍ଦେହ ହେଉଛି ଟାର୍ଗେଟ୍‌ରେ ରହିଛି କଳା ଥାର ଏସଟିଏଫ୍ ତଦନ୍ତ ଆରମ୍ଭ କରିଛି ।

# ଓରାଙ୍ଗଉଟାନ ଘଟଣାରେ ସ୍ମଗଲିଂ ସନ୍ଦେହ

**ଭୁବନେଶ୍ୱର, ୯।୯:** ବିଚିତ୍ରପୁରରୁ ନନ୍ଦନକାନନ...ଜଙ୍ଗଲ ଭିତରୁ ଉଦ୍ଧାର ହୋଇଥିବା ପାଞ୍ଚ ଓରାଙ୍ଗଉଟାନ୍ ଏବେ କଡ଼ା ନଜରରେ । ତିନି ଅଣ୍ଡିରା, ଦୁଇ ମାଇ ଓରାଙ୍ଗଉଟାନ ଏବେ ନନ୍ଦନକାନନର ସ୍ୱତନ୍ତ୍ର କ୍ୱାରେଣ୍ଟାଇନ୍ ହାଉସରେ ୨୪ ଘଣ୍ଟିଆ ମେଡିକାଲ୍ ଅବଜର୍ଭେସନରେ ଅଛନ୍ତି । ଜଣଙ୍କୁ ଜ୍ୱର...ଅନ୍ୟ ଦୁଇ ଜଣଙ୍କଠାରେ ଥଣ୍ଡାର ଲକ୍ଷଣ ରହିଛି । ଜଙ୍ଗଲ ମନ୍ତ୍ରୀ ନନ୍ଦନକାନନ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି ।

ଓରାଙ୍ଗଉଟାନ୍ ଓଡ଼ିଶା ଆସିଲେ କେମିତି ବିଶେଷଜ୍ଞଙ୍କ ସନ୍ଦେହ ଅନୁସାରେ ଏହାର ଉତ୍ସ ହୋଇପାରେ ଇଣ୍ଡୋନେସିଆର ବୋର୍ଣ୍ଣିଓ । ତେଣୁ ଏବେ ଫୋକସ୍‌ରେ ରହିଛି ସେମାନଙ୍କ ଡିଏନ୍‌ଏ ଟେଷ୍ଟ । ଓରାଙ୍ଗଓଟାନଙ୍କ ନମୁନା ସଂଗ୍ରହ ହେବ, ପରୀକ୍ଷା ହେବ । ରିପୋର୍ଟ ହିଁ ଖୋଲିବ ରହସ୍ୟ । ସେମାନଙ୍କ ପ୍ରଜାତି, ଉତ୍ସ ଆଉ ଭୋଗରାଇ ବିଚିତ୍ରପୁର ପହଞ୍ଚିବାର ରୁଟ୍ କଣ ଜଣାପଡିବ । ସେପଟେ ତଦନ୍ତ ବି



- ସନ୍ଦେହ ବଢ଼ାଇଲା କଳା ଥାର୍ ଗାଡ଼ି, ଚୋରା ଚାଲାଣ ଆଶଙ୍କା
- ଏସଟିଏଫ୍‌ର ଖୋଳତାଡ଼ ଆରମ୍ଭ

ବଢ଼ିଛି । ବିଚିତ୍ରପୁରରୁ ବାଲେଶ୍ୱର, ଜଳେଶ୍ୱର, ଭୋଗରାଇ ଦେଇ ଦୀଘା ପର୍ଯ୍ୟନ୍ତ ସିସିଟିଭିରୁ ଖୋଜା ଚାଲିଛି ଓରାଙ୍ଗଉଟାନ୍‌ଙ୍କ ଟ୍ରାଭେଲ ରୁଟ୍ । ସନ୍ଦେହରେ ଗୋଟିଏ କଳା ଥାର୍ । ସ୍ଥାନୀୟ ଲୋକଙ୍କ ଦାବି, ଓରାଙ୍ଗଉଟାନ ଠାବ ହେବାର ପୂର୍ବରାତିରେ ରାତି ୧୧ଟା ୨୫ରେ ଗାଡ଼ିଟି ସେ ଅଞ୍ଚଳକୁ ଯାଇଥିଲା, ୧୧ଟା ୪୦ରେ ଫେରିଥିଲା । ମାତ୍ର ୧୫ ମିନିଟ୍... କିନ୍ତୁ ଏହି ୧୫ ମିନିଟ୍ ଏବେ ତଦନ୍ତର ବଡ଼ କ୍ଲୁ ।

ଏପଟେ ଘଟଣାସ୍ଥଳରେ ପହଞ୍ଚିଚି ଏସଟିଏଫ୍ । ବେଙ୍ଗଲ ପୋଲିସ ସହ ପଚରାଉଚରା ଚାଲିଛି । ସୀମାନ୍ତର ସିସିଟିଭି ଯାଞ୍ଚ ଆରମ୍ଭ ହୋଇଛି । ଅର୍ଥାତ୍ ତଦନ୍ତ ଏବେ ଜଙ୍ଗଲ ଡେଇଁ ସୀମା ପାର୍ କରିଛି । ସ୍ଥାନୀୟ ଫରେଷ୍ଟ ଗାର୍ଡଙ୍କ ଅନୁପସ୍ଥିତିକୁ ନେଇ ବି ପ୍ରଶ୍ନ ଉଠିଛି । ପାଞ୍ଚ ପାଞ୍ଚଟି ବିଦେଶୀ ବନ୍ୟଜନ୍ତୁ ଓଡ଼ିଶାର ଜଙ୍ଗଲରେ ପହଞ୍ଚିଲେ କେମିତି ସ୍ମଗଲିଂ ଲିଙ୍କ୍ ମିଳିଲେ, ମାମଲା ଯାଇପାରେ ଆନ୍ତର୍ଜାତୀୟ ବନ୍ୟଜନ୍ତୁ ଚୋରାଚାଲାଣ ରାକେଟ୍ ପର୍ଯ୍ୟନ୍ତ ।

ପାଞ୍ଚ ଓରାଙ୍ଗଉଟାନ୍ ଏବେ ନନ୍ଦନକାନନରେ ସୁରକ୍ଷିତ... କିନ୍ତୁ ସେମାନଙ୍କ ଓଡ଼ିଶା ଆସିବାର ରହସ୍ୟ ଏବେ ବି ଅନ୍ଧାରରେ । ଏବେ ଡିଏନ୍‌ଏ ଖୋଜିବ ଉତ୍ସ, ସିସିଟିଭି ଦେଖାଇବ ରୁଟ୍ ଆଉ ତଦନ୍ତ ଖୋଲିବ ପାଞ୍ଚ ଓରାଙ୍ଗଉଟାନଙ୍କ ପଛର ରହସ୍ୟ ।

# ଝାରସୁଗୁଡ଼ା-ଖଡ଼ଗପୁର ୪ର୍ଥ ଲେନ୍ ଟ୍ରାକ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୯।୯:** ଦେଶର ରେଳ ପ୍ରଗତିକୁ ମିଳିଛି ଆହୁରି ଗତି । ବୁଧବାର ମୋଦୀ କ୍ୟାବିନେଟ୍ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟର ୧୪ଟି ଜିଲ୍ଲାକୁ ସଂଯୋଗ କରୁଥିବା ତିନୋଟି ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ।

**ପୁଣି ଓଡ଼ିଶାକୁ କେନ୍ଦ୍ରର ଉପହାର**

ଯାହା ଭାରତୀୟ ରେଳବାଇର ବିଦ୍ୟମାନ ନେଟୱାର୍କରେ ପ୍ରାୟ ୬୫୬ କିଲୋମିଟର ରେଳପଥ ଯୋଡିବ ।

ପ୍ରସ୍ତାବିତ ରେଳ ପ୍ରକଳ୍ପ ମଧ୍ୟରେ ରହିଛି ଖଡ଼ଗପୁର-ଝାରସୁଗୁଡ଼ା (ବାଗଦେହୀ) ଚତୁର୍ଥ ଲାଇନ୍, କଟନୀ-ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ୍ ଏବଂ ବିଳାସପୁର (ଉସଲାପୁର)- ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ ଅନ୍ତର୍ଭୁକ୍ତ । ଏହା ୫ଟି ରାଜ୍ୟର ୪୭୯୦ ଗ୍ରାମକୁ ସଂଯୋଗ କରିବ । ପ୍ରସ୍ତାବିତ ବହୁ-ଟ୍ରାକିଂ ପ୍ରକଳ୍ପ ଦ୍ୱାରା ପ୍ରାୟ ୫୬ ଲକ୍ଷ ଉପକୃତ ହେବେ । କେନ୍ଦ୍ର ସରକାର ଏହି ମଲ୍ଟି ଟ୍ରାକିଂ ରେଳ ଲାଇନ ପ୍ରକଳ୍ପ ପାଇଁ ୧୦,୭୮୩ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି । ଏହା ଦ୍ୱାରା ୬୫୬ କିଲୋମିଟର ରେଳ ଲାଇନ ବୃଦ୍ଧି ପାଇବ । ଏହି ପ୍ରକଳ୍ପକୁ ୨୦୨୯-୩୦ ସୁଦ୍ଧା ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଥିବା କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ବର୍ଦ୍ଧିତ ଲାଇନ ଦ୍ୱାରା ଭାରତୀୟ ରେଳବାଇର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ବୃଦ୍ଧି ପାଇବ । ଏହା କାର୍ଯ୍ୟକୁ ସୁଗମ



କରିବା ସହିତ ଭିଡ଼ ହ୍ରାସ କରିବ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ନୂତନ ଭାରତ' ଦୃଷ୍ଟିକୋଣ ସହିତ ସମାନ । ଏହା ଦ୍ୱାରା ଦେଶର ବିଭିନ୍ନ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହିତ ରେଳ ସଂଯୋଗୀକରଣରେ ଉନ୍ନତି ଆସିବ । ଯେପରିକି ତାରାତାରିଣୀ ମନ୍ଦିର, ଝାରସୁଗୁଡ଼ା ନିକଟରେ ଥିବା ପ୍ରାଚୀନ ଜଗନ୍ନାଥ ମନ୍ଦିର, ବାନ୍ଧବଗଡ଼ ବ୍ୟାଘ୍ର ସଂରକ୍ଷଣ, ବିରାଟେଶ୍ୱର ମନ୍ଦିର, ଅମରକଣ୍ଟକ ମନ୍ଦିର, ଜ୍ୱାଳେଶ୍ୱର ଧାମ, ଅଚନକମାର ବ୍ୟାଘ୍ର ସଂରକ୍ଷଣ, ଖୁଟାଘାଟ ଡ୍ୟାମ୍, ମଲହାର ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ରତନପୁର ମହାମାୟା ମନ୍ଦିର ।

ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ କୋଇଲା, ସିମେଣ୍ଟ, ଲୁହା ଏବଂ ଇସ୍ପାତ ଭଳି ସାମଗ୍ରୀ ପରିବହନ ପାଇଁ ଅନୁକୂଳ ହେବ । ଏହା ଦ୍ୱାରା ବାର୍ଷିକ ୨୭ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ସୃଷ୍ଟି ହେବ । ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ଏମଏମଡିଆର ଆଇନ ବିରୋଧରେ ଗର୍ଜିଲା ବିଜେଡି



- ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା
- ପ୍ରତିବାଦ ସଭାରେ ବିଜେଡିର ବରିଷ୍ଠ ନେତା ଅନୁପସ୍ଥିତ

**ଭୁବନେଶ୍ୱର, ୯।୯:** ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଏମଏମଡିଆର ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମରେ ଏକ ସ୍ମାରକପତ୍ର ମାନ୍ୟବର ରାଜ୍ୟପାଳଙ୍କ ଜରିଆରେ ପ୍ରଦାନ କରି ଓଡ଼ିଶାର ସାମ୍ବିଧାନିକ, ଆର୍ଥିକ ଓ ଖଣିଜ ସ୍ୱାର୍ଥର ସୁରକ୍ଷା ପାଇଁ ହସ୍ତକ୍ଷେପ ଲୋଡ଼ିଥିଲେ ।

ଶ୍ରୀ ଦେବୀ ପ୍ରସାଦ ମିଶ୍ର ମାନ୍ୟବର ରାଜ୍ୟପାଳଙ୍କ ସମ୍ମୁଖରେ ମତ ରଖି, ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ସମ୍ମୁଖୀନ ହେବାକୁ ଥିବା ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ । ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମାନ୍ୟବର ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା ଉପରେ କି ପ୍ରଭାବ, ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ । ପ୍ରତିନିଧିମଣ୍ଡଳୀର ଅନ୍ୟ ସଦସ୍ୟମାନେ ଯଥା- ଡ. ଲେନିନ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀ ଭୃଗୁ ବକ୍ସିପାତ୍ର, ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଏହି ସଂଶୋଧନ ଆଇନ ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ ।

ଆଲୋଚନା ସମୟରେ ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ ଯେ, ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ । ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଏହି ବିଷୟରେ ବିସ୍ତୃତ ଭାବେ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ । ୨୫ ଜୁଲାଇ ୨୦୨୪ରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଦାନ କରିଥିବା ଐତିହାସିକ ରାୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧି ମଣ୍ଡଳୀ ।

## ବିଦ୍ୟାଭାରତୀଙ୍କ ଆବେଦନ ଖାରଜ

**କଟକ, ୯।୯:** ବହୁ ଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ପାଇଁ ଅଡୁଆ ବଢ଼ିଲା । ବିଦ୍ୟାଭାରତୀଙ୍କୁ ଗିରଫ କରାଯିବା ସମ୍ଭାବନା ବଢ଼ିଛି । କାରଣ ହାଇକୋର୍ଟରେ ତାଙ୍କ ଆବେଦନ ଖାରଜ ହୋଇଯାଇଛି ।

**ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା**

ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସହିତ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ । ସେପ୍ଟେମ୍ବର ୩ ତାରିଖରେ ହାଇକୋର୍ଟ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରହିଥିଲା । ଆଉ ରାୟ ଶୁଣାଣି କରି କୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ସୂଚନା ଥାଉକି ଗତ ୨୦୨୧ ମସିହା ଜୁଲାଇ ୧୧ ତାରିଖ ରାତିରେ ଏସିଏଫ ସୌମ୍ୟରଞ୍ଜନ ଅତି ସନ୍ଦେହଜନକ ଅବସ୍ଥାରେ ପୋଡ଼ି ଯାଇଥିଲେ ।

**ଲାଲକିଲ୍ଲା ବିସ୍ଫୋରଣ**

## ଉମର-ଉନ-ନବି ମାଷ୍ଟରମାଇଣ୍ଡ



**ନୂଆଦିଲ୍ଲୀ, ୯।୯:** ଦିଲ୍ଲୀର ଲାଲକିଲ୍ଲା ନିକଟରେ ୨୦୨୫ ନଭେମ୍ବର ୧୦ରେ ଘଟିଥିବା କାର ବିସ୍ଫୋରଣ ଘଟଣାର ତଦନ୍ତରେ ବଡ଼ ଖୁଲାସା କରିଛି ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ) । ସେପ୍ଟେମ୍ବର ୯ରେ ଦାଖଲ ହୋଇଥିବା ଚାର୍ଜସିଟ୍ ଅନୁଯାୟୀ, ଉମର-ଉନ-ନବିଙ୍କୁ ଏହି ଆତଙ୍କୀ ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ଭାବେ ଚିହ୍ନଟ କରାଯାଇଛି । ଏନଆଇଏ ଚାର୍ଜସିଟ୍‌ରେ ଦର୍ଶାଯାଇଛି ଯେ, ଆକ୍ରମଣରେ ବ୍ୟବହୃତ କାର ଭିତରେ ନବି ଉପସ୍ଥିତ ଥିଲେ । ବିସ୍ଫୋରଣରେ ତାଙ୍କର ମୃତ୍ୟୁ ହୋଇଥିଲା । ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ନବିଙ୍କୁ 'ପିଣ୍ଡା' ନାମରେ ମଧ ଡକାଯାଉଥିଲା । ଏନଆଇଏର ତଦନ୍ତରେ ଆହୁରି ଦାବି କରାଯାଇଛି ଯେ ନବି ଏବଂ ରାହୁଲ ଭଟ୍ ମିଶି ୨୦୨୨ର ପ୍ରାରମ୍ଭରୁ ନିଷ୍କ୍ରିୟ ହୋଇଥିବା ଅନସାର ଘଜୱାତ-ଉଲ-ହିନ୍ଦ (ଇଏଙ୍କଏ) ମଡ୍ୟୁଲ୍‌କୁ ପୁନଃ ସକ୍ରିୟ କରିବାକୁ ଉଦ୍ୟମ କରୁଥିଲେ । ତଦନ୍ତକାରୀ ଏଜେନ୍ସି

**● ଏନଆଇଏ ଚାର୍ଜସିଟ୍‌ରେ ଖୁଲାସା**

ଏହି ମଡ୍ୟୁଲ୍‌କୁ ଭାରତୀୟ ଉପମହାଦେଶରେ ଅଲ୍-କାଏଦା ସହ ଜଡ଼ିତ ଏକ ପୁନର୍ଗଠିତ ନେଟୱର୍କ ବୋଲି ଦର୍ଶାଇଛି । ଉଲ୍ଲେଖଯୋଗ୍ୟ, ୨୦୨୫ ନଭେମ୍ବର ୧୦ ସନ୍ଧ୍ୟା ପ୍ରାୟ ୬ଟା ୫୦ରେ ଲାଲକିଲ୍ଲା ନିକଟରେ କାରରେ ଭୟଙ୍କର ବିସ୍ଫୋରଣ ଘଟିଥିଲା । ଏଥିରେ ୧୧ ଜଣଙ୍କ ମୃତ୍ୟୁ ଏବଂ ୨୯ ଜଣ ଆହତ ହୋଇଥିଲେ ଓ ବହୁ କ୍ଷୟକ୍ଷତି ମଧ ହୋଇଥିଲା ।

## ଚାକିରି ନାଁରେ କୋଟିଏ ଟଙ୍କା ଠକେଇ; ବନ୍ଧା ହେଲେ ଯୁବକ

**ଭଦ୍ରକ, ୯।୯:** ସରକାରୀ ଚାକିରି କରାଇ ଦେବା ନାଁରେ ଯୁବକ/ଯୁବତୀମାନଙ୍କୁ ଠକିବା ଅଭିଯୋଗରେ ଭଦ୍ରକ ପୁଲିସ ଜଣେ ଯୁବକକୁ ଗିରଫ କରିଛି । ଅଭିଯୁକ୍ତ ଯୁବକ କୋର୍ଟ ଚାଲାଣ ହେବା ପରେ ସେଠାରୁ କାରାଗାରକୁ ସ୍ଥାନାନ୍ତରିତ ହୋଇଛନ୍ତି । ଅଭିଯୁକ୍ତ ଯୁବକ ଓଡ଼ିଶାର ବଡ଼ ବଡ଼ ଏବଂ ନେତା ମନ୍ତ୍ରୀଙ୍କ ସହ ଫଟୋ ଉଠାଉ ଥିଲେ । ଏହାରି ମାଧ୍ୟମରେ ଯୁବକ/ଯୁବତୀଙ୍କୁ ଟାର୍ଗେଟ କରୁଥିଲେ । ବିଭିନ୍ନ ବିଭାଗରେ ସରକାରୀ ଚାକିରି କରାଇ ଦେବାକୁ କହି ମୋଟା ଅଙ୍କରେ ଅର୍ଥ ନେଇ ଯାଉଥିଲେ । ଆଉ ଚାକିରି ଦେଇପାରି ନଥିବା ଏହି ଯୁବକ ଉପରେ ପରେ ଲୋକଙ୍କର ସନ୍ଦେହ ହୋଇଥିଲା । ଏହି ଠକ ଯୁବକ ନାମରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରାଯାଇଥିଲା । ଶେଷରେ ଏହି ଠକକୁ ଭଦ୍ରକ ଟାଉନ୍ ଥାନା ପୁଲିସ୍ ପଡୋଶୀ ପଶ୍ଚିମବଙ୍ଗର ଦୀଘାରୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ଧାମନଗର ବ୍ଲକର ଚୁଡ଼ାକୁଟି ଅଞ୍ଚଳର ଜଗନ୍ନାଥ ବାହାଲିଆ । ସେ ଭଦ୍ରକ ଟାଉନ ଥାନା ଜଗନ୍ନାଥପୁର ଅଞ୍ଚଳରେ ଘରଭଡ଼ା ନେଇ ଅଭିନବ ଉପାୟରେ ଟଙ୍କା ଉପାର୍ଜନ କରୁଥିଲା ।

**ଉତ୍ତର ବଙ୍ଗୋପସାଗରରେ ଲଘୁଚାପ**

## ୧୪ ଯାଏ ପ୍ରବଳ ବର୍ଷା ଆଶଙ୍କା

**ଭୁବନେଶ୍ୱର, ୯।୯:** ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଯୋଗୁଁ ଆସନ୍ତାକାଲି ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଓଡ଼ିଶାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବା ସହ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆଜି କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପାଇଁ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି । ଉତ୍ତର ଓ ଉପକୂଳ ଓଡ଼ିଶାର ୧୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ସୁନ୍ଦରଗଡ଼ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆସନ୍ତାକାଲି ଲଘୁଚାପର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ବଢ଼ିବା ନେଇ ପାଣିପାଗ ବିଭାଗ ସତର୍କ କରିଛି ।

**ଆଇନ ମନ୍ତ୍ରୀଙ୍କ ସୂଚନା**

# ପାକିସ୍ତାନରେ ଅଛି ମହାପ୍ରଭୁଙ୍କ ଜମି

*ଭାରତର ବିଭିନ୍ନ ରାଜ୍ୟ ସହିତ ପାକିସ୍ତାନରେ ଥିବା ମହାପ୍ରଭୁଙ୍କ ଜମିର ମଧ ଧୀରେ ଧୀରେ ଚିହ୍ନଟ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ପାକିସ୍ତାନର ସିନ୍ଧ ପ୍ରଦେଶରେ ବହୁ ସଂଖ୍ୟାରେ ସନାତନ ଧର୍ମାବଲମ୍ବୀ ଓ ଜଗନ୍ନାଥ ଭକ୍ତ ବସବାସ କରନ୍ତି ।*

**ଭୁବନେଶ୍ୱର, ୯।୯:** ପାକିସ୍ତାନରେ ରହିଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜମି । ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏକ ବୟାନ ପରେ ଏହି ସୂଚନା ସାମ୍ନାକୁ ଆସିଛି ଏବଂ ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି ।

ଓଡ଼ିଶା ସରକାର ଶ୍ରୀଜଗନ୍ନାଥ ମନ୍ଦିରର ଜମିକୁ ବେଆଇନ ଅକ୍ତିଆରରୁ ମୁକ୍ତ କରିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରୁଛନ୍ତି ।



ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୬,୦୦୦ ଏକର ଜମି ଚିହ୍ନଟ କରାଯାଇଛି, ଯାହା ମଧ୍ୟରୁ ୨୫ରୁ ୨୬ ପ୍ରତିଶତ ଜମି ବର୍ତ୍ତମାନ ବେଆଇନ ଅକ୍ତିଆରରେ ରହିଛି । ଜଗନ୍ନାଥ ମନ୍ଦିରର କିଛି ଜମି ପାକିସ୍ତାନର ସିନ୍ଧୁ ଅଞ୍ଚଳରେ ମଧ ରହିଛି ଏବଂ ସେଗୁଡ଼ିକୁ ଚିହ୍ନଟ କରାଯାଉଛି । ସରକାରଙ୍କ ଏହି ଅଭିଯାନ କେବଳ ଓଡ଼ିଶା ମଧ୍ୟରେ ସୀମିତ ରହିବ ନାହିଁ ରାଜ୍ୟ ଭିତରେ ହେଉ କିମ୍ବା ବାହାରେ, ବେଆଇନ ଅକ୍ତିଆରରେ ଥିବା ମନ୍ଦିରର ଜମିଗୁଡ଼ିକୁ ଚିହ୍ନଟ କରାଯିବ ।

ଆଇନ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ପାକିସ୍ତାନର ସିନ୍ଧ ପ୍ରଦେଶ ଅଞ୍ଚଳରେ ମହାପ୍ରଭୁ ଜଗନ୍ନାଥଙ୍କର କିଛି ଜମି ରହିଛି । ଭାରତର ବିଭିନ୍ନ ରାଜ୍ୟ ସହିତ ପାକିସ୍ତାନରେ ଥିବା ମହାପ୍ରଭୁଙ୍କ ଜମିର ମଧ ଧୀରେ ଧୀରେ ଚିହ୍ନଟ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ପାକିସ୍ତାନର ସିନ୍ଧ ପ୍ରଦେଶରେ ବହୁ ସଂଖ୍ୟାରେ ସନାତନ ଧର୍ମାବଲମ୍ବୀ ଓ ଜଗନ୍ନାଥ ଭକ୍ତ ବସବାସ କରନ୍ତି । ପୂର୍ବରୁ ସିନ୍ଧରୁ ଅନେକ ଭକ୍ତ ପୁରୀ ଶ୍ରୀକ୍ଷେତ୍ରକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଏହା ବ୍ୟତୀତ ପାକିସ୍ତାନର କରାଚି ଏବଂ ଶିଆଲକୋଟ ଭଳି ସ୍ଥାନରେ ମଧ ଶ୍ରୀ ଜଗନ୍ନାଥ ମନ୍ଦିର ଓ ସଂସ୍କୃତିର ଉପସ୍ଥିତି ରହିଛି ।

ମାତୃଭାଷା



## ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଦିଲ୍ଲୀ ସଜେଇ ହେଉଛି
# ୩ ଦିନ ବନ୍ଦ ରହିବ କୋର୍ଟ ଓ ସରକାରୀ କାର୍ଯ୍ୟାଳୟ




ନୂଆଦିଲ୍ଲୀ: ଆସନ୍ତା ୧୧ରୁ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ରାଜଧାନୀରେ ପ୍ରସ୍ତୁତି ଜୋରଦାର ହୋଇଛି। ବିଭିନ୍ନ ରାସ୍ତା, ପ୍ରମୁଖ ସ୍ଥାନ ଓ ଛକଗୁଡ଼ିକୁ ପୋଷ୍ଟର, ଚିତ୍ର ଓ ଆଲୋକରେ ସଜାଯାଉଛି। ଏଥିପାଇଁ ଦିଲ୍ଲୀର ଅନେକ ଅଞ୍ଚଳ ଏବେ ଉତ୍ସବମୁଖର ଦେଖାଯାଉଛି। ଚଳିତବର୍ଷ ସମ୍ମିଳନୀର ମୁଖ୍ୟ ବିଷୟ ରହିଛି 'ବିଲ୍ଡିଂ ଫର୍ ରେଜିଲିଏନ୍ସ, ଇନୋଭେସନ୍, କୋଅପରେସନ୍ ଆଣ୍ଡ ସଷ୍ଟେନେବିଲିଟି'। ସମ୍ମିଳନୀରେ ବ୍ରିକ୍ସସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ରାଷ୍ଟ୍ରମୁଖ୍ୟ, ବରିଷ୍ଠ ପ୍ରତିନିଧି ଓ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନେ ଯୋଗଦେବେ। ବିଦେଶୀ ଅତିଥିଙ୍କ ଯାତାୟାତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରାୟ ୨୫ ହଜାର ସୁରକ୍ଷାକର୍ମୀ ମୁତୟନ ହେବା ସହ ଏନ୍‌ଏସ୍‌ଜି କମାଣ୍ଡୋ ଓ ଆଣ୍ଟି-ଡ୍ରୋନ୍ ବ୍ୟବସ୍ଥା ମଧ ରହିବ। ଶିଖର ସମ୍ମିଳନୀ ସମୟରେ ଭିଭିଆଇପି କାରକେଡ୍‌ର ଯାତାୟାତ ପାଇଁ ଦିଲ୍ଲୀର ୩୫ରୁ ଅଧିକ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ କିମ୍ବା ଡାଇଭର୍ସନ୍ ବ୍ୟବସ୍ଥା କରାଯିବ। ଏଥିପାଇଁ ୨୨ଟି ଡାଇଭର୍ସନ୍ ପଏଣ୍ଟ ଚିହ୍ନଟ ହୋଇଛି। ମଥୁରା ରୋଡ୍, ଜନପଥ, ଅଶୋକା ରୋଡ୍, ସର୍ଦ୍ଦାର ପଟେଲ ମାର୍ଗ, ଲୋଧି ରୋଡ୍, ପଞ୍ଚଶୀଳ ମାର୍ଗ, ଆଫ୍ରିକା ଆଭେନ୍ୟୁ, ଶାନ୍ତି ପଥ ଓ ତିନମୂର୍ତ୍ତି ମାର୍ଗ ସମେତ ଅନେକ ରାସ୍ତା ଏହାର ଅନ୍ତର୍ଗତ ହେବ। ଯାତ୍ରୀମାନଙ୍କୁ ଯାତ୍ରା ପୂର୍ବରୁ ବିକଳ୍ପ ରାସ୍ତା ବାଛିବାକୁ ଏବଂ ସମ୍ଭବ ହେଲେ ମେଟ୍ରୋ ବ୍ୟବହାର କରିବାକୁ ପୁଲିସ ପରାମର୍ଶ ଦେଇଛି। ସମ୍ମିଳନୀ ଯୋଗୁଁ ଦିଲ୍ଲୀ ହାଇକୋର୍ଟ ଓ ସମସ୍ତ ଜିଲ୍ଲା ଅଦାଲତ ୧୧ ସେପ୍ଟେମ୍ବରରେ ବନ୍ଦ ରହିବ। ଟ୍ରାଏଲ୍ କୋର୍ଟଗୁଡ଼ିକ ୧୨ ସେପ୍ଟେମ୍ବରରେ ମଧ ବନ୍ଦ ରହିବ। ଫଳରେ ୧୧ରୁ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ତିନିଦିନ ଧରି ଦିଲ୍ଲୀର ନିମ୍ନ ଅଦାଲତଗୁଡ଼ିକରେ କାର୍ଯ୍ୟ ହେବ ନାହିଁ। ଏହାଛଡ଼ା ଦିଲ୍ଲୀ ଓ ନୂଆଦିଲ୍ଲୀରେ ଥିବା କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ୧୧ ସେପ୍ଟେମ୍ବର ଶୁକ୍ରବାର ବନ୍ଦ ରହିବ। ୧୨ ଓ ୧୩ ସେପ୍ଟେମ୍ବର ଶନିବାର ଓ ରବିବାର ଥିବାରୁ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ ଭାବେ ବନ୍ଦ ରହିବ।

# ପ୍ରଭାବୀ ଯୋଗାଯୋଗ ନିମନ୍ତେ ମାନବୀୟ ସମ୍ବେଦନଶୀଳତା ଜରୁରୀ: ଏଡିଜି ଅଖିଳ ମିଶ୍ର



ରାଞ୍ଚି ଠାରେ ଆଇଏମପିସିସି ବୈଠକ ଅନୁଷ୍ଠିତ

ରାଞ୍ଚି (ପିଆଇବି) : ରାଞ୍ଚି ସ୍ଥିତ ୟୁଆଇଡିଏଆଇ ଆଞ୍ଚଳିକ କାର୍ଯ୍ୟାଳୟ ଠାରେ ଏକ ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଆଇବି ଭୁବନେଶ୍ୱର ଓ ରାଞ୍ଚିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇ ଜନହିତ ସହ ଜଡ଼ିତ ଯୋଜନା ବିଷୟରେ ମତବିନିମୟ କରିବା ସହିତ ସେମାନଙ୍କର ଉପଲବ୍ଧି ସମ୍ପର୍କରେ ଅବତାରଣା କରିଥିଲେ। ଗଣ ଯୋଗାଯୋଗକୁ ଅଧିକ ଅର୍ଥପୂର୍ଣ୍ଣ ଏବଂ ପ୍ରଭାବୀ କରିବା ଲାଗି ମାନବୀୟ ସମ୍ବେଦନଶୀଳତାର ଗୁରୁତ୍ୱ ଉପରେ ଶ୍ରୀ ମିଶ୍ର ଆଲୋକପାତ କରିଥିଲେ। ଫ୍ରାଞ୍ଜ କାଫକାଙ୍କ ''ମେଟାମର୍ଫୋସିସ୍'' ବିଷୟରେ ଉଲ୍ଲେଖ କରି ସେ କହିଥିଲେ, ମାନବ ସମ୍ପର୍କ ନଷ୍ଟ ହୋଇଗଲେ, ଯୋଗାଯୋଗ ଏକ ସେତୁ ବଦଳରେ ଏକ ପ୍ରତିବନ୍ଧକ ହୋଇଥାଏ। ବିଚ୍ଛିନ୍ନତା, ପ୍ରତ୍ୟାହାର, ମୂଲ୍ୟହୀନତାର ଭାବନା ଏବଂ ଭିନ୍ନତାରୁ ସୃଷ୍ଟି ହେଉଥିବା ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିବାକୁ ପଡ଼ିବ। କାରଣ ପ୍ରତ୍ୟେକ କ୍ରିୟା ପଛରେ ଥିବା ମଣିଷକୁ ଚିହ୍ନି ପାରିଲେ ଯୋଗାଯୋଗ ପ୍ରକୃତରେ ପ୍ରଭାବଶାଳୀ ହୋଇଯାଏ। ୟୁଆଇଡିଏଆଇର ନିର୍ଦ୍ଦେଶକ (ଅଭିଯୋଗ ସମାଧାନ) ରାଜର୍ଷି ଦେ ଝାଡ଼ଖଣ୍ଡରେ ଆଧାର ନେଟୱାର୍କର ପ୍ରସାର ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ସେପ୍ଟେମ୍ବର ୨୦୨୬ ସୁଦ୍ଧା ୧୪ ଜିଲ୍ଲାରେ ସେବା କେନ୍ଦ୍ର ପହଞ୍ଚିଛି ଏବଂ ଜନସେବା ଆଧାର ସେବା କେନ୍ଦ୍ରଗୁଡ଼ିକ ୨୨ ଜିଲ୍ଲାରେ ସେବା ପ୍ରଦାନ କରୁଛି। ରାଞ୍ଚି ଦୂରଦର୍ଶନ କେନ୍ଦ୍ରର ଅଧିକାରୀ ଦିବାକର କୁମାର, ଏମଏମଡିଆର ସଂଶୋଧନ ଆଇନ ସହିତ ୟୁପିଆଇ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ଆୟୁଷ୍ମାନ ଭାରତର ୧୦ବର୍ଷ ପୂର୍ତ୍ତିକୁ ନେଇ ହୋଇଥିବା ପ୍ରଚାରପ୍ରସାର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆକାଶବାଣୀ ନ୍ୟୁଜ୍ ୟୁନିଟ୍ ମୁଖ୍ୟ ମହଭିଶ ରହମାନ ଜିଲ୍ଲାସ୍ତରୀୟ ପ୍ରସାର ଏବଂ ଆଞ୍ଚଳିକ ଭାଷା ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅଧିକାରୀ ପ୍ରଭୁ ଶରଣ ବୈଠକରେ ସାଇବର ଠକେଇ, ଭ୍ରମାତ୍ମକ ବିଜ୍ଞାପନ, ଲୋକ ଅଦାଲତ, କୃଷି ଏବଂ ପୋଷଣ ମାସ ଉପରେ ଆଧାରିତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସିଜିଏଚଏସର ଡାକ୍ତର ସୁନ୍ଦରମ୍, ରାଞ୍ଚିରେ ୩୦ରୁ ଅଧିକ ତାଲିକାଭୁକ୍ତ ହସ୍ପିଟାଲ, ଆଗାମୀ ଜାମସେଦପୁର କେନ୍ଦ୍ର ଏବଂ ପ୍ରସ୍ତାବିତ ଆୟୁର୍ବେଦ କେନ୍ଦ୍ର ଓ ପ୍ରୟୋଗଶାଳା ସମେତ ବିଭିନ୍ନ ସ୍ୱାସ୍ଥ୍ୟସେବା ସୁବିଧା ସୂଚନା ଦେଇଥିଲେ। ଦକ୍ଷିଣ ପୂର୍ବ ରେଳବାଇ, ରାଞ୍ଚି ଡିଭିଜନର ସହାୟକ ବାଣିଜ୍ୟିକ ପରିଚାଳକ ଅଭିଜିତ ବିଶ୍ୱାସ, ଅମୃତ ଭାରତ ଷ୍ଟେସନ, ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା, ୯୫.୭୮% ସମୟାନୁବର୍ତ୍ତିତା, ୧୩୯ ହେଲ୍ପଲାଇନ୍ ଏବଂ ରେଳ ୱାନ୍ ଆପ୍ ସମେତ ପ୍ରମୁଖ ଯାତ୍ରୀ ସେବା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଇଓସିଏଲ ରାଞ୍ଚି ଡିଭିଜନର ଅଧିକାରୀ ଡକ୍ଟର ପ୍ରଦୀପ ପାଉଲ ପଶ୍ଚିମ ଏସିଆ ସଙ୍କଟ ସମୟରେ ସ୍ଥିର ଇନ୍ଧନ ଯୋଗାଣ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ନାବାର୍ଡ ଅଧିକାରୀ ଅମିତ କୁମାର ରାଞ୍ଚିରେ ଗ୍ରାମୀଣ ଭାରତ ମହୋତ୍ସବ ସମେତ ସମବାୟ ବ୍ୟାଙ୍କ କମ୍ପ୍ୟୁଟରୀକରଣ, ଏଫପିଓ, ଜିଆଇ ଉତ୍ପାଦ ଏବଂ ଗ୍ରାମୀଣ ଉଦ୍ୟୋଗ ଉପରେସୂଚନା ଦେଇଥିଲେ। ସିଆଇଏସଏଫ ଅଧିକାରୀ ଅମିତ କୁମାର କହିଥିଲେ, ରାଞ୍ଚି ବିମାନବନ୍ଦରରେ ପ୍ରତିଦିନ ପ୍ରାୟ ୩ହଜାରରୁ ଅଧିକ ଯାତ୍ରୀଙ୍କ ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରାଯାଉଛି। ଏଥିରେ ଡିଜି ଯାତ୍ରାର ମଧ ବହୁଳ ବ୍ୟବହାର ହେଉଛି। ଆଇସିଏଆର-ଏନଆଇଏସଏର ଡକ୍ଟର ନିରଞ୍ଜନ ପ୍ରସାଦ ପ୍ରମୁଖ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶକ ଡକ୍ଟର ବାବୁରାଜ ପି.ପି ବିଭିନ୍ନ ପାଣିପାଗ ସୂଚନା ପ୍ରଦାନରେ ୨୧ଟି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସୁଶ୍ରୀ ଶ୍ରେୟା ଶ୍ରେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ୧୭୬ ବର୍ଷର ଐତିହ୍ୟ ଏବଂ ଖଣିଜ ଅନୁସନ୍ଧାନ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ସେହିପରି ରାଞ୍ଚିସ୍ଥିତ ସେଲ୍ ର ଯୋଗାଯୋଗ ମୁଖ୍ୟ ଉଜ୍ଜ୍ୱଳ ଭାସ୍କର ପ୍ରତିଷ୍ଠାନ ଯାତ୍ରା, କାର୍ଯ୍ୟ ଏବଂ ସଫଳତା ବିଷୟରେ ସୂଚନା ଦେଇଥିଲେ। ବୈଠକରେ ୟୁଆଇଡିଏଆଇ ଆଞ୍ଚଳିକ କାର୍ଯ୍ୟାଳୟର ନିର୍ଦ୍ଦେଶକ ନୀରଜ କୁମାର; ଆକାଶବାଣୀର ଜାଭିୟର କାଣ୍ଡୁଲନା; ରାଞ୍ଚି ରେଳ ବିଭାଗ ଚନ୍ଦନ କୁମାର ସିଂହ; ୟୁଆଇଡିଏଆଇ ଆଞ୍ଚଳିକ କାର୍ଯ୍ୟାଳୟ ଅବଦୁଲ କଲାମ ଅନସାରୀ ଏବଂ ପିଆଇବି ରାଞ୍ଚିର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନୂଆପଡ଼ାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ
# ମାତୃଭାଷାରେ ଭାବ ପ୍ରକାଶ ଅଧିକ ସହଜ ଓ ସ୍ୱାଭାବିକ: ଜିଲ୍ଲାପାଳ



ନୂଆପଡ଼ା (ମାନିସ) : ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସରଳ, ସ୍ୱଚ୍ଛ, ସୁଗମ ଓ ଜନମୁଖୀ କରିବା ଉଦ୍ଦେଶ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ନୂଆପଡ଼ା ଜିଲ୍ଲାରେ ଦୁଇଦିନିଆ ପ୍ରୟୋଗାତ୍ମକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନୂଆପଡ଼ାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ ?ଘାଟନ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନରୁ ଆସିଥିବା ପ୍ରଶିକ୍ଷକମାନଙ୍କୁ ନୂଆପଡ଼ା ଜିଲ୍ଲାକୁ ସ୍ୱାଗତ ଜଣାଇବା ସହ ଦୁଇଦିନିଆ ପ୍ରଶିକ୍ଷଣରେ ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ଏହାର ସୁଫଳ ନେବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ମାତୃଭାଷାରେ ମଣିଷ ନିଜର ଭାବନା, ଚିନ୍ତା ଓ ମତାମତକୁ ଅଧିକ ସହଜ, ସ୍ପଷ୍ଟ ଓ ସ୍ୱାଭାବିକ ଭାବେ ପ୍ରକାଶ କରିପାରେ। ତେଣୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର କେବଳ ଭାଷାର ପ୍ରୟୋଗ ନୁହେଁ, ବରଂ ପ୍ରଶାସନକୁ ସାଧାରଣ ଲୋକଙ୍କ ନିକଟତର କରିବାର ଏକ ପ୍ରଭାବଶାଳୀ ମାଧ୍ୟମ। ସରକାରୀ ନିଷ୍ପତ୍ତି, ଯୋଜନା ଓ ସେବା ସମ୍ପର୍କିତ ସୂଚନା ଲୋକଙ୍କ ନିକଟରେ ସେମାନଙ୍କ ବୁଝିବା ଭାଷାରେ ପହଞ୍ଚିଲେ ପ୍ରଶାସନ ଅଧିକ ଜନମୁଖୀ ଓ ପ୍ରଭାବଶାଳୀ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲାସ୍ତରରେ ଅନୁଷ୍ଠିତ ବିଭିନ୍ନ ସମୀକ୍ଷା ବୈଠକର ବିବରଣୀ ବର୍ତ୍ତମାନ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଉଛି ବୋଲି ମଧ ଜିଲ୍ଲାପାଳ ଉଲ୍ଲେଖ କରିଥିଲେ। ଏହା ଦ୍ୱାରା ବୈଠକର ନିଷ୍ପତ୍ତିଗୁଡ଼ିକ ସହଜରେ ବୁଝିବା ସହ ନିଷ୍ପତ୍ତିର ଅନୁପାଳନ ଓ ପରବର୍ତ୍ତୀ ସମୀକ୍ଷା ଅଧିକ ସୁବିଧାଜନକ ହୋଇପାରୁଛି ବୋଲି ସେ କହିଥିଲେ। ନୂଆପଡ଼ା ଜିଲ୍ଲାର ଐତିହ୍ୟ ଓ ସମୃଦ୍ଧ ପ୍ରାଚୀନ ସଭ୍ୟତା ସମ୍ପର୍କରେ ଉଲ୍ଲେଖ କରି ଜିଲ୍ଲାପାଳ ମାରାଗୁଡ଼ାର ପ୍ରାଚୀନ ସଭ୍ୟତାର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ନୂଆପଡ଼ା ଜିଲ୍ଲାର ପ୍ରକୃତି, ଐତିହ୍ୟ ଓ ସଂସ୍କୃତିକୁ ପ୍ରଶିକ୍ଷକମାନେ ଉପଭୋଗ କରିବେ ବୋଲି ସେ ଆଶା ପ୍ରକାଶ କରିବା ସହ ଜିଲ୍ଲାରେ ସେମାନଙ୍କ ରହଣି ସମୟ ସୁଖଦ ହେବ ବୋଲି କହିଥିଲେ। ଏଠାକାର ସ୍ୱଚ୍ଛ ପରିବେଶ ଓ ତାଜା ପବନ ସେମାନଙ୍କୁ ନିଶ୍ଚିତ ଭାବେ ଆନନ୍ଦ ଦେବ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଓଡ଼ିଆ ଭାଷାରେ କାର୍ଯ୍ୟାଳୟ ପତ୍ର ବିନିମୟ ଓ ଯୋଗାଯୋଗ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରର ସମସ୍ୟା ଓ ସମାଧାନ, ଇଂରାଜୀରୁ ଓଡ଼ିଆ ଟିପ୍ପଣୀ, ଚିଠା ଓ ଆଦେଶନାମା ପ୍ରସ୍ତୁତି, ଅନୁବାଦ ଏବଂ ଓଡ଼ିଆ ଭାଷାରେ ସରକାରୀ କାଗଜପତ୍ର ଓ ଦସ୍ତାବିଜ୍ ପ୍ରସ୍ତୁତି ଭଳି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ପ୍ରୋତ୍ସାହନ, ବୈଠକର ବିବରଣୀ ପ୍ରସ୍ତୁତି, ଓଡ଼ିଆ ଭାଷାରେ କାର୍ଯ୍ୟାଳୟ ଚିଠା ଓ ଟିପ୍ପଣୀ ଲେଖନ, ଓଡ଼ିଆ ବାକ୍ୟ ଗଠନ ଓ ଚିହ୍ନ ପ୍ରୟୋଗ, ଶବ୍ଦଭଣ୍ଡାରର ବ୍ୟାବହାରିକ ପ୍ରୟୋଗ, ଓଡ଼ିଆ ଲିଖନର ସାଧାରଣ ଭ୍ରାନ୍ତି ନିରାକରଣ, ପ୍ରଶାସନିକ ଶବ୍ଦ ନିରୂପଣ, ବନାନ ଅଶୁଦ୍ଧି ନିରାକରଣ, ଓଡ଼ିଆରେ ନଥି ପ୍ରସ୍ତୁତି ଏବଂ ସଂକ୍ଷେପାକ୍ଷରର ବ୍ୟବହାର ଆଦି ବିଷୟ ଉପରେ ମଧ ବ୍ୟବହାରିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଶିକ୍ଷକ ଡ. ପରମେଶ୍ୱର ମୁଣ୍ଡ କହିଥିଲେ ଯେ, ସାଧାରଣ ଲୋକଙ୍କ ଭାଷାରେ ସରକାରୀ କାର୍ଯ୍ୟ ଓ ଯୋଗାଯୋଗ କରିବା ଦ୍ୱାରା ପ୍ରଶାସନ ଅଧିକ ଲୋକାଭିମୁଖୀ ହୋଇପାରିବ। ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ସମେତ ଡ. ସନ୍ତୋଷ କୁମାର ରଥ, ଡ. ବିପ୍ଳବ ରଞ୍ଜନ ପ୍ରଧାନ, ଡ. ସଞ୍ଜୟ କୁମାର ପଣ୍ଡା ଓ ଡ. ପରମେଶ୍ୱର ମୁଣ୍ଡ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଅଧିବେଶନରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ ସଂଚାଳନ କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା ସମନ୍ୱୟ କରିଥିଲେ।

## ୭୫ ସୁଖୋଇ-୫୭ କିଣିବ ଭାରତ
# ଡିଲ୍ ମୂଲ୍ୟ ୧ ଲକ୍ଷ କୋଟି ଟଙ୍କା ହେବା ସମ୍ଭାବନା



ନୂଆଦିଲ୍ଲୀ: ବ୍ରିକ୍ସଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ରୁଷ୍ ମଧ୍ୟରେ ଏକ ବଡ଼ ପ୍ରତିରକ୍ଷା ଚୁକ୍ତି ନେଇ ଚର୍ଚ୍ଚା ଜୋର ଧରିଛି। ରୁଷର ପଞ୍ଚମ ପିଢ଼ିର ଷ୍ଟେଲ୍‌ଥ ଯୁଦ୍ଧବିମାନ ସୁଖୋଇ-୫୭ କିଣିବା ନେଇ ଭାରତ ସହ ଆଲୋଚନା ଚାଲିଛି। ପ୍ରସ୍ତାବିତ ଚୁକ୍ତିରେ ପ୍ରାୟ ୭୫ଟି ବିମାନ ସାମିଲ ହୋଇପାରେ ଯାହାର ମୋଟ ମୂଲ୍ୟ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହୋଇପାରେ ବୋଲି ରିପୋର୍ଟ ଆସିଛି। ତେବେ ଏ ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଚୁକ୍ତି ଚୂଡ଼ାନ୍ତ ହୋଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଆସନ୍ତା ୧୧ ତାରିଖ ଶୁକ୍ରବାର ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ହେବ। ୧୨ ଓ ୧୩ ତାରିଖରେ ଭାରତରେ ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀ ହେବ। ଏହି ବୈଠକରେ ସୁଖୋଇ-୫୭ ବିକ୍ରି ଓ ଏହାର ପ୍ରଯୁକ୍ତି ହସ୍ତାନ୍ତର ପ୍ରମୁଖ ଆଲୋଚନାର ବିଷୟ ହେବ ବୋଲି ରୁଷ୍ ସ୍ପଷ୍ଟ କରିଛି। ରୁଷ୍ ରାଷ୍ଟ୍ରପତିଙ୍କ ମୁଖପାତ୍ର ଦିମିତ୍ରି ପେସ୍କୋଭ୍ ? ମଙ୍ଗଳବାର ମସ୍କୋରୁ ଭାରତୀୟ ସାମ୍ବାଦିକଙ୍କ ସହ ଅନ୍‌ଲାଇନ୍ ଆଲୋଚନାରେ କହିଛନ୍ତି ଯେ ଭାରତକୁ ସୁଖୋଇ-୫୭ ବିକ୍ରି କରିବା ପ୍ରସଙ୍ଗ ପୁଟିନଙ୍କ ଆଲୋଚନା ସୂଚୀରେ ରହିଛି। ଭାରତୀୟ ପକ୍ଷ ଏହି ବିମାନର ଉତ୍ପାଦନ ପ୍ରଯୁକ୍ତି ଚାହୁଁଥିବାରୁ ଏ ନେଇ ଅଧିକ ଆଲୋଚନା ଚାଲିଥିବା ସେ କହିଛନ୍ତି। ସୁଖୋଇ-୫୭ ହେଉଛି ରୁଷର ଉନ୍ନତ ପଞ୍ଚମ ପିଢ଼ିର ଷ୍ଟେଲ୍‌ଥ ଯୁଦ୍ଧବିମାନ। ଭାରତ ପାଇଁ ଏହାର ଆକର୍ଷଣ କେବଳ ବିମାନ କିଣିବାରେ ସୀମିତ ନୁହେଁ। ରୁଷ୍ ଭାରତରେ ଏହାର ଉତ୍ପାଦନ, ପ୍ରଯୁକ୍ତି ହସ୍ତାନ୍ତର ଓ ରକ୍ଷଣାବେକ୍ଷଣ କ୍ଷମତା ବିକାଶ ନେଇ ସହଯୋଗର ସମ୍ଭାବନା ମଧ ରଖିଛି। ଭାରତୀୟ ବାୟୁସେନାର ଯୁଦ୍ଧବିମାନ ସ୍କ୍ୱାଡ୍ରନ୍ ସଂଖ୍ୟା କମୁଥିବା ଏବଂ ସ୍ୱଦେଶୀ ଏଏମ୍‌ସିଏ ଯୁଦ୍ଧବିମାନ ଆସିବାକୁ ଆହୁରି ସମୟ ଲାଗିବା ଦୃଷ୍ଟିରୁ ଏହି ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଉଛି। ଏହି ବୈଠକରେ କେବଳ ସୁଖୋଇ-୫୭ ନୁହେଁ, ଏସ୍-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଉନ୍ନତୀକରଣ, ଦ୍ୱିପାକ୍ଷିକ ବାଣିଜ୍ୟ ଓ ଭାରତରେ ନୂଆ ପରମାଣୁ ଶକ୍ତି ପ୍ରକଳ୍ପ ନେଇ ମଧ ଆଲୋଚନା ହେବାର ସମ୍ଭାବନା ରହିଛି।

# ସ୍କ୍ରବ୍ ଟାଇଫସ୍ ପାଇଁ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା, ଚିହ୍ନଟ ସ୍ଥାନକୁ ଯିବେ ଡାକ୍ତରୀ ଟିମ୍

ଭୁବନେଶ୍ୱର : ସ୍କ୍ରବ୍ ଟାଇଫସ୍ ଚିହ୍ନଟ ସ୍ଥାନକୁ ଯିବେ ଡାକ୍ତରୀ ଟିମ୍। ସ୍କ୍ରବ୍ ଟାଇଫସ୍‌ଚିହ୍ନଟକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଯେଉଁ ସ୍ଥାନରେ ସ୍କ୍ରବ୍ ଟାଇଫସ୍ ଚିହ୍ନଟ ହେଉଛି, ସେଠାକୁ ଡାକ୍ତରୀ ଟିମ୍ ଯିବେ। ଏନେଇ ସୂଚନା ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସ୍କ୍ରବ୍ ଟାଇଫସ୍‌ର ଚିକିତ୍ସା ଓ ନିୟନ୍ତ୍ରଣ ପାଇଁ ଗାଇଡ୍‌ଲାଇନ୍ ପ୍ରସ୍ତୁତ ହୋଇଛି। ରୋଗୀ ଚିହ୍ନଟ, ଚିକିତ୍ସା, ପ୍ରତିଷେଧକମୂଳକ ପଦକ୍ଷେପ ନେଇ ଗାଇଡଲାଇନ। ସ୍କ୍ରବ୍ ଟାଇଫସ୍ ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ, ସେଥିପାଇଁ ପଦକ୍ଷେପ ନିଆଯିବ। ରୋଗ ଚିହ୍ନଟ ହେଉଥିବା ଅଞ୍ଚଳରେ ମଧ ସଚେତନତା ଓ ନିୟନ୍ତ୍ରଣ ପଦକ୍ଷେପ ନେବୁ। ସୂଚନାଯୋଗ୍ୟ ରାଜ୍ୟର ଅନୁଗୋଳ ପାଲଲହଡ଼ାରେ ସ୍କ୍ରବ୍ ଟାଇଫସ୍ ?କୁ ନେଇ ଚିନ୍ତା ବଢ଼ିଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଏହି ରୋଗ ବ୍ୟାପିବାରେ ଲାଗିଥିବା ବେଳେ ଆଉ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ମୃତକ ଜଣକ ହେଉଛନ୍ତି ରଜଡଙ୍ଗ ଗାଁର ଉଷା ନାଏକ। ଏହାକୁ ମିଶାଇ ପାଲଲହଡ଼ା ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ?ରେ ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ରୋଗ ବ୍ୟାପୁ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି। ତେବେ ଗାଁରେ ଡାକ୍ତରୀ ଟିମ୍ ପହଞ୍ଚିନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଡାକ୍ତରୀ ଟିମ୍ ପଠାଇ ଗାଁରେ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଇରାନ ଆମେରିକାର ଯୁଦ୍ଧ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼
# ୱାଶିଂଟନ୍ ନଷ୍ଟ କଲା ୫ ଟ୍ୟାଙ୍କର

ତେହେରାନ୍/ୱାଶିଂଟନ୍/ରିୟାଦ୍/ଆମ୍ମାନ୍ : ଫେବୃଆରୀ ଶେଷ ଭାଗରୁ ଆରମ୍ଭ ହୋଇଥିବା ହରମୁଜ ଜଳପ୍ରବାହ ଉପରେ ଯୁଦ୍ଧ ସମଗ୍ର ମଧ୍ୟପ୍ରାଚ୍ୟକୁ ସଙ୍କଟ ଭିତରକୁ ଠେଲି ଦେଇଛି। ଏହି ଆକ୍ରମଣର ଜବାବରେ ଇରାନ ଆମେରିକାର ସହଯୋଗୀମାନଙ୍କୁ ନିର୍ଦ୍ଦ୍ୱନ୍ଦ୍ୱରେ ଟାର୍ଗେଟ କରୁଛି। ଆମେରିକାର ସେନା କହିଛି ଯେ ଇରାନର ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆରଜିସି) ଆମେରିକାର ନୌସେନା ଯୁଦ୍ଧ ଜାହାଜ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ କରିବା ପରେ ତେହେରାନର ଅଶୋଧିତ ତୈଳ ବହନ କରୁଥିବା ପାଞ୍ଚଟି ଟ୍ୟାଙ୍କରକୁ ନଷ୍ଟ କରିଦେଇଛି। ଆମେରିକାର ଆକ୍ରମଣର ଜବାବରେ, ଆଇ. ଆର୍. ଜି. ସି. କହିଛି ଯେ ଏହା ଜୋର୍ଡାନରେ ଥିବା ଆମେରିକୀୟ ସୈନ୍ୟଙ୍କ ବେସ୍ ଉପରେ ଆକ୍ରମଣ କରିଛି। ଏହି ସମୟରେ ହୁଥିମାନେ ସାଉଦି ଆରବ ଉପରେ ଆକ୍ରମଣ କରିଛନ୍ତି। ଅଲ୍ ଜଜିରା ଏବଂ ସିବିଏସ୍ ନ୍ୟୁଜ୍ ଦ୍ୱାରା ଏହା ରିପୋର୍ଟ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଆଇଆରଜିସି ନୌସେନା ମଧ କୁଏତ ଏବଂ ବାହାରିନରେ ଥିବା ତୈଳ ଟ୍ୟାଙ୍କର କର୍ମଚାରୀମାନଙ୍କୁ ସେମାନଙ୍କ ଜାହାଜ ପରିତ୍ୟାଗ କରିବାକୁ ଚେତାବନୀ ଦେଇଛି। ଯଦି ସେମାନେ ନ କରନ୍ତି ତେବେ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିବେ ବୋଲି ମଧ ସେମାନେ ଧମକ ଦେଇଥିଲେ। ଏହି ସମୟରେ, ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ତେହେରାନକୁ ଚେତାବନୀ ଦେଇଛନ୍ତି ଯେ ଆମେରିକାର ଯୁଦ୍ଧ ଜାହାଜ ଉପରେ ଆକ୍ରମଣର ଜବାବରେ ୱାଶିଂଟନ୍ ଇରାନୀୟ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ଜାରି ରଖିବ। ଆମେରିକୀୟ ସେନାର ସେଣ୍ଟ୍ରାଲ କମାଣ୍ଡ (ସେନ୍ଟ୍‌କମ୍) ମଙ୍ଗଳବାର ଦିନ ନିଶ୍ଚିତ କରିଛି ଯେ ଏହା ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସର ପାଞ୍ଚଟି ତୈଳ ଟ୍ୟାଙ୍କରକୁ ନଷ୍ଟ କରିଦେଇଛି। ସେଣ୍ଟକମ୍ କହିଛି ଯେ ଗତ କିଛି ଦିନ ମଧ୍ୟରେ ଆମେରିକାର ଯୁଦ୍ଧ ଜାହାଜ ଉପରେ ଇରାନ୍ର କ୍ଷେପଣାସ୍ତ୍ର ଆକ୍ରମଣର ଜବାବରେ ଏହି ଆକ୍ରମଣ କରାଯାଇଥିଲା। ସେଣ୍ଟକମ୍ ଅନୁଯାୟୀ, ଓମାନ ଉପସାଗରରେ ଚାରୋଟି ଟ୍ୟାଙ୍କର ଏବଂ ଖର୍ଗ ଦ୍ୱୀପ ନିକଟରେ ପଞ୍ଚମ ଟ୍ୟାଙ୍କରକୁ ଟାର୍ଗେଟ କରାଯାଇଥିଲା। ଖର୍ଗ ଦ୍ୱୀପ ପାରସ୍ୟ ଉପସାଗରରେ ଅବସ୍ଥିତ ଏବଂ ଏହା ଅଶୋଧିତ ତୈଳ ରପ୍ତାନୀ ପାଇଁ ଇରାନର ମୁଖ୍ୟ ଟର୍ମିନାଲ। ଅଭିଯୋଗ ହୋଇଛି ଯେ ଏହି ଜାହାଜଗୁଡ଼ିକ ଇରାନର ଛାୟା ନୌବାହିନୀର ଅଂଶବିଶେଷ ଥିଲା। ସେଣ୍ଟକମ୍ କହିଛି ଯେ ଆମେରିକା ସେନା ଟ୍ୟାଙ୍କରଗୁଡ଼ିକୁ ଆକ୍ରମଣ କରିବା ପୂର୍ବରୁ ସେମାନଙ୍କୁ ପରିତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥିଲା।

## 'ବିବାହ ବ୍ୟକ୍ତିଗତ ସ୍ୱାୟତ୍ତତାର ଅନ୍ତ ନୁହେଁ'
# ବୈବାହିକ ଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ



ନୂଆଦିଲ୍ଲୀ : ବୈବାହିକ ଦୁଷ୍କର୍ମକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ଟିପ୍ପଣୀ। ବିବାହ ପରେ ବି ଶେଷ ହୁଏନି ପତ୍ନୀଙ୍କ ସହମତିର ଅଧିକାର। ବିବାହର ଅର୍ଥ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାୟତ୍ତତାର ଅନ୍ତ ନୁହେଁ। ବହୁ ବିବାଦୀୟ ବୈବାହିକ ଦୁଷ୍କର୍ମ ଭଳି ଅଭିଯୋଗକୁ ଅପରାଧ ଶ୍ରେଣୀଭୁକ୍ତ କରାଯିବ କି ନୁହେଁ, ସେ ସଂପର୍କିତ ମାମଲାର ଶୁଣାଣି କରିଛନ୍ତି ସର୍ବୋଚ୍ଚ ଅଦାଲତ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି।.

ବୈବାହିକ ଦୁଷ୍କର୍ମ: ସୁପ୍ରିମକୋର୍ଟଙ୍କ ବଡ଼ ଟିପ୍ପଣୀ

- ବୈବାହିକ ଦୁଷ୍କର୍ମ ଅଭିଯୋଗକୁ ଅପରାଧ ଶ୍ରେଣୀଭୁକ୍ତ କରାଯିବ କି ?
- ଜଣେ ସ୍ୱାମୀଙ୍କୁ ବଳାତ୍କାର ଅପରାଧରେ ମାମଲା କରାଯାଇପାରିବ କି ?
- ବୈବାହିକ ଦୁଷ୍କର୍ମକୁ ନେଇ ବଡ଼ ଟିପ୍ପଣୀ ଦେଲେ ସୁପ୍ରିମକୋର୍ଟ
- ବିବାହ ପରେ ବି ଶେଷ ହୁଏନି ପତ୍ନୀଙ୍କ ସହମତିର ଅଧିକାର
- ବିବାହର ଅର୍ଥ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାୟତ୍ତତାର ଅନ୍ତ ନୁହେଁ
- ସୁପ୍ରିମକୋର୍ଟ ପ୍ରଥମେ କର୍ଣ୍ଣାଟକ ହାଇକୋର୍ଟର ରାୟ ବିରୁଦ୍ଧରେ ଦାୟର ଅପିଲ ଶୁଣିବେ
- ବିବାହିତ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ
- ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ରଖିଲେ ପକ୍ଷ
- ବୈବାହିକ ଦୁଷ୍କର୍ମକୁ ଭିନ୍ନ ଅପରାଧ ଦର୍ଶାଇବା ସଂସଦ ଓ କାର୍ଯ୍ୟପାଳିକାର କାମ
- ଏହା ସୁପ୍ରିମକୋର୍ଟଙ୍କ ଅଧିକାର କ୍ଷେତ୍ରର ବିଷୟ ନୁହେଁ ବୋଲି କହିଲା କେନ୍ଦ୍ର
- ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ

# ରାସ୍ତା ତଳକୁ ଓଲଟିଲା ବସ, ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

ପଟ୍ଟାମୁଣ୍ଡାଇ : କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ରଙ୍ଗିନ ତାଳଚୁଆ ରୁ କଟକକୁ ଚାଲୁଥିବା ପ୍ରିନ୍ସି (ଗୌରୀ ଶଙ୍କର) ବସ ପ୍ରତିଦିନ ଭଳି ଆଜି କଟକରୁ ତାଳଚୁଆ ଫେରୁଥିବା ବେଳେ ପଟାମୁଣ୍ଡାଇ କଖାରୁଣି ରାସ୍ତାର ଅଳ୍ପ ଦୂରରେ ଭାରା ସାମ୍ୟ ହରାଇବା ଫଳରେ ଗାଡି ଓଲଟି ପଡ଼ିଯିବା ଫଳରେ ଗାଡି ରେ ଥିବା ୬୦/୭୦ ଜଣ ଯାତ୍ରୀ ଚିତ୍କାର କରିଥିଲେ। ପ୍ରତ୍ୟକ୍ଷଦର୍ଶୀ ମାନେ ତତକ୍ଷଣାତ ଅଗ୍ନିଶମକୁ ଫୋନ କରିଥିଲେ। ଫୋନ ପାଇ ଅଗ୍ନିଶମ ବାହିନୀ ତଥା ଗ୍ରାମାଂଚଳ ଥାନାର ଅଧିକାରୀ ପୁରା ଟିମ ପଠାଇଥିଲେ ତତ୍ ସହିତ ପଟାମୁଣ୍ଡାଇ ଆଦର୍ଶ ଥାନାର ଅଧିକାରୀ ମାନସ ମଲ୍ଲିକ ଓ ପଟାମୁଣ୍ଡାଇ ଏସଡିପିଓ ସୁକାନ୍ତ କୁମାର ପାତ୍ର ଉପସ୍ଥିତ ହୋଇ ଉଧାର କାର୍ଯ୍ୟକୁ ତ୍ୱରାନିତ କରିଥିଲେ। ପରେ ପରେ ଜିଲ୍ଲା ମୋଟର ଜାନ ଅଧିକାରୀଣି କାଜଲ ପ୍ରଧାନ ଓ ସ୍ଥାନୀୟ ଜନସାଧାରଣ ମାନେ ଯାତ୍ରୀ ମାନଙ୍କୁ ଉଧାର କରିଥିଲେ। ରାସ୍ତା କଡର ବୃକ୍ଷ ହିଁ ଆଜି ଏକ ବିରାଟ ଦୁର୍ଘଟଣାରୁ ରକ୍ଷା କରିପାରିଥିଲା। ପଟାମୁଣ୍ଡାଇ ରାଜନଗର ରାସ୍ତାରେ ଭାରି ଯାନ ଚଳାଚଳର ପରମିଶନ ନ ଥାଇ ଶହଶହ ଗାଡି ଚାଲିବା ଫଳରେ ଏବଂ ନିମ୍ନମାନର ଖଣ୍ଡିଆ ଖାବରା ରାସ୍ତା ଯୋଗୁ ପ୍ରତିଦିନ ଦୁଘଟଣା ଘଟୁଛି ବୋଲି ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ରାସ୍ତା ମରାମତି କରିବା ସହିତ ଭାରି ଯାନ ଚଳାଚଳ ଉପରେ ନିୟନ୍ତ୍ରଣ ରଖିବାକୁ ସାଧାରଣ ରେ ଦାବି ହୋଇଛି।

## ଲାଲପଥର ଜଳପ୍ରପାତରେ ଅଘଟଣ
# ପାଣିରେ ବୁଡ଼ି ୧୫ ବର୍ଷୀୟ ନାବାଳକ ମୃତ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ଲାଲପଥର ଜଳପ୍ରପାତରେ ଅଘଟଣ ଘଟି ଜଣେ ୧୫ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଝାରସୁଗୁଡ଼ା ସହରର ଭୁଲିଆଟିକ୍ରା ଅଂଚଳର ଅର୍ପିତ ତ୍ରିପାଠୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅର୍ପିତ ଆଜି ନିଜ ସାଙ୍ଗମାନଙ୍କ ସହ ଲାଲପଥର ଜଳପ୍ରପାତକୁ ବୁଲିବାକୁ ଆସିଥିଲେ। ସାଙ୍ଗମାନଙ୍କ ସହ ଜଳପ୍ରପାତରେ ଗାଧୋଉଥିବା ସମୟରେ ହଠାତ୍ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ଖୋଜାଖୋଜି କରିବା ସହ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଥିଲେ। ଖବର ପାଇ ଲଖନପୁର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୪ ଘଂଟା ଧରି ଖୋଜାଖୋଜି କରିବା ପରେ ଜଳପ୍ରପାତର ପାଣି ଭିତରୁ ଅର୍ପିତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଅଘଟଣ ପରେ ଅର୍ପିତଙ୍କ ପରିବାର ଓ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

## ଏସଆଇଆରକୁ ନେଇ ବଢୁଛି ବିବାଦ
# ତ୍ରୁଟି ଅଭିଯୋଗରେ ନିଆଳି, ଝାରସୁଗୁଡ଼ା ଓ ପାଟଣାଗଡ଼ରେ ବିକ୍ଷୋଭ

ଭୁବନେଶ୍ୱର : ଥମୁନି ଏସ୍‌ଆଇଆର୍ ତାତି। ରାଜ୍ୟର ବିଭିନ୍ନ ସ୍ଥାନରେ ତେଜୁଛି ବିରୋଧ, ଆନ୍ଦୋଳନର ମଙ୍ଗ ଧରୁଛି ବିରୋଧୀ ବିଜେଡି। ରାଜନୈତିକ ଉଦ୍ଦେଶ୍ୟ ରଖି ଆକ୍ରୋଶମୂଳକ ଭାବେ ନାଁ କଟାଯାଉଥିବା, ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଟାର୍ଗେଟ୍ କରାଯାଉଥିବା ଆଦି ଅଭିଯୋଗରେ କେଉଁଠି ଅଫିସ ଘେରାଉ ହୋଇଛି, ତ କେଉଁଠି ବିରାଟ ପ୍ରତିବାଦ ଶୋଭାଯାତ୍ରା। ନିଆଳି, ଝାରସୁଗୁଡ଼ା, ପାଟଣାଗଡ଼। ବିଭିନ୍ନ ସ୍ଥାନରେ ଏସ୍ ?ଆଇଆର୍ ତ୍ରୁଟି ଅଭିଯୋଗରେ ତେଜୁଛି ଜନ ଆନ୍ଦୋଳନ, ବଢୁଛି ରାଜନୀତି ପାରା। କଟକ ଜିଲ୍ଲା ନିଆଳିରେ ଭୋଟର୍ ତାଲିକାରୁ ୧୦୦ରୁ ଅଧିକ ସଂଖ୍ୟାଲଘୁ ବାଦ୍ ପଡ଼ିଥିବା ଅଭିଯୋଗ କରି, ତହସିଲ ଅଫିସ ଘେରାଉ ହୋଇଛି। ନୂଆଗାଁ ଓ ନିଆଳି ପଂଚାୟତର ଏଭଳି ତ୍ରୁଟି ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଅଭିଯୋଗ କରି, ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଝାରସୁଗୁଡ଼ାରେ ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ନାଁ କଟାଯାଇଥିବା ଅଭିଯୋଗ କରି, ବିରୋଧ ଶୋଭାଯାତ୍ରା କରିଛି ବିଜେଡି। ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀଙ୍କ ସମର୍ଥନରେ ଜାଣିଶୁଣି କରାଯାଇଥିବା କହିଛନ୍ତି ଲୋକେ। ପୂର୍ବତନ ବିଧାୟିକା ଦୀପାଳି ଦାସ ଏଥିରେ ସାମିଲ ହୋଇଥିବା ବେଳେ, ଏସ୍ ?ଡିପିଓଙ୍କୁ ଦାବିପତ୍ର ଦେଇଛି ଦଳ। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ୧୧ ଦଫା ଦାବି ନେଇ ଉପଜିଲ୍ଲାପାଳଙ୍କ ଅଫିସ୍ ଘେରାଉ କରିଛି ବିଜେଡି। ସେଥିରୁ ଗୋଟିଏ ପ୍ରମୁଖ ଦାବି ହେଉଛି ଏସ୍ ?ଆଇଆର୍ ସମ୍ପର୍କିତ। ତେବେ ନାଁ କଟାକୁ ନେଇ ନୁହେଁ, ନା କଟା ନଯିବାକୁ ନେଇ। ଉପମୁଖ୍ୟମନ୍ତ୍ରୀ କେଭିଙ୍କ ଝିଅ ରାଜସ୍ଥାନ ଉଦୟପୁରରେ ବାହା ହୋଇ, ସେଠାରେ ରହୁଛନ୍ତି। ଅଥଚ ଏସ୍ ?ଆଇଆର୍ ସଂଶୋଧନରେ ତାଙ୍କ ନାଁ କାହିଁକି କଟାଗଲା ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି ବିରୋଧୀ।

# ବିହାରରେ ବନ୍ୟା ସ୍ଥିତି ଗମ୍ଭୀର, ୧୪ ଜିଲ୍ଲାରେ ୩୫ ଲକ୍ଷରୁ ଅଧିକ ପ୍ରଭାବିତ



ଭୁବନେଶ୍ୱର : ଲଗାଣ ବର୍ଷା ପରେ ବିହାରରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ଗଙ୍ଗା ସମେତ ୮ଟି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ଅନେକ ସ୍ଥାନରେ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ରାଜ୍ୟର ୧୪ଟି ଜିଲ୍ଲାର ୮୪ଟି ବ୍ଲକ୍ ? ଓ ୫୧୪ଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି। ପ୍ରାୟ ୩୫.୮୯ ଲକ୍ଷ ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଗଙ୍ଗା, କୋଶୀ, ଗଣ୍ଡକ, ବୁଢ଼ୀ ଗଣ୍ଡକ, ପୁନପୁନ, ବାଗମତୀ ଓ ଘାଘରା ନଦୀରେ ଜଳସ୍ତର ବଢ଼ିଚାଲିଛି। ସାରଣ ଜିଲ୍ଲାରେ ମାହି ନଦୀ ଉପରେ ନିର୍ମିତ ବନ୍ଧ ଭାଙ୍ଗିଯିବା ପରେ ସ୍ଥିତି ଆହୁରି ଚିନ୍ତାଜନକ ହୋଇଛି। ପାଟନା, ଭୋଜପୁର, ସାରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ, ବକ୍ସର, ସମସ୍ତିପୁର, ମୁଙ୍ଗେର, କାଟିହାର, ଲକ୍ଷୀସରାଇ, ଖଗରିଆ, ପୂର୍ଣ୍ଣିଆ ଓ ଅରୱାଲ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଛି। ସେପ୍ଟେମ୍ବରରେ ଏପର୍ଯ୍ୟନ୍ତ ୭୯.୬ ମିଲିମିଟର ବର୍ଷା ହୋଇଛି, ଯାହା ସ୍ୱାଭାବିକଠାରୁ ୩୧ ପ୍ରତିଶତ ଅଧିକ। ଏପଟେ ଉତ୍ତର ପ୍ରଦେଶରେ ମଧ ବର୍ଷାର ପ୍ରଭାବ ଦେଖାଦେଇଛି। ଲଖିମପୁର ଓ ବରେଲିରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଛି। ବାରାଣସୀରେ ପ୍ରି-ପ୍ରାଥମିକରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖାଯାଇଛି। ଉତ୍ତରାଖଣ୍ଡର ପୌଡ଼ିରେ ଭୂସ୍ଖଳନ ଯୋଗୁଁ ଘର ଓ ଦୋକାନରେ ଫାଟ ସୃଷ୍ଟି ହୋଇଛି। ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ଆଶଙ୍କାରେ ୟେଲୋ ଆଲର୍ଟ ଜାରି ହୋଇଛି। ପଶ୍ଚିମବଙ୍ଗର ମାଲଦାରେ ମଧ ଗଙ୍ଗାର ଜଳସ୍ତର ବଢୁଥିବା ବେଳେ ମଧ୍ୟପ୍ରଦେଶରେ ଆଗାମୀ ତିନି ଦିନ ବର୍ଷାରୁ ଆଶ୍ୱସ୍ତି ମିଳିବା ସମ୍ଭାବନା ରହିଛି।

## ହ୍ୟାଲୋ ବଲିଉଡ୍



### 'ବେବି ବମ୍ପ' ଫଟୋ ସେୟାର କଲେ ଦୀପିକା

ବଲିଉଡର ଚର୍ଚ୍ଚିତ ଦମ୍ପତି ରଣବୀର ସିଂହ ଓ ଦୀପିକା ପାଦୁକୋନ୍। ବର୍ତ୍ତମାନ ତାଙ୍କ ପରିବାରରୁ ଆସିଛି କିଛି ଖାସ୍ ମୁହୂର୍ତ୍ତ। ସୋସିଆଲ ମିଡିଆରେ ରଣବୀର ସେୟାର କରିଛନ୍ତି ଦୀପିକାଙ୍କ ମ୍ୟାଟରନିଟି ସୁଟ୍ର କିଛି ଅନସିନ୍ ଫଟୋ। ଯାହା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏହି ଫଟୋଗୁଡ଼ିକରେ, ଦମ୍ପତି ସେମାନଙ୍କ ଝିଅ ଦୁଆଙ୍କ ସହିତ କ୍ୱାଲିଟି ଟାଇମ୍ ବିତାଉଥିବାର ଦେଖାଯାଉଛି। ରଣବୀର ଏବଂ ଦୀପିକା ଦୁଆଙ୍କ ସହିତ ହସ ଖୁସି ଏବଂ ସୁନ୍ଦର ପାରିବାରିକ ମୁହୂର୍ତ୍ତଗୁଡ଼ିକୁ ପାଳନ କରୁଥିବାର ଦେଖାଯାଉଛି। ରଣବୀର ସିଂହ ଏବଂ ଦୀପିକା ପାଦୁକୋଣଙ୍କ ଝିଅ ଦୁଆ ୨ ବର୍ଷ ବୟସର ହୋଇଗଲାଣି। ଏହି ବିଶେଷ ଅବସରରେ, ଦମ୍ପତି ସେମାନଙ୍କ ଝିଅ ସହିତ ସୁନ୍ଦର ଫଟୋ ସେୟାର କରିଛନ୍ତି। ଗୋଟିଏ ବିଶେଷ ଫଟୋ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ରଣବୀର ଦୀପିକାଙ୍କୁ ପ୍ରେମରେ ଆଲିଙ୍ଗନ କରୁଥିବାର ଦେଖାଯାଉଛି। ଏତିକି ହିଁ ନୁହେଁ ଅଭିନେତ୍ରୀ ତାଙ୍କର ବେବି ବମ୍ପକୁ ମଧ ପ୍ରଦର୍ଶନ କରୁଥିବାର ଦେଖାଯାଉଛି। ଏହି ସୁନ୍ଦର ଫଟୋଗୁଡ଼ିକ ସ୍ପଷ୍ଟ ଭାବରେ ପ୍ରତିଫଳିତ କରୁଛି ଯେ ଦମ୍ପତି ସେମାନଙ୍କ ପ୍ରଥମ ସନ୍ତାନର ଆଗମନକୁ ଅପେକ୍ଷା କରିବା ସମୟରେ ଅନୁଭବ କରିଥିବା ଆନନ୍ଦ ଏବଂ ଉତ୍ସାହକୁ ପ୍ରତିଫଳିତ କରୁଛି। ଇନଷ୍ଟାଗ୍ରାମରେ ଫଟୋ ଗୁଡ଼ିକୁ ସେୟାର କରି ରଣବୀର ସିଂହ ଲେଖିଛନ୍ତି, 'ବେବି ଦୁଆ ଏବଂ ଆମର ହୃଦୟ ବଡ଼ ହେଉଛି ! ଆପଣଙ୍କ ଆଶୀର୍ବାଦ ପାଇଁ ଧନ୍ୟବାଦ।'

## ଭାରତ ରତ୍ନ ବୈଜ୍ଞାନିକ ସି.ଏନ୍.ଆର. ରାଓଙ୍କୁ ନୋଟିସ୍

### ବନାନରେ ତ୍ରୁଟି ପାଇଁ ନିର୍ବାଚନ ଆୟୋଗଙ୍କ ଆହ୍ୱାନ

**ନୂଆଦିଲ୍ଲୀ:** ବିଶିଷ୍ଟ ବିଜ୍ଞାନୀ ତଥା ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରାପ୍ତ ପ୍ରଫେସର ସି.ଏନ୍.ଆର. ରାଓଙ୍କୁ ନୋଟିସ୍। କର୍ଣ୍ଣାଟକରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (SIR) ପ୍ରକ୍ରିୟା ସମୟରେ ତାଙ୍କ ନାମର ବାନାନରେ ତ୍ରୁଟି ଦେଖାଯିବାରୁ, ନିଜର ପରିଚୟ ପ୍ରମାଣିତ କରିବା ପାଇଁ ତାଙ୍କୁ ହାଜର ହେବାକୁ କୁହାଯାଇଛି।



ସୂଚନା ଅନୁଯାୟୀ, ପୁରୁଣା ଭୋଟର ତାଲିକାରେ ତାଙ୍କ ନାମ 'Prof CNR Rao' ଲେଖାଯାଇଥିବା ବେଳେ ବର୍ତ୍ତମାନର ତାଲିକାରେ 'Prof' ସ୍ଥାନରେ ଭୁଲବଶତଃ ଗୋଟିଏ ଅତିରିକ୍ତ 'ଲ' ଯୋଡ଼ି ହୋଇ 'Proff CNR Rao' ହୋଇଯାଇଛି। ଏହି ବାନାନ ଅସଙ୍ଗତି ପାଇଁ ପ୍ରଶାସନ ପକ୍ଷରୁ ଏହି ନୋଟିସ୍ ପଠାଯାଇଛି। ନିୟମ ଅନୁସାରେ ଯାହା ନାମରେ ନୋଟିସ୍ ଜାରି ହୋଇଥାଏ, ସେହି ବ୍ୟକ୍ତିଙ୍କୁ ନିଜେ ଶୁଣାଣି ସମୟରେ ଉପସ୍ଥିତ ରହିବାକୁ ପଡ଼ିଥାଏ। ଏଥିପାଇଁ ୯୨ ବର୍ଷୀୟ ଏହି ବରିଷ୍ଠ ବିଜ୍ଞାନୀଙ୍କୁ ବେଙ୍ଗାଲୁରୁର ମଲ୍ଲେଶ୍ୱରମ୍ ଅଞ୍ଚଳରେ ହେବାକୁ ଥିବା ଶୁଣାଣିରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

ବେଙ୍ଗାଲୁରୁରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ରାଓ କେବଳ ଭାରତ ନୁହେଁ, ବରଂ ସମଗ୍ର ବିଶ୍ୱର ବିଜ୍ଞାନ ଜଗତରେ ଏକ ଜଣାଶୁଣା ନାମ। 'ସୋଲିଡ୍-ଷ୍ଟେଟ୍ ଆଣ୍ଡ ଷ୍ଟ୍ରକଚରାଲ୍ କେମିଷ୍ଟ୍ରି' କ୍ଷେତ୍ରରେ ତାଙ୍କର ବିଶେଷ ଯୋଗଦାନ ରହିଛି। ଭାରତର ବୈଜ୍ଞାନିକ ନୀତି ନିର୍ଦ୍ଧାରଣରେ ମଧ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବୈଜ୍ଞାନିକ ପରାମର୍ଶଦାତା ପରିଷଦର ସଦସ୍ୟ ଥିଲେ ଏବଂ ପରବର୍ତ୍ତୀ ସମୟରେ ରାଜୀବ ଗାନ୍ଧୀ, ଏଚ.ଡି. ଦେବଗୌଡ଼ା, ଆଇ.କେ. ଗୁଜରାଲ ଓ ମନମୋହନ ସିଂହଙ୍କ ଭଳି ଚାରିଜଣ ପ୍ରଧାନମନ୍ତ୍ରୀଙ୍କ କାଳରେ ବୈଜ୍ଞାନିକ ପରାମର୍ଶଦାତା ପରିଷଦର ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି।

ସେ ପ୍ରସିଦ୍ଧ 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ' (IISc) ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ସହ ଜବାହରଲାଲ ନେହେରୁ ସେଣ୍ଟର ଫର ଆଡଭାନ୍ସଡ ସାଇଣ୍ଟିଫିକ୍ ରିସର୍ଚ୍ଚ (JNCASR) ର ପ୍ରତିଷ୍ଠାତା ସଭାପତି ଥିଲେ। ଭାରତ ରତ୍ନ ବ୍ୟତୀତ ତାଙ୍କୁ ପଦ୍ମଶ୍ରୀ, ପଦ୍ମବିଭୂଷଣ ଏବଂ କର୍ଣ୍ଣାଟକ ରତ୍ନ ଭଳି ଅନେକ ପ୍ରମୁଖ ସମ୍ମାନରେ ସମ୍ମାନିତ କରାଯାଇଛି। ଏତେ ବଡ଼ ବୈଜ୍ଞାନିକଙ୍କ ନାମରେ ଏପରି ସାମାନ୍ୟ କ୍ଲେରିକାଲ୍ ତ୍ରୁଟି ଯୋଗୁଁ ନୋଟିସ୍ ଯିବା ଘଟଣାକୁ ନେଇ ଏବେ ବେଶ୍ ଚର୍ଚ୍ଚା ଚାଲିଛି।

## ମାସୁଦ ଆଝାର ଆଫଗାନିସ୍ତାନରେ ଲୁଚି ରହିଥିବା ପାକିସ୍ତାନର ଦାବିକୁ ତାଲିବାନର ଖଣ୍ଡନ

**କାବୁଲ:** ଜୈଶ-ଏ-ମହମ୍ମଦର ପ୍ରତିଷ୍ଠାତା ମୁଖ୍ୟ ମୌଲାନା ମାସୁଦ ଆଝାର ଆଫଗାନିସ୍ତାନରେ ଲୁଚି ରହିଥିବା ପାକିସ୍ତାନର ବାରମ୍ବାର ଦାବିକୁ ତାଲିବାନ ସରକାର ଖଣ୍ଡନ କରିଛନ୍ତି। ଆଫଗାନ ବୈଦେଶିକ ମନ୍ତ୍ରଣାଳୟ ନିଶ୍ଚିତ କରିଛି ଯେ, ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ହୋଇଥିବା ମାସୁଦ ଆଝାର ଆମ ଦେଶରେ ନାହିଁ। ଇସଲାମାବାଦ ବହୁ ଦିନ ଧରି ଦାବି କରିଆସୁଛି ଯେ ଆଝାର ମେ' ୨୦୧୯ରେ ଡୁରାଣ୍ଡ ରେଖା ପାର କରିବା ପରେ ଆଫଗାନିସ୍ତାନ ପଳାଇ ଯାଇଥିଲା ଏବଂ ସେଠାରେ ରହିଛି। କାବୁଲ ଦୋହରାଇଛି ଯେ, ଆଫଗାନିସ୍ତାନ ମାଟିକୁ ଅନ୍ୟ କୌଣସି ଦେଶ ବିରୋଧରେ ବ୍ୟବହାର କରାଯିବ ନାହିଁ।



**ଅନେକ ବଡ଼ ଆକ୍ରମଣର ସେ ମାଷ୍ଟରମାଇଣ୍ଡ**

ଆଝାର ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ। ୨୦୦୧ ସଂସଦ ଆକ୍ରମଣ, ୨୦୦୮ ମୁମ୍ବାଇ ଆକ୍ରମଣ, ୨୦୧୬ ପଠାନକୋଟ ବାୟୁସେନା ଘାଟି ଆକ୍ରମଣ ଏବଂ ୨୦୧୯ ପୁଲୱାମା ବିସ୍ଫୋରଣ ସମେତ ଦେଶରେ ଅନେକ ବଡ଼ ଆକ୍ରମଣର ସେ ମାଷ୍ଟରମାଇଣ୍ଡ। ଜାତିସଂଘ ସୁରକ୍ଷା ପରିଷଦ ମେ' ୨୦୧୯ରେ ତାକୁ ବିଶ୍ୱ ଆତଙ୍କବାଦୀ ଭାବରେ ଘୋଷଣା କରିଥିଲା।

ଆତଙ୍କବାଦୀ ପାଣ୍ଠି ଯୋଗାଣ ବିରୋଧୀ ପ୍ରୟାସର ଅନ୍ତର୍ଜାତୀୟ ଯାଞ୍ଚ ମଧରେ ପାକିସ୍ତାନର ଆଝାରର ଅବସ୍ଥିତି ବିଷୟରେ ଦାବି ମଧ ଆସିଛି। ମନି ଲଣ୍ଡରିଂ ଏବଂ ଆତଙ୍କବାଦ ପାଣ୍ଠି ଯୋଗାଣ ମୁକାବିଲାରେ ତ୍ରୁଟି ପାଇଁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ ୨୦୧୮ ରୁ ୨୦୨୨ ପର୍ଯ୍ୟନ୍ତ ପାକିସ୍ତାନକୁ ଗ୍ରେ ତାଲିକାରେ ରଖିଥିଲା। ଗ୍ରେ ତାଲିକାରୁ ବାହାରିବା ପାଇଁ, ପାକିସ୍ତାନ ଅନେକ ପଦକ୍ଷେପ ନେଇଥିଲା। ଯେଉଁଥିରେ ଜେଇଏମ୍, ଏଲ୍ଇଟି ଏବଂ ସେମାନଙ୍କର ସହଯୋଗୀ ସଂଗଠନଗୁଡ଼ିକୁ ନିଷିଦ୍ଧ କରିବା ଏବଂ ଗୋଷ୍ଠୀଗୁଡ଼ିକର ନେତାମାନଙ୍କ ବିରୋଧରେ ମାମଲା ରୁଜୁ କରିବା ଆଦି ଅନ୍ତର୍ଭୁକ୍ତ ଥିଲା। ୨୦୨୧ ମସିହାରେ ପାକିସ୍ତାନର ଏକ କୋର୍ଟ ଆଝାରକୁ ତାଙ୍କ ଅନୁପସ୍ଥିତିରେ ଦୋଷୀ ସାବ୍ୟସ୍ତ କରିଥିଲା। ଆବଶ୍ୟକୀୟ କାର୍ଯ୍ୟ ଯୋଜନା ସମାପ୍ତ କରିବା ପରେ ପାକିସ୍ତାନ ଉପରୁ ୨୦୨୨ ମସିହାରେ ଗ୍ରେ ତାଲିକାରୁ ହଟାଇ ଦିଆଯାଇଥିଲା।

## ରୁଷରେ ହିମସ୍ଖଳନ; ୧୨ ପର୍ବତାରୋହୀ ମୃତ, ୬ ନିଖୋଜ

**ମସ୍କୋ :** ରୁଷର ଉତ୍ତର କାକେସସ୍ ଅଞ୍ଚଳରେ ଥିବା ମାଉଣ୍ଟ ମିଜହିରଗିରେ ରବିବାର ସନ୍ଧ୍ୟାରେ ହିମସ୍ଖଳନ ହୋଇଥିଲା। ଏଥିରେ ୧୧ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଛି। ୬ ଜଣ ନିଖୋଜ ଅଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ୫୦ରୁ ଅଧିକ ସୁରକ୍ଷାକର୍ମୀ



ପ୍ରୟାସ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ୩୩ ପର୍ବତାରୋହୀଙ୍କ ଏକ ଗୋଷ୍ଠୀ ପାହାଡ଼ରେ ଚଢୁଥିଲେ। ଏହି ସମୟରେ ଅଚାନକ ହିମସ୍ଖଳନ ହୋଇ ତାଙ୍କ ଉପରେ ଆସି ପଡ଼ିଥିଲା। ଏହା ଫଳରେ ଅନେକ ପର୍ବତାରୋହୀ ବରଫ ତଳେ ଦବି ଯାଇଥିଲେ। ୧୦ ଜଣ ଯେ କୌଣସି ପ୍ରକାରରେ ଜୀବନ ବଞ୍ଚାଇ ତଳକୁ ଆସିବାକୁ ସକ୍ଷମ ହୋଇଥିଲେ।

**'ଏକ୍ସ'ରେ ଅସନ୍ତୋଷ ପ୍ରକାଶ କଲେ ମାଲ୍ୟା**

## ମୋ ପ୍ରତି ଭାରତ ସରକାର ଘୋର ଅନ୍ୟାୟ କରିଛନ୍ତି

**ଲଣ୍ଡନ:** ମଦ ବ୍ୟବସାୟୀ ବିଜୟ ମାଲ୍ୟା ପୁଣି ଥରେ ତାଙ୍କୁ ପଳାତକ ବୋଲି ଆଖ୍ୟା ଦିଆଯିବା ଉପରେ ପ୍ରଶ୍ନ ଉଠାଇଛନ୍ତି। ମାଲ୍ୟା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି, ମୁଁ ଭାରତ ଫେରିବାକୁ ପଛାଉନାହିଁ। ଯେଉଁମାନେ ମୋତେ ପଳାତକ କହୁଛନ୍ତି ସେମାନେ ବୁଝିବା ଉଚିତ୍ ଯେ ମୁଁ ୧୯୯୨ ମସିହାରୁ ୟୁକେର ସ୍ଥାୟୀ ବାସିନ୍ଦା। ବର୍ତ୍ତମାନ, ମୋତେ ଦେଶ ଛାଡିବାକୁ ଆଇନଗତ ଭାବରେ ବାରଣ କରାଯାଇଛି।



ଭାରତ ସରକାର ମୋ ପ୍ରତି ଘୋର ଅନ୍ୟାୟ କରିଛନ୍ତି ।ଭାରତ ସରକାରଙ୍କ ରେକର୍ଡରେ ବିଜୟ ମାଲ୍ୟାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରାଯାଇଛି। ଅକ୍ଟୋବର ୨୦୨୫ରେ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ସୂଚନା ଦେଇଥିଲେ ଯେ, ପଳାତକ ଅର୍ଥନୈତିକ ଅପରାଧୀ ଆଇନ ୨୦୧୮ ଅନୁଯାୟୀ ୧୫ ଜଣଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରାଯାଇଛି। ଏହି ତାଲିକାରେ ବିଜୟ ମାଲ୍ୟା ଏବଂ ନୀରବ ମୋଦୀ ସମେତ ଅନେକ ଜଣାଶୁଣା ବ୍ୟକ୍ତିଙ୍କ ନାମ ରହିଛି।

ଏହି କାରଣରୁ ମାଲ୍ୟାଙ୍କୁ ଭାରତରେ ଜଣେ ପଳାତକ ଅର୍ଥନୈତିକ ଅପରାଧୀ ଭାବରେ ବିବେଚନା କରାଯାଏ। ତେବେ ମାଲ୍ୟା ଏବେ ଏହି ଆଖ୍ୟା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ୟୁକେରେ ତାଙ୍କର ରହିବା ଭାରତରୁ ପଳାଇବା ପାଇଁ ଚେଷ୍ଟା ନୁହେଁ, ବରଂ ତାଙ୍କ ବିରୋଧରେ ଚାଲିଥିବା ଆଇନଗତ ପରିସ୍ଥିତିର ପରିଣାମ।

ମାଲ୍ୟାଙ୍କ ପ୍ରତ୍ୟାବର୍ତ୍ତନ ପ୍ରସଙ୍ଗରେ ଭାରତ ସରକାରଙ୍କ ମତ ସର୍ବଦା ସ୍ପଷ୍ଟ ରହିଛି। ଡିସେମ୍ବର ୨୦୨୫ରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଥିଲେ ଯେ ସରକାର ଭାରତରେ ଆଇନ ଅନୁଯାୟୀ ପଳାତକମାନଙ୍କୁ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ମନ୍ତ୍ରଣାଳୟ ସ୍ୱୀକାର କରିଛି ଯେ ଏପରି ମାମଲାଗୁଡ଼ିକରେ ଅନେକ ଆଇନଗତ ପ୍ରକ୍ରିୟା ଜଡିତ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ସରକାର ଏହି ପ୍ରସଙ୍ଗରେ ଅନେକ ଦେଶ ସହିତ ଆଲୋଚନା କରୁଛନ୍ତି ଏବଂ ପ୍ରକ୍ରିୟା ଜାରି ରହିଛି। ଅର୍ଥନୈତିକ ଅପରାଧ ମାମଲାର ପଳାତକମାନେ କିଭଳି ଭାରତକୁ ଫେରି ଆସିବେ ଏବଂ ଭାରତୀୟ କୋର୍ଟରେ ବିଚାରର ସମ୍ମୁଖୀନ ହେବେ ସେନେଇ ସରକାର ଚେଷ୍ଟା କରୁଛନ୍ତି।

## ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଆବଶ୍ୟକ: ଖଲିଲୁର ରହମାନ

**ୟୁୟର୍କ:** ୮୧ତମ ଜାତିସଂଘ ସାଧାରଣ ପରିଷଦ ଅଧିବେଶନର ସଭାପତି ଦାୟିତ୍ୱ ଗ୍ରହଣ କରି ଖଲିଲୁର ରହମାନ ବିଶ୍ୱ ସଂଗଠନ ଜାତିସଂଘ ଏବଂ ଏହାର ସୁରକ୍ଷା ପରିଷଦର ଅର୍ଥପୂର୍ଣ୍ଣ ସଂସ୍କାର ପାଇଁ ଆହ୍ୱାନ ଦେଇ କହିଛନ୍ତି, କେବଳ ଗଭୀର, ବିଶ୍ୱସନୀୟ ପରିବର୍ତ୍ତନ ହିଁ ଜନସାଧାରଣଙ୍କ ବିଶ୍ୱାସକୁ ଫେରାଇ ଆଣିପାରିବ ଏବଂ ଭବିଷ୍ୟତ ପାଇଁ ଜାତିସଂଘକୁ ପ୍ରସ୍ତୁତ କରିପାରିବ। ଗଣମାଧ୍ୟମ ବ୍ରିଫିଂରେ ଏକ ପ୍ରଶ୍ନର ଉତ୍ତର ଦେଇ ରହମାନ କହିଛନ୍ତି ଯେ ସେ ସଂସ୍କାର ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଜୋର ଦେଉଛନ୍ତି ଯେ, ଜାତିସଂଘରେ ପରିବର୍ତ୍ତନକୁ ଛୋଟ କିମ୍ବା ନିୟମିତ ଭାବରେ ବିବେଚନା କରାଯାଇପାରିବ ନାହିଁ।



ସେ ଏହା ମଧ କହିଛନ୍ତି ଯେ ସେ ଜାତିସଂଘର ବ୍ୟବସ୍ଥାକୁ ସରଳ, ଅଧିକ ପ୍ରଭାବଶାଳୀ ଏବଂ ଅଧିକ ସୁସଙ୍ଗତ କରିବା ପାଇଁ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ୟୁଏନ-୮୦ ପଦକ୍ଷେପକୁ ସମର୍ଥନ କରିବେ। ବାଂଲାଦେଶର ବୈଦେଶିକ ମନ୍ତ୍ରୀ ମଧ ଥିବା ରହମାନ କହିଛନ୍ତି, ସଂଗଠନରେ ବିଶ୍ୱାସର ଅଭାବ ଥିବାରୁ ସଂସ୍କାରର ଆବଶ୍ୟକତା ରହିଛି। ବର୍ତ୍ତମାନର ସମୟ ୧୯୪୫ ନୁହେଁ। ଆମେ ସାନ ଫ୍ରାନ୍ସିସ୍କୋ ସମ୍ମିଳନୀ କରୁନାହୁଁ। ବିଶ୍ୱ ପରିବର୍ତ୍ତନ ହୋଇଛି ଏବଂ ଜାତିସଂଘକୁ ଏହା ସହିତ ପରିବର୍ତ୍ତନ ହେବାକୁ ପଡିବ। ବିଶ୍ୱ ଆଗକୁ ବଢୁଛି। ସଂଗଠନକୁ ମଧ ତାଳଦେଇ ଆଗକୁ ବଢ଼ିବାକୁ ପଡିବ, ଏବଂ ମୁଁ ସେହି ପ୍ରକ୍ରିୟାରେ ସାହାଯ୍ୟ କରିବି।

ସଂଗଠନର ଚ୍ୟାଲେଞ୍ଜ ଏବଂ ସୁଯୋଗର ମୁକାବିଲା କରିବା ସହିତ ସହଯୋଗ ଏବଂ ଆଲୋଚନା ଉପରେ ମୁଁ ଅଧିକ ଗୁରୁତ୍ୱ ଦେବି। ସବୁକିଛି ଶୀଘ୍ର, ସୌହାର୍ଦ୍ଦପୂର୍ଣ୍ଣ ଭାବରେ ସମାଧାନ ହୋଇପାରିବ ବୋଲି ଆଶା କରୁନି। ସମାଧାନ ଖୋଜିବା ପାଇଁ ଆମେ ସମୟ ନେଇପାରୁ। ରହମାନ ଜୁନ୍ ମାସରେ ନିର୍ବାଚିତ ହୋଇଥିଲେ। ସେ ପୂର୍ବତନ ଜର୍ମାନ ବୈଦେଶିକ ମନ୍ତ୍ରୀ ଆନାଲେନା ବେରବକଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରି ଜାତିସଂଘରେ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ତାଙ୍କର କାର୍ଯ୍ୟକାଳ ଆରମ୍ଭ କରିଛନ୍ତି।

## ଡିଗ୍ରୀ ନୁହେଁ, ଦକ୍ଷତା ହିଁ ଚାକିରିର ଚାବିକାଠି : ନୀତି ଆୟୋଗ

*ଚିନ୍ତାଜନକ ତଥ୍ୟ ହେଉଛି କେବଳ ୮.୨୫% ଗ୍ରାଜୁଏଟ ଶିକ୍ଷାଗତ ଯୋଗ୍ୟତା ଆଧାରରେ ତତ୍ ସମ୍ବନ୍ଧୀୟ ନିଯୁକ୍ତି ପାଉଛନ୍ତି । ଏହାର ଅର୍ଥ, ଡିଗ୍ରୀ ହାସଲ ପରେ ବହୁଳ ସଂଖ୍ୟକ ଛାତ୍ରଛାତ୍ରୀ ନିଜ ପାଠ୍ୟ ବିଷୟ ସହ ସମ୍ପର୍କ ନ ଥିବା ଚାକିରି କରୁଛନ୍ତି କିମ୍ବା ନିଯୁକ୍ତି ବଜାରକୁ ପ୍ରବେଶ କରିପାରୁନାହାନ୍ତି ।*

**ନୂଆଦିଲ୍ଲୀ:** ଦିନ ଥିଲା ଡିଗ୍ରୀ ବଳରେ ମିଳୁଥିଲା ଚାକିରି । କିନ୍ତୁ ଏବେ ଆଉ ଏହି ସମୀକରଣ କାମ କରୁନାହିଁ । ଗୋଟିଏ ପଟେ ଦେଶରେ ଉଚ୍ଚ ଶିକ୍ଷାର ପ୍ରସାର ହେଉଥିବା ବେଳେ ଡିଗ୍ରୀଧାରୀ ଛାତ୍ରଛାତ୍ରୀ ଏବଂ ନିଯୁକ୍ତି ବଜାରର ଆବଶ୍ୟକତା ମଧ୍ୟରେ ଦେଖାଦେଇଛି ବଡ଼ ତାରତମ୍ୟ । ଛାତ୍ରଛାତ୍ରୀଙ୍କ ନିକଟରେ ଡିଗ୍ରୀ ରହୁଛି ମାତ୍ର ଏହା ନିଯୁକ୍ତି ଅନୁକୂଳ ହେଉନି । ନୀତି ଆୟୋଗ ଏହାର ସଦ୍ୟତମ ବିଶ୍ଳେଷଣରେ ଦେଶର ଶିକ୍ଷା ବ୍ୟବସ୍ଥା ସାମ୍ନାରେ ଥିବା ଡିଗ୍ରୀ ବନାମ ଦକ୍ଷତା ସଂକଟକୁ ସାମ୍ନାକୁ ଆଣିଛି । ସବୁଠାରୁ ଚିନ୍ତାଜନକ ତଥ୍ୟ ହେଉଛି କେବଳ ୮.୨୫% ଗ୍ରାଜୁଏଟ ଶିକ୍ଷାଗତ ଯୋଗ୍ୟତା ଆଧାରରେ ତତ୍ ସମ୍ବନ୍ଧୀୟ ନିଯୁକ୍ତି ପାଉଛନ୍ତି । ଏହାର ଅର୍ଥ, ଡିଗ୍ରୀ ହାସଲ ପରେ ବହୁଳ ସଂଖ୍ୟକ ଛାତ୍ରଛାତ୍ରୀ ନିଜ ପାଠ୍ୟ ବିଷୟ ସହ ସମ୍ପର୍କ ନ ଥିବା ଚାକିରି କରୁଛନ୍ତି କିମ୍ବା ନିଯୁକ୍ତି ବଜାରକୁ ପ୍ରବେଶ କରିପାରୁନାହାନ୍ତି । ପ୍ରାୟ ୧୩% ଗ୍ରାଜୁଏଟ ବେକାର । ମହିଳା ଗ୍ରାଜୁଏଟଙ୍କ କ୍ଷେତ୍ରରେ ଏହା ୨୦.୪% । ଏହା ଗ୍ରାଜୁଏଟ ସଂକଟର ଗଭୀରତାକୁ ଦର୍ଶାଉଛି ।




ନୀତି ଆୟୋଗ ନିକଟରେ ପ୍ରକାଶିତ ଏଜୁକେଶନ ଆଣ୍ଡ ସ୍କିଲିଂ ଫର୍ ଏମ୍ପ୍ଲୟମେଣ୍ଟ: ଫ୍ରମ୍ କ୍ରିଡେନ୍ସିଆଲ ଟୁ ଲର୍ଣ୍ଣିଂ ଆଉଟ୍କମ୍ ୱାର୍କିଂ ପେପରରେ କହିଛି, ସାର୍ଟିଫିକେଟ ନୁହେଁ, ଶିଖିଥିବା ଦକ୍ଷତା ହିଁ ନିଯୁକ୍ତି ବଜାର ଲାଗି ମୂଲ୍ୟବାନ । ଦେଶର ଶିକ୍ଷା ବ୍ୟବସ୍ଥା ଏବେ ମଧ ଡିଗ୍ରୀ ଓ ପରୀକ୍ଷା କୈନ୍ଦ୍ରିକ ହୋଇରହିଛି । ମାତ୍ର ଶିଳ୍ପ ଚାହେଁ, ବାସ୍ତବିକ ଦକ୍ଷତା, ସମସ୍ୟା ସମାଧାନ, ଯୋଗାଯୋଗ, ଡିଜିଟାଲ କ୍ଷମତା ଏବଂ କାର୍ଯ୍ୟସ୍ଥଳ ଅଭିଜ୍ଞତା । ଅର୍ଥାତ କଲେଜରେ ଏକ ବିଷୟ ପଢ଼ି ଡିଗ୍ରୀ ନେବା ଓ ସେହି କ୍ଷେତ୍ରରେ ଚାକିରି କରିବା-ତାହା ଆଉ ବାସ୍ତବ ନାହିଁ । ଏହାର ଏକ ବଡ଼ କାରଣ ହେଉଛି ପାଠ୍ୟକ୍ରମ ଏବଂ ଶିଳ୍ପ ଚାହିଦା ମଧ୍ୟରେ ବଡ଼ ବ୍ୟବଧାନ । ଦେଶରେ ପ୍ରଚଳିତ ଅନେକ ପାଠ୍ୟକ୍ରମ ବଜାରର ଦ୍ରୁତ ପରିବର୍ତ୍ତନ ସହ ତାଳ ଦେଇ ଅପଡ୍ଟେ ହେଉନି । ଫଳରେ ନିଯୁକ୍ତିଦାତାଙ୍କ ଆବଶ୍ୟକତା ପୂରଣ କରୁ ନ ଥିବାରୁ ଡିଗ୍ରୀ ବେକାର ହୋଇଯାଉଛି । ଏଭଳି କର୍ମଚାରୀଙ୍କୁ ନିଯୁକ୍ତି ଦେଲେ ପୁଣି ଥରେ ତାଲିମ ଦେବାକୁ ପଡୁଛି । ଶିଳ୍ପ ଆବଶ୍ୟକତାକୁ ନଜରରେ ରଖି ସ୍କିଲିଂ ଲୋଡ଼ା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଦେଶରେ ପ୍ରଚଳିତ ବିଏ, ବିକମ୍ ଏବଂ ବିଏସ୍ସି ଭଳି ପାରମ୍ପରିକ ଡିଗ୍ରୀରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିଲେ ମଧ ଏହି ପାଠ୍ୟକ୍ରମଗୁଡ଼ିକ ସବୁବେଳେ ଚାକିରି ସହ ଯୋଡ଼ି ହୋଇନାହିଁ ।

## କାନାଡାରୁ କ୍ଷୀର ଉତ୍ପାଦ, ମୋଟରସାଇକେଲ ଆମଦାନି ନିଷେଧ କଲା ଆମେରିକା

**ୱାଶିଂଟନ:** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ହ୍ୱାଇଟ୍ ହାଉସ୍ କହିଛି ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବୃଦ୍ଧି ପାଇବା ସହିତ ଆମେରିକା କାନାଡାରୁ କ୍ଷୀର ଉତ୍ପାଦ, ଅଧିକାଂଶ ମଦ୍ୟପାନଯୁକ୍ତ ପାନୀୟ ଏବଂ ମୋଟରସାଇକେଲ ଉପରେ ପ୍ରତିବନ୍ଧକ ଲଗାଉଛି। ଏହି ପ୍ରତିବନ୍ଧକ ତିନି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ ହେବ। ମଙ୍ଗଳବାର କାନାଡା ୨୦ ବିଲିୟନ ଆମେରିକୀୟ ଡଲାରର ଆମଦାନି ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲଗାଇବା ପରେ ୱାଶିଂଟନ ଏଭଳି ନିଷ୍ପତ୍ତି ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀର୍ଘକାଳୀନ ଆମେରିକୀୟ ସରକାରୀ ଚୁକ୍ତିନାମାରୁ କାନାଡିୟ ଉତ୍ପାଦଗୁଡ଼ିକୁ ବନ୍ଦ କରିବାକୁ ପଦକ୍ଷେପ ନେଇଛନ୍ତି।

କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଆମେରିକା ଉପରେ ଦେଶର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପ୍ରୟାସ କରୁଥିବାବେଳେ ଟ୍ରମ୍ପ ଆମେରିକାର ସାଧାରଣ ସେବା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କାନାଡା ଆମେରିକୀୟ ଉତ୍ପାଦ ପାଇଁ ପୂର୍ଣ୍ଣ



ଏବଂ ନିରପେକ୍ଷ ପାରସ୍ପରିକ କ୍ରିୟା ଅନୁମତି ନଦେବା ପର୍ଯ୍ୟନ୍ତ କାନାଡିୟ ଉତ୍ପାଦଗୁଡ଼ିକୁ ସେହି ଚୁକ୍ତିନାମା ଆଧାରରେ ଅଯୋଗ୍ୟ ଘୋଷଣା କରାଯିବ। କାର୍ନି ପୂର୍ବରୁ କହିଥିଲେ ଯେ କାନାଡାର ରଣନୀତି ଅଧିକ ସ୍ୱତନ୍ତ୍ର ଏବଂ ଏହାକୁ ନିଶ୍ଚିତ କରିବା ପ୍ରସଙ୍ଗରେ କୌଣସି ଦେଶ ଆମକୁ ରୋକି ପାରିବ ନାହିଁ ।

## ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ ଅଟକିଥିବା କାମ ଆଗକୁ ବଢ଼ିବ। ଆର୍ଥିକ ଲାଭର ସୁଯୋଗ ମିଳିବ। ପରିବାରରେ ଖୁସିର ପରିବେଶ ରହିବ। ସମ୍ପତ୍ତି ସମ୍ବନ୍ଧୀୟ ଆଲୋଚନା ଶୁଭ ହେବ। ସନ୍ଧ୍ୟା ପରେ ଆତ୍ମବିଶ୍ୱାସ ବଢ଼ିବ।

**ବୃଷ:** ବ୍ୟବସାୟରେ ନୂଆ ଅର୍ଡର ମିଳିପାରେ। ଭାଇଭଉଣୀଙ୍କ ସହଯୋଗ ଲାଭଦାୟକ ହେବ। ଛୋଟ ଯାତ୍ରା ସଫଳ ରହିବ। ଦଲିଲପତ୍ର ଯାଞ୍ଚ କରି କାମ କରନ୍ତୁ। ଅଟକିଥିବା ପେମେଣ୍ଟ ଆସିପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ।

**ମିଥୁନ:** ଧନ ସଞ୍ଚୟ ଉପରେ ଧ୍ୟାନ ଦିଅନ୍ତୁ। ପରିଶ୍ରମର ଯଥାର୍ଥ ଫଳ ମିଳିବ। ପରିବାରରେ ମଧୁର ସମ୍ପର୍କ ରହିବ। ଚାକିରିରେ ପ୍ରଶଂସା ପାଇପାରନ୍ତି। ସନ୍ଧ୍ୟାରେ ଶୁଭ ସମ୍ବାଦ ମିଳିବ। ନୂଆ ଆୟର ମାର୍ଗ ଖୋଲିବ।

**କର୍କଟ:** ଘାତ ବାର ଓ ଘାତ ଚନ୍ଦ୍ର ଥିବାରୁ ତର୍କ, କ୍ରୋଧ ଓ ତ୍ୱରିତ ନିଷ୍ପତ୍ତି ଏଡ଼ାନ୍ତୁ। ସ୍ୱାସ୍ଥ୍ୟ ଓ ମାନସିକ ଚାପ ପ୍ରତି ସତର୍କ ରୁହନ୍ତୁ। ଦ୍ୱିପ୍ରହର ପରେ ପରିସ୍ଥିତି ଧୀରେ ଧୀରେ ସୁଧୁରିବ। ପରିବାରରେ ଧୈର୍ଯ୍ୟ ରଖିଲେ ବିବାଦ ଟଳିବ। ବଡ଼ ବିନିଯୋଗ ଆଜି ସ୍ଥଗିତ ରଖନ୍ତୁ। ଇଷ୍ଟଦେବଙ୍କ ନାମ ସ୍ମରଣ ଶୁଭ ରହିବ।

**ସିଂହ:** ଦ୍ୱିପ୍ରହର ପରେ ଚନ୍ଦ୍ର ପ୍ରବେଶରେ ଭାଗ୍ୟ ସକ୍ରିୟ ହେବ। କର୍ମକ୍ଷେତ୍ରରେ ସମ୍ମାନ ବଢ଼ିବ। ଅଧୁରା କାମ ସମ୍ପୂର୍ଣ୍ଣ ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ସୃଜନଶୀଳ କାର୍ଯ୍ୟରେ ସଫଳତା ମିଳିବ। ପ୍ରେମ ସମ୍ପର୍କରେ ସକାରାତ୍ମକ ପରିବର୍ତ୍ତନ ଆସିବ।

**କନ୍ୟା:** ଆୟ ବୃଦ୍ଧିର ସମ୍ଭାବନା ରହିଛି। ବକେୟା ଟଙ୍କା ମିଳିପାରେ। ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗ ମିଳିବ। ପରିବାରରେ ଶାନ୍ତି ରହିବ। ବ୍ୟବସାୟରେ ଲାଭ ବଢ଼ିବ। ଇଣ୍ଟରଭ୍ୟୁ କିମ୍ବା ପରୀକ୍ଷାରେ ଅନୁକୂଳ ଫଳ ମିଳିବ।

**ତୁଳା:** ଭାଗ୍ୟର ପୂର୍ଣ୍ଣ ସହଯୋଗ ମିଳିବ। ସରକାରୀ କାର୍ଯ୍ୟରେ ପ୍ରଗତି ହେବ। ଦୂରଯାତ୍ରା ଶୁଭ ରହିବ। ଧାର୍ମିକ କାର୍ଯ୍ୟରେ ମନ ଲାଗିବ। ଗୁରୁଜନଙ୍କ ପରାମର୍ଶ ଲାଭଦାୟକ ହେବ। ମାନସିକ ଶାନ୍ତି ମିଳିବ।

**ବିଛା:** ହଠାତ୍ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଗୁପ୍ତ ଶତ୍ରୁଙ୍କୁ ନେଇ ସତର୍କ ରୁହନ୍ତୁ। ବୀମା କିମ୍ବା ଉତ୍ତରାଧିକାରରେ ଲାଭ ହୋଇପାରେ। ସ୍ୱାସ୍ଥ୍ୟରେ ଅବହେଳା କରନ୍ତୁ ନାହିଁ। ଧୈର୍ଯ୍ୟରେ କାମ କଲେ ସଫଳତା ମିଳିବ। ପୁରୁଣା ସମସ୍ୟାର ସମାଧାନ ଆରମ୍ଭ ହେବ। ଦୂର ସ୍ଥାନ ଭ୍ରମଣର ଯୋଗ ରହିଛି ।

**ଧନୁ:** ସହଭାଗୀତାରେ ଲାଭ ମିଳିବ। ଦାମ୍ପତ୍ୟରେ ବୁଝାମଣା ବଢ଼ିବ। ବ୍ୟବସାୟରେ ନୂଆ ଚୁକ୍ତି ହୋଇପାରେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ। ସନ୍ଧ୍ୟାରେ ଶୁଭ ଖବର ଆସିବ। ଅଟକିଥିବା ଫାଇଲ ପାସ୍ ହେବାର ସମ୍ଭାବନା ଅଛି।

**ମକର:** ଘାତ ଚନ୍ଦ୍ର ଥିବାରୁ ସ୍ୱାସ୍ଥ୍ୟ, ଯାତ୍ରା ଓ ବିବାଦରେ ସତର୍କ ରୁହନ୍ତୁ। କର୍ମକ୍ଷେତ୍ରରେ ଚାପ ବଢ଼ିପାରେ। ଅନାବଶ୍ୟକ କ୍ରୋଧ କ୍ଷତି କରିବ। ଋଣ ଶୋଧର ଯୋଜନା କରନ୍ତୁ। ସନ୍ଧ୍ୟାରେ ପରିସ୍ଥିତି ସାମାନ୍ୟ ଭଲ ହେବ। ବଡ଼ ଆର୍ଥିକ ନିଷ୍ପତ୍ତି ଏଡ଼ାନ୍ତୁ।

**କୁମ୍ଭ:** ପ୍ରତିଯୋଗିତାରେ ସଫଳତା ମିଳିବ। ସନ୍ତାନଙ୍କ ଠାରୁ ଶୁଭ ଖବର ପାଇବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ସୃଜନଶୀଳ କାର୍ଯ୍ୟରେ ପ୍ରଶଂସା ମିଳିବ। ଆୟ ସ୍ଥିର ରହିବ। ମନପସନ୍ଦ କାର୍ଯ୍ୟରେ ସମୟ ଦେଇ ଖୁସି ଅନୁଭବ କରିବେ।

**ମୀନ:** ଘର ଓ ପରିବାର ସମ୍ବନ୍ଧୀୟ କାମରେ ସଫଳତା ମିଳିବ। ଜମି କିମ୍ବା ଘର କ୍ରୟ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ମାଆଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। କର୍ମକ୍ଷେତ୍ରରେ ସ୍ଥିରତା ରହିବ। ସନ୍ଧ୍ୟା ପରେ ମନ ପ୍ରଫୁଲ୍ଲ ରହିବ। ଘରୋଇ ଶୁଭ କାର୍ଯ୍ୟର ଯୋଜନା ହୋଇପାରେ।

# ମାତୃଭାଷା

କଟକ, ଗୁରୁବାର, ସେପ୍ଟେମ୍ବର -୧୦, ୨୦୨୬ ପୃଷ୍ଠା: ୪


## ଭାରତ ସେମି କଣ୍ଡକ୍ଟର୍ ଚିପ୍ ନିର୍ମାଣ - ଡିଜାଇନ୍‌ର ବୈଶ୍ୱିକ କେନ୍ଦ୍ର ବନିବ

ଏକ ରିପୋର୍ଟ ଅନୁଯାୟୀ ଭାରତ ସେମିକଣ୍ଡକ୍ଟର କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଏବଂ ବୈଶ୍ୱିକ ଚିପ୍ ବିନିର୍ମାଣ ତଥା ଡିଜାଇନ୍ କେନ୍ଦ୍ର ହେବା ଦିଗରେ ନିଜ ପ୍ରୟାସକୁ ତ୍ୱରାନ୍ୱିତ କରୁଛି । ଏହି ଉଦ୍ଦେଶ୍ୟରେ ସରକାର ସେମିକଣ୍ଡକ୍ଟର ମିଶନର ଦ୍ୱିତୀୟ ପର୍ଯ୍ୟାୟ (ସେମିକନ୍ ୨.୦) ଆରମ୍ଭ କରିଛନ୍ତି, ଯେଉଁଥିପାଇଁ ପ୍ରାୟ ୧୩ ବିଲିୟନ ଡଲାର (ପ୍ରାୟ ୧.୨୭ ଲକ୍ଷ କୋଟି ଟଙ୍କା) ବ୍ୟବସ୍ଥା କରାଯାଇଛି । ନୂତନ ରଣନୀତିର ଲକ୍ଷ୍ୟ କେବଳ ଚିପ୍ ନିର୍ମାଣ ମଧ୍ୟରେ ସୀମିତ ନୁହେଁ, ବରଂ ସମଗ୍ର ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାକୁ ବିକଶିତ କରିବା ଏବଂ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବା ମଧ୍ୟ ଅଟେ ।

'ଦିସ୍ ୱିକ୍ ଇନ୍ ଏସିଆ'ର ଏକ ରିପୋର୍ଟରେ କୁହାଯାଇଛି ଯେ ଭାରତ ଏବେ ମୌଳିକ ବିନିର୍ମାଣ ଭିତ୍ତିଭୂମିରୁ ଆଗକୁ ବଢ଼ି ଡିଜାଇନ୍, ଇଞ୍ଜିନିୟରିଂ, ପରୀକ୍ଷଣ, ପ୍ୟାକେଜିଂ ଏବଂ ଯୋଗାଣ ଶୃଙ୍ଖଳା ବିକାଶ ଭଳି କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ବିଶେଷ ଧ୍ୟାନ ଦେଉଛି । ସରକାରଙ୍କ ବିଶ୍ୱାସ ଯେ ଦେଶର ବିଶାଳ ଇଞ୍ଜିନିୟରିଂ ପ୍ରତିଭା ଏବଂ ବୈଷୟିକ ଦକ୍ଷତା ଭାରତକୁ କେବଳ 'ମେକ୍ ଇନ୍ ଇଣ୍ଡିଆ' ନୁହେଁ, ବରଂ 'ଇଞ୍ଜିନିୟର ଇନ୍ ଇଣ୍ଡିଆ' ଭାବରେ ସ୍ଥାପିତ କରିପାରିବ ।

ସେମିକଣ୍ଡକ୍ଟର ଆଧୁନିକ ଅର୍ଥନୀତିର ମେରୁଦଣ୍ଡ ଭାବେ ବିବେଚନା କରାଯାଏ । ସ୍ମାର୍ଟଫୋନ୍, ଅଟୋମୋବାଇଲ୍, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)-ଆଧାରିତ ପ୍ରଣାଳୀ, ଡାଟା ସେଣ୍ଟର, ଚିକିତ୍ସା ଉପକରଣ ଏବଂ ଉନ୍ନତ କମ୍ପ୍ୟୁଟିଂ ପ୍ରଯୁକ୍ତିବିଦ୍ୟା ଠାରୁ ଆରମ୍ଭ କରି ପ୍ରାୟ ପ୍ରତ୍ୟେକ ଆଧୁନିକ ଇଲେକ୍ଟ୍ରୋନିକ୍ ଉତ୍ପାଦରେ ଚିପ୍ସର ପ୍ରମୁଖ ଭୂମିକା ରହିଛି । କୋଭିଡ୍-୧୯ ମହାମାରୀ ସମୟରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳାରେ ଉପୁଜିଥିବା ବ୍ୟାହତ ଏହା ମଧ୍ୟ ଦର୍ଶାଇଥିଲା ଯେ କିଛି ନିର୍ଦ୍ଦିଷ୍ଟ ପୂର୍ବ ଏସୀୟ ଦେଶ ଉପରେ ଅତ୍ୟଧିକ ନିର୍ଭରଶୀଳତା କେତେ ବିପଦପୂର୍ଣ୍ଣ ହୋଇପାରେ । ଏହି ଅନୁଭୂତି ପରେ ଭାରତ ଘରୋଇ ସେମିକଣ୍ଡକ୍ଟର କ୍ଷମତା ନିର୍ମାଣକୁ ଜାତୀୟ ପ୍ରାଥମିକତା ଦେଇଛି । ସମୟ ଏବଂ କ୍ୟାଲେଣ୍ଡର

ରିପୋର୍ଟ ମୁତାବକ, ଭାରତର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ବିଶାଳ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟବଳ । ଏହି କାରଣରୁ ଶିଳ୍ପ ଜଗତର ଏକ ବର୍ଗ ମନେକରନ୍ତି ଯେ ଭାରତ କେବଳ ଚିପ୍ ନିର୍ମାଣ ମଧ୍ୟରେ ସୀମିତ ନ ରହି ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ଇଞ୍ଜିନିୟରିଂରେ ବୈଶ୍ୱିକ ନେତୃତ୍ୱ ହାସଲ କରିପାରିବ । ଏହି କ୍ଷେତ୍ରଟି ଅପେକ୍ଷାକୃତ ଅଧିକ ମୂଲ୍ୟଯୁକ୍ତ ଏବଂ ଭାରତର ବର୍ତ୍ତମାନର ପ୍ରତିଭା କ୍ଷମତା ଅନୁଯାୟୀ ମଧ୍ୟ ଅଟେ ।

ବର୍ତ୍ତମାନ ସୁଦ୍ଧା ଭାରତ ଛଅଟି ରାଜ୍ୟରେ ୧୨ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି, ଯେଉଁଥିରୁ ମାଇକ୍ରୋନ୍, କେନେସ୍ ସେମିକନ୍ ଏବଂ ସିଜି ସେମି ଚଳିତ ବର୍ଷ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିଦେଇଛନ୍ତି । ଯଦିଓ ସେମାନଙ୍କର ପ୍ରମୁଖ କାର୍ଯ୍ୟକଳାପ ବର୍ତ୍ତମାନ ଆସେମ୍ବ୍ଲି, ଟେଷ୍ଟିଂ ଏବଂ ପ୍ୟାକେଜିଂ ମଧ୍ୟରେ କେନ୍ଦ୍ରୀଭୂତ ରହିଛି, ତଥାପି ଏହାକୁ ଦେଶରେ ଏକ ବ୍ୟାପକ ସେମିକଣ୍ଡକ୍ଟର ଇକୋସିଷ୍ଟମର ଆରମ୍ଭ ବୋଲି ଧରାଯାଉଛି ।

ଏହି ସମୟରେ ଗୁଜରାଟର ଧୋଲେରାରେ ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ତାଇୱାନର ପାୱାରଚିପ୍ ସେମିକଣ୍ଡକ୍ଟର ମ୍ୟାନୁଫ୍ୟାକ୍ଚରିଂ କର୍ପୋରେସନର ମିଳିତ ପ୍ରକଳ୍ପ ମଧ୍ୟ ଦ୍ରୁତ ଗତିରେ ଆଗକୁ ବଢୁଛି । ଏହି ପ୍ରକଳ୍ପରୁ ଡିସେମ୍ବର ସୁଦ୍ଧା ପ୍ରଥମ ବ୍ୟାଚ୍ ଚିପ୍ସ ବାହାରିବାର ଆଶା କରାଯାଉଛି । ଏହି ପ୍ଲାଣ୍ଟ ଭାରତର ଚିପ୍ ନିର୍ମାଣ କ୍ଷମତାକୁ ସୁଦୃଢ଼ କରିବାରେ ଏବଂ ଘରୋଇ ଯୋଗାଣ ଶୃଙ୍ଖଳା ବିକଶିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ।

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଏକ ଫାଟ ବି ରାଷ୍ଟ୍ର ପାଇଁ ସତର୍କଘଣ୍ଟି

**ସୌଭାଗ୍ୟ ରଞ୍ଜନ ମହାନ୍ତି**



ପ୍ରଧାନମନ୍ତ୍ରୀ ଜଣେ ବ୍ୟକ୍ତି ନୁହନ୍ତି, ସେ ଭାରତୀୟ ଜନତାଙ୍କ ଗଣତାନ୍ତ୍ରିକ ଜନାଦେଶର ସର୍ବୋଚ୍ଚ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ଜଣେ; ତେଣୁ ତାଙ୍କ ସୁରକ୍ଷା କେବଳ ତାଙ୍କ ନିଜସ୍ୱ ସୁରକ୍ଷା ନୁହେଁ, ଏହା ରାଷ୍ଟ୍ରର ସାମ୍ବିଧାନିକ ମର୍ଯ୍ୟାଦା, ଗଣତାନ୍ତ୍ରିକ ସ୍ଥିରତା ଓ କୋଟି କୋଟି ଭାରତୀୟଙ୍କ ବିଶ୍ୱାସର ସୁରକ୍ଷା । ମୁମ୍ବାଇରେ ପ୍ରଧାନମନ୍ତ୍ରୀଙ୍କ ଏକ କାର୍ଯ୍ୟକ୍ରମ ପୂର୍ବରୁ ନକଲି ପରିଚୟପତ୍ର ବ୍ୟବହାର କରି ପ୍ରବେଶର ଚେଷ୍ଟା ଏବଂ ଜଣେ ବ୍ୟକ୍ତିଙ୍କ ପାଖରୁ ବନ୍ଧୁକ ମିଳିବା ଘଟଣା ନିଶ୍ଚିତ ଭାବେ ଗଭୀର ଚିନ୍ତାର ବିଷୟ । ଏହି ଘଟଣାର ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ ସମ୍ପର୍କ ଥିବା ପ୍ରମାଣ ମିଳିଛି ବୋଲି ତଦନ୍ତ ସମାପ୍ତ ପୂର୍ବରୁ କହିବା ଅନୁଚିତ; କିନ୍ତୁ ଘଟଣାଟି ଯେଉଁ ପ୍ରଶ୍ନ ଉଠାଇଛି, ତାହାକୁ ମଧ୍ୟ ଅଣଦେଖା କରିହେବ ନାହିଁ । ପ୍ରଶ୍ନ ହେଉଛି—ନକଲି ପରିଚୟ ନେଇ କେହି ସୁରକ୍ଷିତ କାର୍ଯ୍ୟକ୍ରମସ୍ଥଳ ନିକଟକୁ ପହଞ୍ଚିବାର ସାହସ କଲା କିପରି ? ତାହାର ପରିଚୟ କେଉଁ ସ୍ତରରେ ଯାଞ୍ଚ ହେଲା ? ଯାଞ୍ଚ ପ୍ରକ୍ରିୟାରେ କୌଣସି ଫାଙ୍କ ରହିଗଲା କି ? ଅସ୍ତ୍ର ନେଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟ କ'ଣ ଥିଲା ? ଏବଂ ସବୁଠାରୁ ବଡ଼ ପ୍ରଶ୍ନ—ଆଜି ଯଦି ସନ୍ଦେହଜନକ ଗତିବିଧି ଚିହ୍ନଟ ହୋଇ ଘଟଣା ରୋକାଯାଇଛି, ତେବେ ଆସନ୍ତାକାଲି ଏପରି ସମ୍ଭାବନାକୁ ମୂଳରୁ କିପରି ରୋକାଯିବ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦୋଷାରୋପରେ ନୁହେଁ, ନିଷ୍ପକ୍ଷ ଓ ଗଭୀର ତଦନ୍ତରେ ମିଳିବା ଦରକାର । କାରଣ ସୁରକ୍ଷା ବ୍ୟବସ୍ଥାରେ ସଫଳତାର ଅର୍ଥ କେବଳ ବିପଦ ଦେଖାଦେବା ପରେ ତାହାକୁ ରୋକିଦେବା ନୁହେଁ; ପ୍ରକୃତ ସଫଳତା ହେଉଛି ବିପଦକୁ ଜନ୍ମ ନେବା ପୂର୍ବରୁ ଚିହ୍ନଟ କରିବା । ସୁରକ୍ଷାରେ ଶତାଧିକ ଠିକ୍ ପଦକ୍ଷେପ ଥିଲେ ମଧ୍ୟ ଗୋଟିଏ ଗୁରୁତର ଭୁଲ ସମଗ୍ର ବ୍ୟବସ୍ଥାକୁ ପ୍ରଶ୍ନର ସମ୍ମୁଖୀନ କରିପାରେ । ଏହିକାରଣରୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ 'ଚାଲିବ' ମନୋଭାବର କୌଣସି ସ୍ଥାନ ନାହିଁ । ପରିଚୟପତ୍ର ଯାଞ୍ଚଠାରୁ ପ୍ରବେଶ ଅନୁମତି, ଅସ୍ତ୍ର ଚିହ୍ନଟଠାରୁ ସନ୍ଦେହଜନକ ଗତିବିଧି ନିରୀକ୍ଷଣ, ସ୍ଥାନୀୟ ପୁଲିସଠାରୁ କେନ୍ଦ୍ରୀୟ ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ପ୍ରତ୍ୟେକ କଡ଼ି ମଜବୁତ ହେବା ଆବଶ୍ୟକ । ଗୋଟିଏ କଡ଼ି ଦୁର୍ବଳ ହେଲେ ସମଗ୍ର ଶୃଙ୍ଖଳା ବିପଦରେ ପଡ଼ିପାରେ । ଆଜିର ଘଟଣା ଆମକୁ ଏହି ମୌଳିକ ସତ୍ୟଟି ମନେ ପକାଇଦେଉଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦଳୀୟ ରାଜନୀତିର ଚଷମାରେ ଦେଖିବା ଆହୁରି ବିପଜ୍ଜନକ । ଆଜି ଯେଉଁ ବ୍ୟକ୍ତି ପ୍ରଧାନମନ୍ତ୍ରୀ ପଦରେ ଅଛନ୍ତି, ସେ ଆସନ୍ତାକାଲି ନଥାଇପାରନ୍ତି; ସରକାର ବଦଳିବ, ଦଳ ବଦଳିବ, ନେତୃତ୍ୱ ବଦଳିବ, କିନ୍ତୁ ପ୍ରଧାନମନ୍ତ୍ରୀ ପଦର ସାମ୍ବିଧାନିକ ମର୍ଯ୍ୟାଦା ଅବିଚଳ ରହିବ । ତେଣୁ ଯେଉଁ ଦଳର ସରକାର ହେଉ, ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ଦେଶର ପ୍ରତ୍ୟେକ ନାଗରିକଙ୍କ ଆଭିମୁଖ୍ୟ ଏକ ହେବା ଦରକାର—ରାଷ୍ଟ୍ର ପ୍ରଥମ । ରାଜନୈତିକ ମତଭେଦ ଗଣତନ୍ତ୍ରର ଅଧିକାର, କିନ୍ତୁ ଜାତୀୟ ସୁରକ୍ଷା ଉପରେ ରାଜନୈତିକ ଲାଭକ୍ଷତିର ହିସାବ ଚାଲିବା ଉଚିତ ନୁହେଁ । ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ଗଣତନ୍ତ୍ରର ଅଧିକାର, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୁର୍ବଳ କରିବା କିମ୍ବା ତାହାକୁ ହାସ୍ୟାସ୍ପଦ କରିବା ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ଶୁଭ ନୁହେଁ । ସୁରକ୍ଷା ନେଇ ଆଉ ଏକ ବଡ଼ ଦାୟିତ୍ୱ ଗଣମାଧ୍ୟମ ଓ ସାଧାରଣ ଲୋକଙ୍କ ଉପରେ ମଧ୍ୟ ରହିଛି । ଘଟଣାକୁ ନେଇ ତଥ୍ୟହୀନ ଭୟ, ଅପପ୍ରଚାର କିମ୍ବା ଅତିରଞ୍ଜିତ ଦାବି କରିବା ଉଚିତ ନୁହେଁ । ଏକ ଗୁରୁତର ସୁରକ୍ଷା ଘଟଣାକୁ ଖବର କରିବା ଆବଶ୍ୟକ, କିନ୍ତୁ ତାହାର ନାମରେ ସୁରକ୍ଷା ବ୍ୟବସ୍ଥାର ଗୁପ୍ତ ପଦ୍ଧତି, ସୁରକ୍ଷାକର୍ମୀଙ୍କ ନିର୍ଦ୍ଦିଷ୍ଟ ବିନ୍ୟାସ କିମ୍ବା ସମ୍ଭାବ୍ୟ ଦୁର୍ବଳତାକୁ ସାର୍ବଜନୀନ କରିଦେବା ମଧ୍ୟ ବିପଦଜନକ । ସତ୍ୟ ଖବର ସହିତ ଦାୟିତ୍ୱଶୀଳ ସାମ୍ବାଦିକତା ହେଉଛି ଆଜିର ଆବଶ୍ୟକତା । ସରକାରଙ୍କ ପାଇଁ ମଧ୍ୟ ଏହି ଘଟଣା ଏକ ସୁଯୋଗ—ନିଜ ବ୍ୟବସ୍ଥାକୁ ନିଜେ ପରୀକ୍ଷା କରିବାର ସୁଯୋଗ । କେଉଁଠି ଭୁଲ ହେଲା, କାହାର ଅବହେଳା ଥିଲା, କେଉଁ ନିୟମକୁ ଆହୁରି କଠୋର କରିବା ଆବଶ୍ୟକ, ଏବଂ ଭବିଷ୍ୟତରେ ନକଲି ପରିଚୟ ଓ ଅନଧିକୃତ ଅସ୍ତ୍ର ପ୍ରବେଶକୁ କିପରି ଶୂନ୍ୟ ସହନଶୀଳତାରେ ରୋକାଯିବ—ଏସବୁର ସମୀକ୍ଷା ହେବା ଦରକାର । ଘଟଣା ପରେ ଦୋଷୀ ଖୋଜିବା ଠାରୁ ଘଟଣା ପୁନରାବୃତ୍ତି ନହେବାର ବ୍ୟବସ୍ଥା କରିବା ଅଧିକ ଜରୁରୀ । କାରଣ ଜଣେ ସୁରକ୍ଷାକର୍ମୀଙ୍କ ଏକ ମୁହୂର୍ତ୍ତର ଅସାବଧାନତା ଏବଂ ଜଣେ ଅନୁପ୍ରବେଶକାରୀଙ୍କ ଏକ ମୁହୂର୍ତ୍ତର ସୁଯୋଗ ମଧ୍ୟରେ ରାଷ୍ଟ୍ରର ଅସୀମ ଝୁମ୍ପ ଲୁଚିଥାଇପାରେ । ତେଣୁ ସୁରକ୍ଷା ବ୍ୟବସ୍ଥାରେ ମାନବୀୟ ସତର୍କତା ସହିତ ଆଧୁନିକ ପ୍ରଯୁକ୍ତି, ତ୍ୱରିତ ସୂଚନା ବିନିମୟ, ପରିଚୟର ବହୁସ୍ତରୀୟ ସତ୍ୟାପନ ଓ ନିୟମିତ ଅଭ୍ୟାସକୁ ଆହୁରି ଦୃଢ଼ କରିବା ଦରକାର । ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ପାଇଁ ନୁହେଁ; ରାଷ୍ଟ୍ରର ସମସ୍ତ ସାମ୍ବିଧାନିକ ପଦାଧିକାରୀ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ମଧ୍ୟ ଆବଶ୍ୟକ । ଏହି ଘଟଣା ଆମକୁ ଆଉ ଗୋଟିଏ କଥା ଶିଖାଏ—ରାଷ୍ଟ୍ରୀୟ ସୁରକ୍ଷା କେବଳ ବନ୍ଧୁକ ଧରିଥିବା ସୁରକ୍ଷାକର୍ମୀଙ୍କ ଦାୟିତ୍ୱ ନୁହେଁ; ଏହା ସଚେତନ ନାଗରିକ ସମାଜର ମଧ୍ୟ ଦାୟିତ୍ୱ । ସନ୍ଦେହଜନକ ଗତିବିଧି ଦେଖିଲେ ଚୁପ୍ ରହିବା ନୁହେଁ, ଆଇନସମ୍ମତ ଭାବେ ସୂଚନା ଦେବା ଦରକାର । ଭୁଲ ଖବର ପ୍ରସାର କରିବା ନୁହେଁ, ସତ୍ୟ ଯାଞ୍ଚ କରିବା ଦରକାର । ସୁରକ୍ଷା ବ୍ୟବସ୍ଥାକୁ ଉପହାସ କରିବା ନୁହେଁ, ତାହାକୁ ଆହୁରି ଦୃଢ଼ କରିବା ପାଇଁ ଦାବି କରିବା ଦରକାର । ମନେ ରଖିବାକୁ ହେବ—ରାଷ୍ଟ୍ରର ସୁରକ୍ଷାରେ ଛୋଟ ବଡ଼ ବୋଲି କିଛି ନାହିଁ । ଗୋଟିଏ ନକଲି ପରିଚୟପତ୍ର ମଧ୍ୟ ଚେତାବନୀ, ଗୋଟିଏ ଅନଧିକୃତ ଅସ୍ତ୍ର ମଧ୍ୟ ଚେତାବନୀ, ଗୋଟିଏ ଅସାବଧାନତା ମଧ୍ୟ ଚେତାବନୀ । ଆଜି ଯେଉଁ ବିପଦ ରୋକାଯାଇଛି, ତାହାକୁ ସଫଳତାର ଶେଷ ବିନ୍ଦୁ ଭାବେ ନୁହେଁ, ଆଗାମୀ ସୁରକ୍ଷା ପାଇଁ ପ୍ରଥମ ସତର୍କଘଣ୍ଟି ଭାବେ ଦେଖିବା ଦରକାର । ଦେଶର ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଏକ ଫାଟ ମଧ୍ୟ ରାଷ୍ଟ୍ର ପାଇଁ ଗୁରୁତର ସନ୍ଦେଶ । କାରଣ ପ୍ରଧାନମନ୍ତ୍ରୀଙ୍କୁ ସୁରକ୍ଷିତ ରଖିବା ମାନେ କେବଳ ଜଣେ ନେତାଙ୍କୁ ସୁରକ୍ଷିତ ରଖିବା ନୁହେଁ; ଏହା ଭାରତୀୟ ଜନାଦେଶକୁ ସମ୍ମାନ କରିବା, ଗଣତନ୍ତ୍ରର ମର୍ଯ୍ୟାଦାକୁ ସୁରକ୍ଷିତ ରଖିବା ଏବଂ ରାଷ୍ଟ୍ରର ଆତ୍ମବିଶ୍ୱାସକୁ ଅତୁଟ ରଖିବା । ତେଣୁ ଏହି ଘଟଣାରୁ ଆମର ଏକମାତ୍ର ସଂକଳ୍ପ ହେଉ—ଦୋଷ ଲୁଚିବ ନାହିଁ, ନିର୍ଦ୍ଦୋଷଙ୍କୁ ଦୋଷୀ କରାଯିବ ନାହିଁ, ତଦନ୍ତରେ ରାଜନୈତିକ ଚାପ ରହିବ ନାହିଁ ଏବଂ ସୁରକ୍ଷା ବ୍ୟବସ୍ଥାରେ ଯେଉଁଠି ଦୁର୍ବଳତା ରହିଛି, ସେଠାରେ ତାହାକୁ ତୁରନ୍ତ ସୁଧାରାଯିବ । ନେତା ଆସିବେ, ନେତା ଯିବେ; ସରକାର ଆସିବ, ସରକାର ଯିବ; କିନ୍ତୁ ଭାରତ ରହିବ । ଏବଂ ଭାରତର ସୁରକ୍ଷା ଓ ଗଣତନ୍ତ୍ରର ମର୍ଯ୍ୟାଦା ରହିବା ଦରକାର—ସବୁଠାରୁ ଉପରେ, ସବୁବେଳେ ।


*ମୋବାଇଲ୍: ୯୪୩୭୯୯୪୩୭୯*


# ବାଘାଯତୀନଙ୍କ ବଳିଦାନ ଦିବସ

**ଅଲେଖ ଚନ୍ଦ୍ର ସାମଲ**



୧୮୩୯ ମସିହା ଡିସେମ୍ବର ୮ ତାରିଖ ଆଜିର ବଙ୍ଗଳାଦେଶ ଅନ୍ତର୍ଗତ କୁଷ୍ଟିଆ ଜିଲ୍ଲାର କୟା ନାମକ ଛୋଟ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ବାଘାଯତୀନ । ପାଞ୍ଚ ବର୍ଷ ବୟସରେ ବାପାଙ୍କ ମୃତ୍ୟୁ ପରେ ମା'ଙ୍କ ସହ ମାମୁଁ ଘରେ ରହି ବାଲ୍ୟ ଶିକ୍ଷା ଲାଭ କରିଥିଲେ । ନଦିଆ ଜିଲ୍ଲାର ସରକାରୀ ଓକିଲ ଥିଲେ ତାଙ୍କୁ ମାମୁଁ ବସନ୍ତ କୁମାର ଚାଟାର୍ଜୀ । ମାମୁଁଙ୍କ ଦ୍ୱାରା ସେ ବିଶେଷ ପ୍ରଭାବିତ ହୋଇଥିଲେ । ମାମୁଁଙ୍କ ଗୃହରକ୍ଷୀ ଫିରୋଜ୍ ଖାଁଙ୍କଠୁ ଯତୀନ ଅସ୍ତ୍ରଶସ୍ତ୍ର ଚାଳନା ଶିକ୍ଷା କରିଥିଲେ । ପିଲାଦିନୁ ମା'ଙ୍କଠୁ ସେ ଦେଶାତ୍ମବୋଧ କାହାଣୀ ଶୁଣୁଥିଲେ । ଇଂରେଜମାନଙ୍କ ପ୍ରତି ସେବେଠୁ ଘୃଣାଭାବ ଜାତ ହୋଇସାରିଥିଲା ତାଙ୍କ ମନରେ । ସାମାଜିକ ବୈଷମ୍ୟକୁ ସେ ଦୃଢ଼ ବିରୋଧ କରୁଥିଲେ । ୧୮୯୯ ମସିହାରେ ଯତନୀ ଏଣ୍ଟ୍ରାସ୍ ପାସ୍ କରି ଉଚ୍ଚଶିକ୍ଷା ପାଇଁ କଲିକତାରେ ରହିଲେ । ସେଠାରେ ଚିନ୍ତାନାୟକମାନଙ୍କ ସ୍ପର୍ଶରେ ଆସି ଇଂରେଜ ବିରୁଦ୍ଧରେ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଲେ ।

୧୯୦୦ ମସିହାରେ ଯତୀନ ଉମାପଦ ବାନାର୍ଜୀଙ୍କ ଝିଅ ହିନ୍ଦୁବାଳାଙ୍କୁ ବିବାହ କରିଥିଲେ । ୧୯୦୩ ମସିହାରେ ଯୋଗେନ୍ଦ୍ର ବିଦ୍ୟାଭୂଷଣଙ୍କ ଘରେ ବିପ୍ଳବୀ ଅରବିନ୍ଦ ଘୋଷଙ୍କ ସହିତ ଯତୀନଙ୍କର ସାକ୍ଷାତ ହେଲା । ଏହାପରେ ସେ ଦେଶର ମୁକ୍ତି ଆନ୍ଦୋଳନରେ ଗଭୀର ମନୋନିବେଶ କଲେ । ୧୯୦୫ ମସିହା ବଙ୍ଗଭଙ୍ଗ ଆନ୍ଦୋଳନରେ ସେ ପ୍ରତ୍ୟକ୍ଷ ସାମିଲ ହୋଇଥିଲେ । ବାଘାଯତୀନ ଗଦର ନାମକ ଏକ ପତ୍ରିକା ପ୍ରକାଶ କରି ସାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ । ଇଂରେଜ ମାନଙ୍କ ସମସ୍ତ ଉଦ୍ୟମ ସେ ପଣ୍ଡ କରି ଦେଉଥିଲେ । ଦେଶ ପାଇଁ ବିପ୍ଳବୀ ଭାବେ ପ୍ରାଣବଳି ଦେବାର ସୌଭାଗ୍ୟ ଆଉ ଆସିବ ନାହିଁ ବୋଲି ସେ ବାରମ୍ବାର ବିପ୍ଳବୀ ମାନଙ୍କୁ କହୁଥିଲେ । ଦେଶର ମୁକ୍ତି ପାଇଁ ଯୁଦ୍ଧ ସମୟରେ ଇଂରେଜ ମାନଙ୍କ ଗୁଳିରେ ସେ ଗୁରୁତର ଆହତ ହେଲେ । ତାଙ୍କୁ କାବୁକରି ବ୍ରିଟିଶ ସୈନ୍ୟମାନେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେପ୍ଟେମ୍ବର ୧୦ ତାରିଖ ପ୍ରତ୍ୟୁଷରୁ ବାଘାଯତୀନ ଇହଲୀଳା ସମ୍ବରଣ କଲେ । ଏହି ମହାନାୟକଙ୍କ ଦେଶପ୍ରେମ ଓ ପ୍ରାଣବଳି ଯୁଗ ଯୁଗକୁ ସମଗ୍ର ଓଡ଼ିଶା ତଥା ଭାରତ ଇତିହାସର ପୃଷ୍ଠାମଣ୍ଡନ କରିବ, ତାହା ନିଃସନ୍ଦେହ ।


*ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩*


# ସଫଳତା ପଛର ରହସ୍ୟ

**ପଣ୍ଡିତ ସୋମନାଥ ଦାଶ**

ମନୁଷ୍ୟ ଏକ ଦେହଧାରୀ ଆତ୍ମା । ମୂଳତଃ ମନୁଷ୍ୟ ଏକ ଆଧ୍ୟାତ୍ମିକ ଜୀବ । ମନୁଷ୍ୟ ହେଉଛି ମାନବୀୟ ମୂଲ୍ୟବୋଧର ପ୍ରତୀକ । ମନୁଷ୍ୟ ଏକ ଜଟିଳ ସାମାଜିକ ପ୍ରାଣୀ ଯେଉଁଠି ଜୀବନଟା ହେଉଛି ଏକ ଚେତନାର ସ୍ରୋତ । ନୈତିକତାକୁ ସଦାଚାର ବୋଲାଯାଏ, ସଦାଚାର କହିଲେ ଆମେ ସଦଗୁଣ ସମ୍ପନ୍ନ ମହତ ଜୀବନର ଚିତ୍ର ଦେଖୁ । ସୀମିତ ଅର୍ଥରେ ଏହା ନିର୍ମଳ ଚରିତ୍ରକୁ ବୁଝାଇଥାଏ ।

ସଫଳତା ପାଇବାକୁ ହେଲେ ଜୀବନରେ ବହୁତ ପରିଶ୍ରମ କରିବା ଜରୁରୀ । ବିନା ପରିଶ୍ରମରେ କୌଣସି ସଫଳତା ପାଇବା ତ ଦୂର କଥା ଏ ସଂପର୍କରେ ଚିନ୍ତା କରିବା ମଧ୍ୟ ମୁସ୍କିଲ । ସଫଳତା ପାଇବାକୁ ହେଲେ ପରିଶ୍ରମ ସହ ଅନେକ କିଛି କରିବାକୁ ପଡ଼ିଥାଏ । ଯଦି କୌଣସି କାମରେ ସଫଳତା ମିଳେ ତେବେ ସେହି କାମକୁ କେବେ ଏବଂ କିପରି କରିବା ସହିତ ଏହି ସଫଳତା ପାଇଁ କି ପ୍ରକାର ସାଧନା କରିବା ଦରକାର ସେ ବିଷୟରେ ପ୍ରଥମେ ଜାଣିବାର ଆବଶ୍ୟକତା ରହିଛି । ଶାସ୍ତ୍ରରେ ମଧ୍ୟ କୁହାଯାଇଛି ଯେଉଁ ବ୍ୟକ୍ତି ଏ ସମସ୍ତ ବିଷୟ ହୃଦୟଙ୍ଗମ କରିପାରିବ ସେ ସଫଳତା ପାଇପାରିବ ।

ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ନିଷ୍ଠା, ଅଧ୍ୟବସାୟ, ପରିଶ୍ରମ, ରଣନୀତି, ବିଶ୍ୱାସ, ପ୍ରୋତ୍ସାହନର ଆବଶ୍ୟକତା ରହିଛି, ଯାହା ମର୍ଯ୍ୟାଦାପୁରୁଷ ଭଗବାନ ରାମଚନ୍ଦ୍ରଙ୍କ ପାଖରେ ଥିଲା । ଏହା ସହିତ ସଫଳତା ପାଇବାକୁ ହେଲେ ଧୀର, ଗମ୍ଭୀର ଏବଂ ଶାନ୍ତ ସ୍ୱଭାବର ହେବା ଦରକାର । ପ୍ରଭୁ ରାମଚନ୍ଦ୍ର ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପିତାଙ୍କ ଆଦେଶ ମାନିଥିଲେ ଏବଂ କେବିର୍ତ୍ତ, ଶବରୀ ସହିତ ଉତ୍ତମ ବ୍ୟବହାର କରିବା ସହ ସମସ୍ତଙ୍କୁ ସମାନ ଆଚରଣ କରୁଥିଲେ । ସମୁଦ୍ରରେ ବିଶାଳ ସେତୁ ନିର୍ମାଣରେ ଗୁଣ୍ଡୁଚିର ସହାୟତାକୁ ମଧ୍ୟ ଗ୍ରହଣ କରିଥିଲେ । ଯାହାକି ଏକ ଉତ୍ତମ ରଣନୀତିର ଉଦାହରଣ । ଏସବୁ ଗୁଣ ନଥିଲେ ସେ ଏତେ ବଡ଼ ଶକ୍ତିଶାଳୀ ରାକ୍ଷସର ବିନାଶ କରିପାରି ନଥାନ୍ତେ ଯାହାକି ରଣନୀତି, କୁଟନୀତି ଏବଂ ପରାକ୍ରମର ସର୍ବଶ୍ରେଷ୍ଠ ଉଦାହରଣ । ସଦଗୁଣ ଓ ସଦାଚାର ଠାରୁ ବଡ଼ ହୋଇ ଅନ୍ୟ ଧର୍ମ କିଛି ନାହିଁ । ସଫଳତା ପାଇଁ ସଦାଚାର ରାସ୍ତା ଦେଖାଇଥାଏ ଓ ଶାନ୍ତି ପ୍ରଦାନ କରିଥାଏ । ସଦାଚାର ହେଉଛି ଜୀବନ ତଥା ସମୃଦ୍ଧି ଠାରୁ ମହତ୍ତର ।


*କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୭୦୦୮୦୦୦୮୯୮*


# କ୍ୟାସଲେସ୍ କାର୍ଡ

**ନିର୍ବିକାର ପ୍ରଭାତ**

ସ୍ୱାସ୍ଥ୍ୟ ଓ ସୁସ୍ଥତା ବର୍ତ୍ତମାନ ସମଗ୍ର ମାନବ ସମାଜ ପାଇଁ ଚିନ୍ତାର କାରଣ ପାଲଟି ଯାଇଛି । ବିକାଶ ଆଳରେ ପ୍ରାକୃତିକ ପରିବେଶକୁ ବିନାଶ କରିବା ଏବେ ମଣିଷଙ୍କ ଦୈନନ୍ଦିନ କାର୍ଯ୍ୟ । ବାହ୍ୟ ଚାକଚକ୍ୟ ସହିତ ଆଧୁନିକତାର ଉନ୍ମାଦନା ଏହାର କାରଣ । ଭୋଗବାଦୀ ମାନସିକତା, ଭୌତିକ ଲାଳସା, କର୍ମ ବିମୁଖତା ସହିତ ବିଳାସପୂର୍ଣ୍ଣ ଜୀବନ ନିର୍ବାହ ଆଜି ମାନବ ସମାଜକୁ ପ୍ରାକୃତିକ ସ୍ତରରେ ତଳକୁ ତଳ ଟାଣୁଛି । ସମ୍ପ୍ରତି ଯୁଦ୍ଧାସ୍ତ୍ର ପ୍ରୟୋଗର ଭୟାବହତାକୁ ସମସ୍ତେ ହୃଦୟଙ୍ଗମ କରୁଥିବା ସତ୍ତ୍ୱେ ଜୀବନ ଜିଇଁବାର ଉପଲବ୍ଧିକୁ ଅନେକାଂଶରେ ଗୁରୁତ୍ୱ ଦିଆଯାଇ ପାରୁନାହିଁ । ଜୀବନ ଧାରଣର ମାନ ଆଖି ଦୃଶିଆ ବୃଦ୍ଧି ହେଉ ଥିବା କଥା ପ୍ରଚାର ହେଉଥିବା ବେଳେ ରୋଗ ବୈରାଗ ଆଜି ମୁଖ୍ୟ ସମସ୍ୟା ପାଲଟି ଯାଇଛି । ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନିମନ୍ତେ ସରକାର ଯେତେ ଉଦ୍ୟମ କଲେ ବି ଆଜି କେତେକ ନାଗରିକ ଅର୍ଥ ସମସ୍ୟାରେ ପଡି ବିଭିନ୍ନ ହାସପାତାଳର ସେବାକୁ ଗୁରୁତ୍ୱ ଦେଇ ପାରୁ ନାହାଁନ୍ତି । ତଥାପି ସରକାରୀ ସ୍ତରରେ ମାଗଣା ସ୍ୱାସ୍ଥ୍ୟସେବା ଦେବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରା ଯାଉଛି । ରାଜ୍ୟର ଜନ ସାଧାରଣ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ମାଗଣାରେ ସରକାରୀ ଓ ଘରୋଇ ଡାକ୍ତରଖାନାର ସୁବିଧା ପାଉଛନ୍ତି । ଆଗରୁ ଔଷଧ ବିନା ଲୋକ ମୃତ୍ୟୁବରଣ କରୁଥିଲେ । ଏବେ ଦଳ, ବଳ ନିର୍ବିଶେଷରେ ଆଭା କାର୍ଡ ମାଧ୍ୟମରେ କେତେ କେତେ ବରିଷ୍ଠ ନାଗରିକ ନିଜର ଅମୂଲ୍ୟ ଜୀବନକୁ ବଞ୍ଚାଇ ପାରୁଛନ୍ତି । ଏଥିରେ ଘରୋଇ ହାସପାତାଳ ଗୁଡିକ ଲାଭାନ୍ୱିତ ହେଉଥିଲେ ବି ନିପଟ ମଫସଲର ରୋଗୀମାନେ ଚିକିତ୍ସିତ ହେଉଛନ୍ତି ।

ମାଗଣା ସ୍ୱାସ୍ଥ୍ୟ ସେବା ପାଇ ପାରୁନଥିବା ଛୋଟ ବଡ କର୍ମଚାରୀ ଯେଉଁମାନେ କି ସ୍ୱାସ୍ଥ୍ୟ କାର୍ଡରୁ ବଞ୍ଚିତ, ସେମାନଙ୍କ ଅବସ୍ଥା କଣ ହେଉଛି ତାହା ଆଜି ବିଚାର କରିବା କଥା । ସେମାନେ ଜଣେ ଜଣେ ଭୋଟର ସହିତ ସମାଜସେବୀ । ସେମାନଙ୍କ ବୃଦ୍ଧ କାଳୀନ ଅବସ୍ଥାକୁ ତୀକ୍ଷ୍ଣ ଦୃଷ୍ଟିରେ ଅବଲୋକନ କଲେ ଜଣେ ସୁସ୍ଥ ମାନସିକତାର ମଣିଷ ସବୁ ହୃଦୟଙ୍ଗମ କରି ପାରିବ ।

ସମୟର ତାଳ ଦେଇ ସମାଜ ଆଜି ଅଗ୍ରସର । ବୈଷୟିକ ବିକାଶ ଯୋଗୁ ବୈଜ୍ଞାନିକ ପଦ୍ଧତିରେ ସ୍ୱାସ୍ଥ୍ୟ ସେବା ଉନ୍ନତ ହେଲେ ହେଁ ଆଜି ବେଶ୍ ମହଙ୍ଗା ହୋଇଛି । ସରକାରଙ୍କ ଯେ କୌଣସି ସହଯୋଗ ପଛରେ ନିର୍ବାଚନ ହିଁ ମୁଖ୍ୟ ଉଦ୍ଦେଶ୍ୟ । ତଥାପି ସମାଜର ଉନ୍ନତି ପାଇଁ କେତେକ ପ୍ରତିନିଧି ସ୍ୱର ଉତ୍ତୋଳନ କରୁଛନ୍ତି । ସମାଜର ମଙ୍ଗଳ ନିମିତ୍ତ ସେପରି ବୁଦ୍ଧିଜୀବୀଙ୍କ ପ୍ରଚେଷ୍ଟାକୁ ଆମେ ସମସ୍ତେ ସମ୍ମାନ ଦେବା ଉଚିତ ।

ଦେଶର ଯେତେ ଆୟ ତାର ଅଧିକାଂଶ ଭାଗ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହିତ ଅନେକ କ୍ଷେତ୍ରରେ ନିବେଶ କରା ଯାଉଛି । ହେଲେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି ସ୍ୱଳ୍ପ ବେତନଭୋଗୀ କର୍ମଚାରୀ । ଟ୍ୟାକ୍ସ ପ୍ରଦାନକାରୀ ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଅଳ୍ପ ମାତ୍ରାରେ ବୋଝ ହେଉଥିବା ବେଳେ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀଙ୍କ ଉପରେ ତାହାର ଚାପ ଅଧିକ ପଡୁଛି । ବ୍ୟୟ ବହୁଳ ଜୀବନଚର୍ଯ୍ୟାର ପରଣାମ ସ୍ୱରୂପ ପରିବାରର ବରିଷ୍ଠ ସଦସ୍ୟ ଆପଣା ରୋଜଗାରର କିଞ୍ଚିତ ଅର୍ଥ ସ୍ୱାସ୍ଥ୍ୟ ସେବାରେ ବିନିଯୋଗ କରନ୍ତି । ଏପରିକି ଆର୍ଥିକ ବୋଝ ହେତୁ ସାମାନ୍ୟ ଅସୁସ୍ଥତାକୁ ଅବହେଳା କରି ପରେ ମୃତ୍ୟୁବରଣ କରିବାର ନଜିର ରହିଛି ।

ସ୍ୱାସ୍ଥ୍ୟ ହିଁ ସମ୍ପଦ । ସାଧାରଣ ଭୋଟର ମାଗଣା ରାସନ ଓ ଦେୟମୁକ୍ତ ସ୍ୱାସ୍ଥ୍ୟସେବା ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ପାଉଥିବା ବେଳେ ବେତନଭୋଗୀ ଚାକିରିଆଙ୍କ ପେନସନ ଥିବାରୁ ସେହି ଦାତବ୍ୟ ସେବାଗୁଡିକରୁ ସେମାନେ ବଞ୍ଚିତ ହେଉଛନ୍ତି । ଜମିବାଡ଼ିଶୂନ୍ୟ ଛୋଟ ଚାକିରିଆମାନେ ଘର ଚଳାଉ ଚଳାଉ ତାଙ୍କର ମାସିକ ଦରମା ଅଧା ମାସରେ ଶେଷ ହୁଏ । ସେମାନେ ଆୟକୁ ଦେଖି ବ୍ୟୟ କରୁ କରୁ ନିଜ ଶରୀରର ଯତ୍ନ ନେଇ ପାରନ୍ତି ନାହିଁ । ବଡବଡ ହାସପାତାଳର ଆନୁସଙ୍ଗିକ ସୁବିଧା ସୁଯୋଗ ତାଙ୍କ ପାଇଁ ଅପହଞ୍ଚ ପାଲଟିଯାଏ । ଯଦି କେବେ ଜଣେ ବେତନଭୋଗୀ ସରକାରୀ ଡାକ୍ତରଖାନାରେ ମୃତ୍ୟୁବରଣ କରେ ବାହାରୁ ଆସେ ଅନେକ ଟାହିଟାପରା । 'ଦରମା ଟଙ୍କାରେ ଅୟସ କରି ସାତ ପୁରୁଷ ପାଇଁ ସଞ୍ଚିତ କରିଥିବା କର୍ମଚାରୀଟି ନିଜର କୃପଣତାରୁ ମରିଗଲା ।' ହେଲେ ତାର ମାସିକ ଆୟ ବ୍ୟୟ ହିସାବ କରିବାକୁ କେହି ଆଗଭର ହୁଅନ୍ତି ନାହିଁ । ଜିନିଷ ପତ୍ରର ଆକାଶ ଛୁଆଁ ଦର ସହିତ ଔଷଧ ପତ୍ରର ମୂଲ୍ୟ ବୃଦ୍ଧି ଯୋଗୁ ଔଷଧ କିଣିବାକୁ ଅନେକ କୁଣ୍ଠିତ ହେଉଛନ୍ତି । ସାମାଜିକ ସମ୍ମାନକୁ ଜଗି ଗୋଟିଏ କର୍ମଚାରୀ ଭଲ ପୋଷାକ ପତ୍ର ପିନ୍ଧିବାକୁ ବାଧ୍ୟ ହୁଏ । କିନ୍ତୁ ଆଭ୍ୟନ୍ତରୀଣ ଅସୁସ୍ଥତା ଉପରେ ପରଦା ଟାଣି କୃତ୍ରିମ ହସ ହସେ । ତାଙ୍କର ପାରିବାରିକ ବୁଝାମଣାକୁ ଯଦି ତର୍ଜମା କରାଯାଏ, କେତେ ମାନସିକ ଚାପରେ ସେମାନେ ଥାଆନ୍ତି ତାହା ଜାଣି ହେବ । ରକ୍ତ ଚାପ ଓ ସର୍କରା ବୃଦ୍ଧି ହେଉଛି ସେମାନଙ୍କର ନିୟମିତ ରୋଗ । ସେମାନଙ୍କ ସମସ୍ୟାକୁ ଉପଲବ୍ଧ କରି ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ସରକାରୀ କର୍ମଚାରୀଙ୍କ ଭତ୍ତା କି ଦରମା ମାତ୍ର ତିନି ପ୍ରତିଶତ ବୃଦ୍ଧି ପାଇଲେ ତାକୁ ଯେତେ ତୀବ୍ର ବେଗରେ ଗଣମାଧ୍ୟମ ପ୍ରଚାର କରନ୍ତି, ସେମାନଙ୍କ ବାର୍ଦ୍ଧକ୍ୟ ଅବସ୍ଥାକୁ ଆକଳନ କରି ମର୍ମଭେଦୀ ଖବରଟେ ସେତେ ବେଗରେ ପ୍ରସାରଣ କରନ୍ତି ନାହିଁ । ଯାହା ଫଳରେ କୌଣସି ବେତନଭୋଗୀଙ୍କୁ ଅବୈତନିକ ଲୋକମାନେ ଭଲ ପାଆନ୍ତି ନାହିଁ । ସେଥିପାଇଁ ଅବସରପ୍ରାପ୍ତ କର୍ମଚାରୀଙ୍କୁ କେହି ଆଡ ଆଖିରେ ଚାହିଁବା କ୍ୱଚିତ୍ ଦେଖାଯାଏ । ସେମାନଙ୍କ ବାର୍ଦ୍ଧକ୍ୟ ଜନିତ ରୋଗାକ୍ରାନ୍ତ ଶରୀରକୁ କେହି ଆଶ୍ୱାସନାର ହାତ ବଢାନ୍ତି ନାହିଁ । ଅର୍ଥାଭାବ ଯୋଗୁ ବରିଷ୍ଠ ନାଗରିକମାନେ କାହା ଦୟାର ପାତ୍ର ହେବା ବି ସମ୍ଭବ ହୁଏନାହିଁ । ଉପଯୁକ୍ତ ଖାଦ୍ୟ ଅଭାବରେ କ୍ଷୁଧା ଓ ଔଷଧ ଅଭାବରେ ରୋଗ ମଣିଷଙ୍କୁ କଲବଲ କରି ମାରେ । ଚାକିରି ସମୟରୁ କେତେକ ନିୟମ ନିଷ୍ଠା ତାଙ୍କୁ ଏକ ଘରିକିଆ କରି ରଖିଥାଏ । ଫଳରେ ମରି ପାରୁନଥିବା କି ବଞ୍ଚି ପାରୁନଥିବା ଜୀବନର ଦୁର୍ଦ୍ଦଶା ଅନ୍ତ ହୁଏ ନାହିଁ ।

ମାନବ ଜୀବନରେ ବାର୍ଦ୍ଧକ୍ୟ ଅବସ୍ଥା ଏକ ବୋଝ ଭଳି ମନେହୁଏ କିନ୍ତୁ ରୋଗାକ୍ରାନ୍ତ ବୃଦ୍ଧ ମଣିଷ ଘୃଣିତ ହୁଏ । ପରିବାରର କିଛି ଆତ୍ମୀୟଙ୍କୁ ଛାଡିଦେଲେ, ଅନ୍ୟମାନେ ଆହା ଚୁଚୁ କହି ଦୂରରୁ ବାଟ କାଟନ୍ତି । ତେଣୁ ଆଜିର ସରକାର ଲୋକଙ୍କ ସରକାର । ସାଧାରଣ ଭୋଟର ପରି ଅବସରପ୍ରାପ୍ତ କର୍ମଚାରୀଙ୍କ ଭୋଟଟିର ମୂଲ୍ୟ ଯଥେଷ୍ଟ ଅଛି । ସେମାନଙ୍କ ପାଇଁ ମାଗଣା ସେବା ବା କ୍ୟାସଲେସ୍ ଟ୍ରିଟମେଣ୍ଟ ଯୋଗାଇବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କଲେ ଲକ୍ଷ ଲକ୍ଷ କର୍ମଚାରୀ ଉପକୃତ ହୋଇ ପାରନ୍ତେ ।


*ହାପିକଲୋନୀ, ଗୋପ, ପୁରୀ*
*୭୯୭୮୬୩୫୨୭୬*


# ଶରୀରକୁ ସଫା କରେ ପାଣି

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ପାଣି ଶାରୀରିକ କ୍ରିୟା ବୃଦ୍ଧି କରେ ଏବଂ ଆମର କ୍ଷୁଧା ବଢ଼ାଏ । ଅଧିକ ପାଣି ଶରୀରର ଶକ୍ତି ବୃଦ୍ଧି କରେ । ଅଧିକାଂଶ ସମୟରେ ଦିନରେ କିଛି ସମୟ ପାଇଁ କ୍ଲାନ୍ତି ଆସେ । ଏହାର ମୁଖ୍ୟ କାରଣ ଶରୀରରେ ଜଳୀୟାଂଶ କମ୍ ହୋଇଯିବା । ଗବେଷଣାରୁ ଜଣାଯାଇଛି ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଦ୍ୱାରା କୋଲୋନ୍ କ୍ୟାନସର, ବ୍ଲାଡର କ୍ୟାନସର ଏବଂ ବ୍ରେଷ୍ଟ କ୍ୟାନସରର ଆଶଙ୍କାକୁ କିଛି ପରିମାଣରେ କମ୍ କରିଦିଏ । ଏପରିକି ଆଣ୍ଠୁଗଣ୍ଠିର ଯନ୍ତ୍ରଣା ମଧ୍ୟ ଅଧିକ ପରିମାଣର ପାଣି ପିଇବା ଦ୍ୱାରା କମ୍ ହୋଇଯାଏ । ମୁଣ୍ଡବ୍ୟଥା ମଧ୍ୟ ପାଣି ପିଇବା ଦ୍ୱାରା କମ୍ ହୋଇଯାଏ । ପାଣି ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଶରୀରରେ ବିଭିନ୍ନ ପୋଷକତତ୍ତ୍ୱର ସଂଚାଳନ ପାଣି ଦ୍ୱାରା ହୋଇଥାଏ । ଶରୀରରେ ଥିବା ବର୍ଜ୍ୟ ସାମଗ୍ରୀ ଏବଂ ରୋଗ ସୃଷ୍ଟିକାରୀ ବ୍ୟାକ୍ଟେରିଆ ପାଣି ଦ୍ୱାରା ଶରୀରରୁ ବାହାରକୁ ଚାଲିଯାଏ । ପାଣି ପ୍ରାକୃତିକ ଭାବରେ ତ୍ୱଚାର ଜଳୀୟାଂଶ ବୃଦ୍ଧି କରେ ଏବଂ ତ୍ୱଚା ତଳେ ଥିବା ବିଭିନ୍ନ ସ୍ତରରେ ଉପଯୁକ୍ତ ପରିମାଣର କୋଷ ବୃଦ୍ଧି କରେ । ଯାହାଦ୍ୱାରା ତ୍ୱଚା ସୁସ୍ଥ ରହେ ଏବଂ ଚେହେରାରେ ଚମକ ଆସେ । ପତଳା ଲୋକଙ୍କ ଶରୀରରେ ଅଧିକ ପାଣି ଥାଏ । କାରଣ ଚର୍ବି ତୁଳନାରେ ମାଂସପେଶୀରେ ପାଣି ଧାରଣ କରିବାର କ୍ଷମତା ଅଧିକ ।

ଏହାର ଅର୍ଥ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ଆବଶ୍ୟକ । ବର୍ତ୍ତମାନ ଜୀବନ ଶୈଳୀରେ ଅଧିକାଂଶ ଲୋକ ପାଣି ପିଇବା ଉପରେ ଗୁରୁତ୍ୱ ଦେଉନାହାନ୍ତି । କିନ୍ତୁ ଶରୀରରେ ପାଣି କମ୍ ହୋଇଗଲେ ମୁଣ୍ଡବିନ୍ଧା, ମାଂସପେଶୀ ଦୁର୍ବଳତା, ଥକାପଣ, ମାନସିକ କ୍ଲାନ୍ତି ଆଦି ସମସ୍ୟା ଦେଖାଯାଏ । କିନ୍ତୁ ଅନେକେ ଜାଣିପାରନ୍ତି ନାହିଁ ଶରୀରରେ ଜଳୀୟାଂଶ କମ୍ ହେବାରୁ ଏହି ପରିସ୍ଥିତି ଦେଖାଦେଇଛି । ଚର୍ମ ବିଶେଷଜ୍ଞମାନଙ୍କ ମତ ପାଣି ତ୍ୱଚା ପାଇଁ ମହୌଷଧି । କେବଳ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଦ୍ୱାରା ଆପଣ ଚେହେରାରର ଚମକ ବଢ଼ାଇପାରିବ । ପାଣି ତ୍ୱଚାର ପ୍ରାକୃତିକ ପୋଷକ । ଭୋଜନ କରିବାର ୩୦ ମିନିଟ ପୂର୍ବରୁ ଦୁଇଗ୍ଲାସ ପାଣି ପିଇଲେ ପାଚନ ଶକ୍ତି ବଢ଼େ । ସକାଳେ ଉଠି ପ୍ରଥମେ ଗୋଟେ ଗ୍ଲାସ ପାଣି ପିଇଲେ ଶରୀର ଆଭ୍ୟନ୍ତରୀଣ ଅଙ୍ଗ ମଜଭୁତ ହୁଏ । ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ପାଣି ପିଇଲେ ହୃଦାଘାତର ଆଶଙ୍କା ଅନେକାଂଶରେ କମ ହୋଇଯାଏ । ଗାଧୋଇବା ପରେ ଗୋଟିଏ ଗ୍ଲାସ ପାଣି ପିଇଲେ ନିମ୍ନ ରକ୍ତଚାପରୁ ମୁକ୍ତି ମିଳେ । ଯେଉଁମାନେ ଅଧିକ ପାଣି ପିଅନ୍ତି ସେମାନଙ୍କର ପଥୁରୀ ହେବାର ସମ୍ଭାବନା ଖୁବ୍ କମ୍ । ଅଧିକ ପାଣି ପିଇଲେ ଶରୀରର ହାନିକାରକ ତତ୍ତ୍ୱ ଝାଳ ଏବଂ ମୂତ୍ର ଦେଇ ବାହାରି ଯାଏ । ପାଣି ଆମକୁ ଗରମରୁ ରକ୍ଷା କରେ । ଆବଶ୍ୟକତା ଅନୁଯାୟୀ ପାଣି ନପିଇଲେ ଶରୀରର ତାପମାତ୍ରା ବଢ଼ିଯାଏ ଏବଂ ଶରୀରର କ୍ରିୟାଶୀଳତା କମ୍ ହୋଇଯାଏ । ଖାଦ୍ୟକୁ ହଜମ କରିବା ପାଇଁ ଆମ ପେଟ ଏଞ୍ଜାଇମ୍ ଉତ୍ପାଦନ କରେ । ଏହି ଏଞ୍ଜାଇମ ଅମ୍ଳଯୁକ୍ତ । ତେଣୁ ଉପଯୁକ୍ତ ମାତ୍ରାରେ ପାଣି ନପିଇଲେ ପେଟରେ ଏସିଡ଼ ସୃଷ୍ଟି ହୁଏ ।

ସାରା ଦିନରେ ନିଶ୍ୱାସ ପ୍ରଶ୍ୱାସରେ ଦୁଇରୁ ତିନି କପ୍ ପାଣି ଖର୍ଚ୍ଚ ହୁଏ । ଏହା ବ୍ୟତୀତ ଝାଳ ଏବଂ ମୂତ୍ରରେ ମଧ୍ୟ ପାଣି ବାହାରିଯାଏ । ଶରୀରରେ ଆବଶ୍ୟକୀୟ ଜଳୀୟାଂଶରୁ ୧୦ ପ୍ରତିଶତ କମ୍ ହୋଇଗଲେ ନାନା ପ୍ରକାର ସମସ୍ୟା ଦେଖାଦେଇଥାଏ । ବଡ଼ମାନଙ୍କ ତୁଳନାରେ ଛୋଟ ପିଲାଙ୍କ ଶରୀରରେ ଶୀଘ୍ର ଜଳୀୟାଂଶ କମ୍ ହୋଇଯାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ୬୫ ପ୍ରତିଶତ ସ୍କୁଲ ପିଲା ବିଦ୍ୟାଳୟରେ ଥିବା ସମୟରେ ଆବଶ୍ୟକ ପରିମାଣର ପାଣି ପିଅନ୍ତି ନାହିଁ । କିନ୍ତୁ ଚିକିତ୍ସକମାନଙ୍କ ମତ ଅନୁଯାୟୀ ଶରୀରରେ ପାଣିର ପରିମାଣ ଦୁଇ ପ୍ରତିଶତ କମ୍ ହୋଇଗଲେ ଆମର ଶାରୀରିକ ଏବଂ ମାନସିକ କ୍ରିୟାଶୀଳତା ୨୦ ପ୍ରତିଶତ କମ୍ ହୋଇଯାଏ । ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ଜଳାଭାବ ଗର୍ଭ ନଷ୍ଟ ସମୟ ପୂର୍ବ ପ୍ରସବର ଆଶଙ୍କା ବୃଦ୍ଧି କରିଥାଏ । ବୟସ୍କ ମଣିଷର ଶରୀରରେ ୫୫ରୁ ୬୫ ପ୍ରତିଶତ ପର୍ଯ୍ୟନ୍ତ ଜଳୀୟାଂଶ ଥାଏ । କିନ୍ତୁ ନବଜାତ ଶିଶୁ ଶରୀରର ୮୦ ପ୍ରତିଶତ ଜଳୀୟାଂଶ ଥାଏ । ଜଣେ ସୁସ୍ଥ ମଣିଷ ଦୈନିକ ସାଢ଼େ ୫ଲିଟରରୁ ୬ଲିଟର ପର୍ଯ୍ୟନ୍ତ ପାଣି ପିଇବା ଆବଶ୍ୟକ । ଜଣେ ବ୍ୟକ୍ତି ତୃଷ୍ଣା ଅନୁଭବ କରିବା ବେଳକୁ ତାର ଶରୀରରୁ ୧ ପ୍ରତିଶତ ଜଳ ହ୍ରାସ ହୋଇଯାଇଥାଏ । ଦୀର୍ଘ ସମୟ ପର୍ଯ୍ୟନ୍ତ କଠିନ ପରିଶ୍ରମ କରିବା ପରେ ଯେକୌଣସି ବ୍ୟକ୍ତିଙ୍କର ଓଜନ ହ୍ରାସ ପାଏ । ଏହା ଶରୀରରେ ଥିବା ମେଦ ହ୍ରାସ ନୁହେଁ ବରଂ ଶରୀରକୁ ଜଳୀୟାଂଶ ହ୍ରାସର ପରିଣାମ ।

ପୃଥିବୀର ୭୫ ପ୍ରତିଶତ ଜଳଭାଗ । କିନ୍ତୁ ଏ ମଧ୍ୟରୁ ମାତ୍ର ୧୧ ପ୍ରତିଶତ ପିଇବା ଯୋଗ୍ୟ । ପୃଥିବୀ ଆରମ୍ଭରୁ ଯେଉଁ ଜଳ ଥିଲା ଆଜି ପର୍ଯ୍ୟନ୍ତ ତାହା ରହିଛି କେବଳ ଏହାର ରହିବା ସ୍ଥାନ ହିଁ ବଦଳିଛି । ଆଜି ବି ବିଶ୍ୱରେ ୩୨୬ ମିଲିଅନ୍ ଘନ ମାଇଲ ଜଳ ଅଛି । ପୃଥିବୀରେ ଆମେରିକା ସବୁଠାରୁ ଅଧିକ ଜଳ ବ୍ୟବହାର କରେ । ଆମେରିକାବାସୀ ହାରାହାରି ୮୦ରୁ ୧୦୦ ଗ୍ୟାଲନ୍ ଜଳ ବ୍ୟବହାର କରନ୍ତି ଦୈନିକ । ଭାରତର ସହରା□ଳରେ ହାରାହାରି ଜଳ ଖର୍ଚ୍ଚର ଏହା ପ୍ରାୟ ୮ଗୁଣ । ଆମେରିକାରେ ୫ ମିନିଟ ଗାଧୋଇବାରେ ଯେତିକି ପାଣି ଖର୍ଚ୍ଚ କରେ ଜଣେ ବ୍ୟକ୍ତି ସେତିକି ଜଳ ତୃତୀୟ ବିଶ୍ୱର ଗରିବ ଲୋକମାନଙ୍କର ଗୋଟିଏ ଦିନର ପାଣି ଖର୍ଚ୍ଚ ସହ ସମାନ । ପୃଥିବୀର ଅର୍ଦ୍ଧାଧିକ ଗରିବ ଲୋକ ଜଳର ଅଭାବ ହେତୁ ରୋଗଗ୍ରସ୍ତ ହୁଅନ୍ତି । ବର୍ଷକୁ ପ୍ରାୟ ୪ ମିଲିଅନ ଲୋକ ଜଳଜନିତ ରୋଗରେ ମୃତ୍ୟୁବରଣ କରନ୍ତି । ବିଶ୍ୱରେ ୧.୫ ବିଲିଅନ ଲୋକ ବିଶୁଦ୍ଧ ପାନୀୟ ଜଳ ପାଆନ୍ତି ନାହିଁ । ଗୋଟେ କେଜି ଚାଉଳ ଉତ୍ପାଦନ ପାଇଁ ୫ହଜାର ଲିଟର ଜଳ ଖର୍ଚ୍ଚ ହୁଏ । ଗୋଟିଏ ପାଉଣ୍ଡ କଫି ପାଇଁ ୧୧ ହଜାର ଲିଟର ଜଳ ଆବଶ୍ୟକ ହୁଏ । ଗୋଟିଏ ବଡ଼ ଖବରକାଗଜର ରବିବାର ସଂସ୍କରଣ ପାଇଁ ଯେତିକି କାଗଜ ଦରକାର ହୁଏ ସେଥିପାଇଁ ୩୦୦ ଲିଟର ପାଣି ଖର୍ଚ୍ଚ ହୁଏ ।

ବିଶ୍ୱବ୍ୟାପୀ କୃଷିରେ ୭୦ ପ୍ରତିଶତ ଏବଂ କଳକାରଖାନାରେ ୨୨ ପ୍ରତିଶତ ଜଳ ବ୍ୟବହାର ହୁଏ । ଆଫ୍ରିକା ଏବଂ ଏସିଆ ମହାଦେଶରେ ମହିଳାମାନେ ପିଇବା ପାଣି ସଂଗ୍ରହ କରିବା ପାଇଁ ଦୈନିକ ପ୍ରାୟ ୩.୭ ମାଇଲ ଚାଲନ୍ତି । ୧୮ ଲିଟର ଶୁଦ୍ଧ ପାନୀୟ ଜଳର ଓଜନ ୨୦ କେଜି ହୋଇଥାଏ । ଆଫ୍ରିକା ମହାଦୋରେ ଜଳକଷ୍ଟ ସର୍ବାଧିକ । ଏଠାରେ ଯୁଦ୍ଧ ତୁଳନାରେ ୧୦ଗୁଣ ମୃତ୍ୟୁ ଘଟେ ଡାଇରିଆରେ । ୟୁରୋପ ଏବଂ ଆମେରିକା ତୁଳନାରେ ଆଫ୍ରିକା ଦେଶରେ ଡାଇରିଆରେ ଶିଶୁ ମୃତ୍ୟୁ ଆଶଙ୍କା ୫୦୦ ଗୁଣ ଅଧିକା । ବିଶ୍ୱରେ ୨.୫ ବିଲିଅନ ଲୋକ ଉପଯୁକ୍ତ ପରିମଳ ସୁବିଧା ପାଇପାରି ନାହାନ୍ତି । କିନ୍ତୁ ଅଧ୍ୟୟନରୁ ଜଣାପଡ଼ିଛି କେବଳ ଠିକ୍ ଭାବରେ ହାତ ଧୋଇବା ଦ୍ୱାରା ଡାଇରିଆ ଆଶଙ୍କା ୩୫ ପ୍ରତିଶତ ହ୍ରାସ ହୋଇପାରେ । ବିଶ୍ୱରେ ପ୍ରତି ୧୫ ସେକେଣ୍ଡରେ ଜଳଜନିତ ରୋଗରେ ଜଣେ ଶିଶୁ ମୃତ୍ୟୁବରଣ କରନ୍ତି । କିନ୍ତୁ ଶୁଦ୍ଧ ପାନୀୟ ଜଳର ଖର୍ଚ୍ଚ ବି ସେତେ ଅଧିକ ନୁହେଁ । ତୃତୀୟ ବିଶ୍ୱ ଦେଶଗୁଡ଼ିକରେ ଗୋଟି, ଶିଶୁ ପାଇଁ ସାରା ବର୍ଷର ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମାତ୍ର ଗୋଟିଏ ଡଲାର ଆବଶ୍ୟକ ହୁଏ । ଅଧିକ ପାଣି ପିଇବା ମଧ୍ୟ ବେଳେବେଳେ ଅସୁସ୍ଥତାର କାରଣ ହୋଇଥାଏ । ତରବରିଆ ଭାବରେ ଅଧିକ ପାରି ପିଇନେବା ଜଳ ବିଷାକ୍ତତାର କାରର ହୋଇପାରେ ।


*ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦*

# ଅଭିନେତ୍ରୀ ଶ୍ରୀଲୀଳାଙ୍କ ଦ୍ୱାରା ରାୟଗଡ଼ାରେ କଲ୍ୟାଣ ଜୁଏଲର୍ସର ପ୍ରଥମ ସୋ'ରୁମ ଉନ୍ମୋଚିତ

**ଭୁବନେଶ୍ୱର/ରାୟଗଡ଼ା:** ଭାରତର ସବୁଠୁ ବିଶ୍ୱସ୍ତ ଓ ଅଗ୍ରଣୀ ଅଳଙ୍କାର କମ୍ପାନି କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆଜି ଓଡ଼ିଶାର ରାୟଗଡ଼ାରେ ସମ୍ପୂର୍ଣ୍ଣ ନୂତନ ଶୋରୁମ ଉଦଘାଟନ ଘୋଷଣା କରାଯାଇଛି । ବଲିଉଡ ଅଭିନେତ୍ରୀ ଶ୍ରୀଲୀଳା ଏହି ସୋ'ରୁମକୁ ଉଦଘାଟନ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଏହି ଅଂଚଳରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା । ଏହି ନୂଆ ସୋ'ରୁମରେ କଲ୍ୟାଣ ଜୁଏଲର୍ସର ବ୍ୟାପକ ଆକର୍ଷଣୀୟ ଡିଜାଇନ ରହିଛି, ଯଥା ମୁହୁରତ (ବିବାହ ଗହଣା ସମ୍ଭାର), ମୁଦ୍ରା (ହାତତିଆରି ଆଂଟିକ୍ ଗହଣା) ଓ ନିମାହ (ମନ୍ଦିର ଗହଣା) ଓ ଆହୁରି ଅନେକ କିଛି । ଏହି ଶୁଭାରମ୍ଭ ଅବସରରେ କଲ୍ୟାଣ ଜୁଏଲର୍ସର ନିତ୍ୟବ୍ୟବହାର୍ଯ୍ୟ ଗହଣା ବ୍ରାଣ୍ଡ କ୍ୟାଣ୍ଡିୟରର ଉନ୍ମୋଚନ କରାଯାଇଥିଲା । ନିଜର ଟ୍ରେଣ୍ଡି ଗହଣା ଓ ସମସାମୟିକ ଡିଜାଇନ ପାଇଁ ପରିଚିତ କ୍ୟାଣ୍ଡିୟର ହାଲୁକା ଗହଣା ସମ୍ଭାର ପ୍ରଦାନ କରୁଛି ଯାହା ଆଜିର ଜେନ୍ ଜି, କର୍ମଜୀବୀ ମହିଳା ଓ ଷ୍ଟାଇଲ ସଚେତନ ପୁରୁଷଙ୍କ ଆବଶ୍ୟକତାକୁ ପୂରଣ କରୁଛି । କ୍ୟାଣ୍ଡିୟରରେ ଗହଣା ମୂଲ୍ୟ ୧୦,୦୦୦ ଟଙ୍କାରୁ ଆରମ୍ଭ ହେଉଥିବାରୁ ତାହା ଉପହାର ପାଇଁ ଉପଯୁକ୍ତ । ଏକ ଡିଜିଟାଲ ପ୍ରଥମ ବ୍ରାଣ୍ଡରୁ ଓମନି-ଚ୍ୟାନେଲ ରିଟେଲର ଭାବେ ଏହାର ବିକାଶ ସହିତ କ୍ୟାଣ୍ଡିୟର ଅନଲାଇନ ସଫିଂ ଓ ପ୍ରତ୍ୟକ୍ଷ ଷ୍ଟୋର ଅନୁଭବର ସୁବିଧାକୁ ପ୍ରାଥମିକତା ଦେଉଛି । ଏହି ଅବସରରେ ଉପସ୍ଥିତ ଦର୍ଶକଙ୍କୁ ସମ୍ବୋଧିତ କରି

**ଏହି ଉନ୍ମୋଚନ ଗ୍ରାହକମାନଙ୍କୁ ଗହଣା କ୍ରୟରେ ଶ୍ରେଷ୍ଠତା ପ୍ରଦାନ କରିବ**

ଶ୍ରୀଲିଳା କହିଛନ୍ତି, "କଲ୍ୟାଣ ଜୁଏଲର୍ସର ସୁନ୍ଦର ସୋ'ରୁମକୁ ଉଦଘାଟନ କରିବା ଆନନ୍ଦର ବିଷୟ । ବିଶ୍ୱାସ, ସଚ୍ଛତା ଓ ଗ୍ରାହକ ପ୍ରଥମ ଆଭିମୁଖ୍ୟ ପ୍ରତି ପ୍ରତିବଦ୍ଧତାକୁ ମୁଁ ପ୍ରଶଂସା କରୁଛି । ଗୁଣାତ୍ମକ ମାନ ଓ କାରିଗରୀରେ କଲ୍ୟାଣ ଜୁଏଲର୍ସ ଲଗାତାର ଭାବେ ଉଚ୍ଚ ମାନଦଣ୍ଡ ଧାର୍ଯ୍ୟ କରୁଛି ଏବଂ ମୁଁ ଅତ୍ୟନ୍ତ ଖୁସି ଯେ ଓଡ଼ିଶାର ଲୋକମାନେ ବିଶେଷ କରି ରାୟଗଡ଼ାବାସୀ ସେମାନଙ୍କ ଗହଣା ଆବଶ୍ୟକତା



ପୂରଣ କରିବା ପାଇଁ ଏହି ଚମତ୍କାର ନୂଆ ସ୍ଥଳକୁ ପାଇଛନ୍ତି ।" ଏହି ଶୁଭାରମ୍ଭ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରମେଶ କଲ୍ୟାଣରମଣ କହିଛନ୍ତି ଯେ, "ଓଡ଼ିଶାରେ ଆମେ ଆମ ଉପସ୍ଥିତିକୁ ସୁଦୃଢ଼ କରିବ ଜାରି ରଖିଥିବା ବେଳେ ରାୟଗଡ଼ାରେ ଆମ ନୂତନ ସୋ'ରୁମର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଏହି ଅଂଚଳରେ ଆମ ଗ୍ରାହକଙ୍କୁ ପାଖକୁ ଆମର ଗୁଣାତ୍ମକ ମାନ, ସେବା ଓ ସଚ୍ଛତା ସହିତ କଲ୍ୟାଣ ଜୁଏଲର୍ସର ବ୍ୟାପକ ଡିଜାଇନକୁ ଆଣିଦେଇଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ । ଓଡ଼ିଶା ସାରାରେ ଆମ ଗ୍ରାହକମାନଙ୍କୁ ସାଗତ କରିବା ଏବଂ ଏହି ସତନ୍ତ୍ର ମୁହୂର୍ତ୍ତ ଓ ଉତ୍ସବରେ ଅଂଶ ହେବା ପାଇଁ ଆମେ ଚାହିଁରହିଛୁ ।" ଉଦଘାଟନ ଉପଲକ୍ଷେ କଲ୍ୟାଣ ଜୁଏଲର୍ସ ଆକର୍ଷଣୀୟ ଉଦଘାଟନୀ ଅଫର ଘୋଷଣା କରିଛି ଯେଉଁଥିରେ ସୁନା ଓ ହୀରା ଗହଣା ଗଢ଼ା ମୂଲ୍ୟ ଉପରେ ୦ ପ୍ରତିଶତ ପର୍ଯ୍ୟନ୍ତ ଅଫର ରହିଛି ଏଥି ସହିତ କମ୍ପାନିର ସ୍ୱତନ୍ତ୍ର ସୁନା ବୋର୍ଡ ମୂଲ୍ୟ ଯାହା ବଜାରରେ ସର୍ବନିମ୍ନ ଓ କଲ୍ୟାଣ ଜୁଏଲର୍ସର ସମସ୍ତ ସୋ'ରୁମ୍ ପାଇଁ ସମାନ ତାହା ସୀମିତ ସମୟ ପାଇଁ ଉପଲବ୍ଧ ହେବ ଯାହା ଗ୍ରାହକମାନଙ୍କ ପାଇଁ ସର୍ବାଧିକ ମୂଲ୍ୟ ସଚ୍ଛତାକୁ ସୁନିଶ୍ଚିତ କରିବ । କଲ୍ୟାଣ ଜୁଏଲର୍ସରେ ବିକ୍ରି ହେଉଥିବା ସମସ୍ତ ଅଳଙ୍କାର ବିଆଇଏସ-ହଲମାର୍କ ଓ ଏକାଧିକ ଶୁଦ୍ଧତା ଯାଂଚ ଦେଇ ଗତି କରିଥାଏ । ଏହା ବ୍ୟତୀତ ଗ୍ରାହକମାନେ ବ୍ରାଣ୍ଡର ସିଗ୍ନେଚର ୪-ସ୍ତରୀୟ ଆଶ୍ୱାସନ ପ୍ରମାଣପତ୍ର ପାଇବେ ଯାହା ସୁନାର ଶୁଦ୍ଧତା ଦର୍ଶାଉଛି, ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ବିସ୍ତୃତ ଉତ୍ପାଦ ସୂଚନା ଓ ସଚ୍ଛ ବିନିମୟ ଓ ବାଏ ବ୍ୟାକ ନୀତି ଗ୍ୟାରେଂଟି ପ୍ରଦାନ କରୁଛି । ଏହି ଆଶ୍ୱାସନ କଲ୍ୟାଣ ଜୁଏଲର୍ସ ଏହାର ମୂଲ୍ୟବାନ ଗ୍ରାହକଙ୍କୁ ସୁନ୍ଦରତମ ଗୁଣବତା ଏବଂ ବିଶ୍ୱାସ ପ୍ରଦାନ କରିବାର ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ସୋ'ରୁମ ମଧ କଲ୍ୟାଣର ଲୋକପ୍ରିୟ ନିଜସ୍ୱ ବ୍ରାଣ୍ଡ ମୁହୁରତ (ବିବାହ ଅଳଙ୍କାର ଧାରା), ମୁଦ୍ରା (ହସ୍ତତନ୍ତ ପ୍ରାଚୀନ ଅଳଙ୍କାର), ନିମାହ (ମନ୍ଦିର ଅଳଙ୍କାର), ଗ୍ଲୋ (ଡାନ୍ସିଂ ଡାଏମଣ୍ଡ), ଜିଆ (ସୋଲିଟେୟାର-ଭଳି ହୀରା ଅଳଙ୍କାର), ଅନୋଖୀ (ଅନକଟ ଡାଏମଣ୍ଡ), ଅପୂର୍ବ (ବିଶେଷ ଅବସର ପାଇଁ ହୀରା), ଅନ୍ତରା (ବିବାହ ହୀରା), ହେରା (ଦୈନନ୍ଦିନ ପରିଧାନ ହୀରା), ରଙ୍ଗ (ମୂଲ୍ୟବାନ ପଥର ଅଳଙ୍କାର) ଏବଂ ସମ୍ପ୍ରତି ଉନ୍ମୋଚିତ କରାଯାଇଥିବା ଲୀଳା (ରଙ୍ଗୀନ ପଥର ଏବଂ ହୀରା ଅଳଙ୍କାର) ରହିଛି ।

# ସ୍ମାର୍ଟ ଓ ସ୍ୱାସ୍ଥ୍ୟକର ରୋଷେଇ ପାଇଁ କେନଷ୍ଟାରର ନୂଆ ଏୟାର ଫ୍ରାୟର

**ଭୁବନେଶ୍ୱର:** ଘରୋଇ ଉପକରଣ କ୍ଷେତ୍ରର ଅଗ୍ରଣୀ ବ୍ରାଣ୍ଡ କେନଷ୍ଟାର ଭାରତର ଏକ ବିସ୍ତୃତ ଏୟାର ଫ୍ରାୟର ସମ୍ଭାର ଶୁଭାରମ୍ଭ କରିଛି । ୪୫ରୁ ଅଧିକ ଏସକେୟୁ ଥିବା ଏହି ନୂଆ ପୋର୍ଟଫୋଲିଓରେ ବିଭିନ୍ନ କ୍ଷମତା, ଡିଜାଇନ ଓ କୁକିଙ୍ଗ ସୁବିଧା ସହ ଏୟାର ଫ୍ରାୟର ସାମିଲ ହୋଇଛି । ଆଧୁନିକ ରୋଷେଇ ଘରର ଆବଶ୍ୟକତାକୁ ଧ୍ୟାନରେ ରଖି ଡିଜାଇନ୍ ହୋଇଥିବା ଏହି ସମ୍ଭାରରେଷ୍ଟାର ସେଫ୍ ଏୟାର ଫ୍ରାୟର ଓଭେନ, ଡୁଓ ଫିଷ୍ଟ ଡୁଆଲ୍ ବାସ୍କେଟ, ପିଓର ଭ୍ୟୁ ଅଲ୍-ଗ୍ଲାସ୍, ଡେଲି କୁକ୍ ଏବଂ ସେଲିବ୍ରେସନ୍ ଗିଫ୍ଟିଙ୍ଗ୍ଶୃଙ୍ଖଳ ରହିଛି । ଏହି ମଡ଼େଲଗୁଡ଼ିକ ବିଭିନ୍ନ ପରିବାରର ଆକାର ତଥା ରୋଷେଇ ଘରର




ଆବଶ୍ୟକତା ଅନୁଯାୟୀ ବିଭିନ୍ନ କ୍ଷମତାରେ ଉପଲବ୍ଧ ଅଟେ । ୪.୫ ଲିଟରରୁ ୧୨ ଲିଟର ପର୍ଯ୍ୟନ୍ତ ବିଭିନ୍ନ କ୍ଷମତାର ମଡେଲ ଉପଲବ୍ଧ ରହିଛି । ଏହି ଏୟାର ଫ୍ରାୟରଗୁଡ଼ିକରେ୩୬୦-ଡିଗ୍ରୀ ଟର୍ବୋ ଏୟାର ଓ ଡୁଓକୋର ଇଣ୍ଟେଲି ହିଟିଙ୍ଗ ଟେକ୍ନୋଲୋଜିଭଳି ଉନ୍ନତ ବୈଶିଷ୍ଟ୍ୟ ରହିଛି । ଏହା ଉତ୍ତାପର ସମାନ ବଣ୍ଟନ ସହ କମ୍ ତେଲରେ କୁରକୁରିଆ ଓ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତିରେ ସହାୟତା କରେ । ନିର୍ଦ୍ଦିଷ୍ଟ ମଡେଲରେ ରିହିଟ୍, ଗ୍ରିଲ୍, ଟୋଷ୍ଟ, ତନ୍ଦୁର, ଡିହାଇଡ୍ରେଟ୍ ଓ ବେକ୍ ଭଳି ବିଭିନ୍ନ କୁକିଙ୍ଗ ମୋଡ୍ ରହିଛି । କେନଷ୍ଟାର ସିଇଓସୁନୀଲ ଜୈନକହିଛନ୍ତି ଯେ, ଆଧୁନିକ ଭାରତୀୟ ପରିବାରର ବଦଳୁଥିବା ରୋଷେଇ ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ସମ୍ଭାର ପ୍ରସ୍ତୁତ କରାଯାଇଛି । ଏହା ଗ୍ରାହକଙ୍କୁ ସୁବିଧା, ବହୁମୁଖୀ ବ୍ୟବହାର ଓ ଆଧୁନିକ ଡିଜାଇନର ସମନ୍ୱୟ ପ୍ରଦାନ କରିବ । ଔରଙ୍ଗାବାଦସ୍ଥିତ କେନଷ୍ଟାରର ନିଜସ୍ୱ ଉତ୍ପାଦନ କାରଖାନାରେ ଏହି ଉତ୍ପାଦଗୁଡ଼ିକ ନିର୍ମାଣ ହେଉଛି । ଏଗୁଡ଼ିକ ଖୁଚୁରା ଆଉଟଲେଟ୍ ସହ ଫ୍ଲିପକାର୍ଟ, ଆମାଜନ, କ୍ୱିକ୍-କମର୍ସ ଓ ଆଧୁନିକ ଟ୍ରେଡ୍ ଆଉଟଲେଟ୍ ?ରେ ଉପଲବ୍ଧ । ଏହି ସମ୍ପୂର୍ଣ୍ଣ ଏୟାର ଫ୍ରାୟର ସମ୍ଭାର ୨-ବର୍ଷର ୱାରେଣ୍ଟି ସହିତ ଆରଓଏଚଏସ, ଆଇଏସଆଇ ଏବଂ ଆଇଏସଓ ପ୍ରମାଣପତ୍ର ପ୍ରାପ୍ତ ଅଟେ, ଯାହା ପ୍ରତ୍ୟେକ କ୍ରୟ ସହିତ ଗ୍ରାହକଙ୍କୁ ଅଧିକ ଆଶ୍ୱାସନା ପ୍ରଦାନ କରେ ।

# ଓଡ଼ିଶାରେ ଅଲ୍ଟ୍ରାଭାୟୋଲେଟ୍‌ର ବହୁ ପ୍ରତୀକ୍ଷିତ ରିଟେଲ୍ ଅନୁଭୂତି କେନ୍ଦ୍ରର ଶୁଭାରମ୍ଭ

**ଭୁବନେଶ୍ୱର:** ଅଲ୍ଟ୍ରାଭାୟୋଲେଟ୍ ଅଟୋମୋଟିଭ୍ ଆଜି ଭୁବନେଶ୍ୱରରେ ଏକ ନୂତନ ୟୁଭି ସ୍ପେସ୍ ଷ୍ଟେସନ୍ ଶୁଭାରମ୍ଭ କରିଥିବା ଘୋଷଣା କରିଛି । ଭାରତର ଉଦୀୟମାନ ମୋବିଲିଟି ବଜାରଗୁଡ଼ିକରେ କମ୍ପାନୀ ନିଜର ରିଟେଲ୍ ଉପସ୍ଥିତି ବିସ୍ତାର କରୁଥିବା ବେଳେ ଏହି ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସମ୍ପ୍ରତି ଏକ୍ସ-୪୭ କ୍ରସଓଭର ଏବଂ ବ୍ୟାଟେରି ଫ୍ଲେକ୍ସ (ବିଏଏଏସ୍) ପ୍ଲାଟଫର୍ମର ଶୁଭାରମ୍ଭ ସମେତ କମ୍ପାନୀର ଅନେକ ଉତ୍ପାଦ ଏବଂ ପ୍ରଯୁକ୍ତିଗତ ସଫଳତା ପରେ ଏହି ବିସ୍ତାର କରାଯାଇଛି । ଏହା ଏକ ସମ୍ପୂର୍ଣ୍ଣ ଉଚ୍ଚ-କ୍ଷମତାସମ୍ପନ୍ନ ଇଲେକ୍ଟ୍ରିକ୍ ମୋବିଲିଟି ବ୍ୟବସ୍ଥା ଗଠନ ପ୍ରତି ଅଲ୍ଟ୍ରାଭାୟୋଲେଟ୍‌ର ପ୍ରତିବଦ୍ଧତାକୁ ଆହୁରି ସ୍ପଷ୍ଟ କରୁଛି । ଏହି ନୂତନ କେନ୍ଦ୍ର ଯୋଗ ହେବା ସହିତ ଓଡ଼ିଶାର ଗ୍ରାହକମାନେ କମ୍ପାନୀର ଉଚ୍ଚ- କ୍ଷମତାସମ୍ପନ୍ନ ଇଲେକ୍ଟ୍ରିକ୍ ମୋଟରସାଇକେଲ୍‌ଗୁଡ଼ିକ ସହଜରେ ପାଇପାରିବେ । ସେହିପରି ଦେଶବ୍ୟାପୀ କମ୍ପାନୀର ବଢୁଥିବା ଉପସ୍ଥିତି ମଧ୍ୟ ଆହୁରି ସୁଦୃଢ଼ ହେବ । ଡିଲର ମେସର୍ସ ଜ୍ୟୋତେ ମୋଟର୍ସ (ଏନର୍ଜି) ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ନୂତନ ଭାବେ ସ୍ଥାପିତ ଏହି ୟୁଭି ସ୍ପେସ୍ ଷ୍ଟେସନ୍‌ରେ ଗ୍ରାହକମାନେ ଅଲ୍ଟ୍ରାଭାୟୋଲେଟ୍‌ର ଉଚ୍ଚ-କ୍ଷମତାସମ୍ପନ୍ନ ମୋଟରସାଇକେଲ୍, ଯେପରିକି ଏକ୍ସ- ୪୭ କ୍ରସଓଭର ଏବଂ ଏଫ୍-୭୭ଏସ୍ ସମ୍ପର୍କରେ ସମ୍ପୂର୍ଣ୍ଣ ଅନୁଭୂତି ପାଇପାରିବେ । ଏହାକୁ ଏକ ନିଆରା ବ୍ରାଣ୍ଡ ଅନୁଭୂତି କେନ୍ଦ୍ର ଭାବେ ପ୍ରସ୍ତୁତ କରାଯାଇଛି । ଏଠାରେ ଟେଷ୍ଟ ରାଇଡ୍, ବିକ୍ରୟ ସମ୍ବନ୍ଧୀୟ ପରାମର୍ଶ, ଉତ୍ପାଦ ପ୍ରଦର୍ଶନ ଏବଂ ବିଭିନ୍ନ ପ୍ରକାରର ମୋଟରସାଇକେଲ୍ ଆକ୍ସେସରିଜ୍ ଏକାଠି ଉପଲବ୍ଧ ହେବ । ଏହି ଅନୁଭୂତି କେନ୍ଦ୍ରରେ ଅଲ୍ଟ୍ରାଭାୟୋଲେଟ୍‌ର ପ୍ରମୁଖ ଉଚ୍ଚ-କ୍ଷମତାସମ୍ପନ୍ନ



ମୋଟରସାଇକେଲ୍ ଏକ୍ସ-୪୭ ଏବଂ ଏଫ୍-୭୭ଏସ୍ ପ୍ରଦର୍ଶିତ ହେବ । ୪୦.୨ ହର୍ସପାୱାର କ୍ଷମତା ଏବଂ ୧୦୦ ନ୍ୟୁଟନ୍ ମିଟର ଟର୍କ ପ୍ରଦାନ କରୁଥିବା ପାୱାରଟ୍ରେନ୍ ସହିତ ଏହି ମୋଟରସାଇକେଲ୍‌ଗୁଡ଼ିକ ଇଲେକ୍ଟ୍ରିକ୍ ପରଫର୍ମାନ୍ସକୁ ଏକ ନୂତନ ରୂପ ଦେଇଛି । ଏହା ମାତ୍ର ୨.୮ ସେକେଣ୍ଡରେ ଘଣ୍ଟା ପ୍ରତି ୦ରୁ ୬୦ କିଲୋମିଟର ବେଗରେ ପହଞ୍ଚିପାରେ । ୧୦.୩ କିଲୋୱାଟ୍-ଆୱର ବ୍ୟାଟେରି ପ୍ୟାକ୍‌ରେ ଚାଲୁଥିବା ଏହି ମୋଟରସାଇକେଲ୍‌ଗୁଡ଼ିକ ଏକଥର ଚାର୍ଜରେ ଆଇଡିସି ପ୍ରମାଣିତ ସର୍ବାଧିକ ୩୨୩ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ । ଶୁଭାରମ୍ଭ ସମ୍ପର୍କରେ ମତ ଦେଇ ଅଲ୍ଟ୍ରାଭାୟୋଲେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସହ-ପ୍ରତିଷ୍ଠାତା ନାରାୟଣ ସୁବ୍ରମଣିୟମ୍ କହିଛନ୍ତି; "ଆମେ ଭୁବନେଶ୍ୱରକୁ ଆସିବାର ବହୁ ପୂର୍ବରୁ ଏଠାକାର ଲୋକମାନେ ଅଲ୍ଟ୍ରାଭାୟୋଲେଟ୍ ଉପରେ ବିଶ୍ୱାସ ରଖିଥିଲେ । ବର୍ଷ ବର୍ଷ ଧରି ଏଠାକାର ଉତ୍ସାହୀମାନେ ଆମର ଯାତ୍ରାକୁ ଅନୁସରଣ କରିଆସିଛନ୍ତି ଏବଂ ଆମେ ଯାହା ନିର୍ମାଣ କରୁଛୁ, ତାହାର ଅନୁଭୂତି ପାଇବାକୁ ଅପେକ୍ଷା କରିଛନ୍ତି । ଏଭଳି ସମ୍ପର୍କ ଖୁବ୍ କମ୍ ଦେଖିବାକୁ ମିଳେ ଏବଂ ଏହା ଆମ ପାଇଁ ଅତ୍ୟନ୍ତ ମୂଲ୍ୟବାନ । ଆମେ ଏକ ସରଳ ବିଶ୍ୱାସ ନେଇ ଅଲ୍ଟ୍ରାଭାୟୋଲେଟ୍‌ର ଆରମ୍ଭ କରିଥିଲୁ—ଭାରତ ବିଶ୍ୱ ପାଇଁ ବିଶ୍ୱସ୍ତରୀୟ ମୋବିଲିଟି ପ୍ରଯୁକ୍ତି ନିର୍ମାଣ କରିପାରିବ । ଭୁବନେଶ୍ୱରରେ ୟୁଭି ସ୍ପେସ୍ ଷ୍ଟେସନ୍ ଖୋଲିବା ହେଉଛି ଆମ ଉପରେ ବିଶ୍ୱାସ ରଖିଥିବା ଲୋକମାନଙ୍କ ନିକଟରେ ଏହି ପ୍ରଯୁକ୍ତିକୁ ଆହୁରି ପହଞ୍ଚାଇବା ଦିଗରେ ଆଉ ଏକ ପଦକ୍ଷେପ ।" ଅଲ୍ଟ୍ରାଭାୟୋଲେଟ୍‌ର ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା ଏବଂ ପ୍ଲାଟଫର୍ମ ଆଧାରିତ ନବସୃଜନ ଉପରେ ନିର୍ମିତ ଏକ୍ସ-୪୭ କ୍ରସଓଭର ନିଜ ଶ୍ରେଣୀର ବିଶ୍ୱର ପ୍ରଥମ ଇଲେକ୍ଟ୍ରିକ୍ ମୋଟରସାଇକେଲ୍, ଯେଉଁଥିରେ ଷ୍ଟାଣ୍ଡାର୍ଡ ଭାବେ ରାଡାର ସୁବିଧା ଦିଆଯାଇଛି । ବିଭିନ୍ନ ପ୍ରକାରର ରାସ୍ତାରେ ଚଳାଇବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି । ଏଥିରେ ୫ ଇଞ୍ଚର ଟିଏଫ୍ଟି ଡିସପ୍ଲେ, ତିନୋଟି ରାଇଡ୍ ମୋଡ୍, ଲଙ୍ଗ୍-ଟ୍ରାଭେଲ୍ ସସ୍ପେନସନ୍ ଏବଂ ଶିଳ୍ପ କ୍ଷେତ୍ରରେ ପ୍ରଥମ ରେଡିଆଲ୍ ଅଲ୍-ଟେରେନ୍ ଟାୟାର ରହିଛି, ଯାହା ବିଭିନ୍ନ ପରିସ୍ଥିତିରେ ଅଧିକ ଆତ୍ମବିଶ୍ୱାସ ଏବଂ ଉତ୍ତମ ନିୟନ୍ତ୍ରଣ ପ୍ରଦାନ କରିଥାଏ । ଏହି ମୋଟରସାଇକେଲ୍‌ରେ ୟୁଭି ରାଡାର ଇଣ୍ଟେଲିଜେନ୍ସ ଏବଂ ୟୁଭି ହାଇପରସେନ୍ସ ଆଡଭାନ୍ସଡ୍ ରାଇଡର୍ ଆସିଷ୍ଟାନ୍ସ ସିଷ୍ଟମ୍ ରହିଛି । ୭୭ ଗିଗାହର୍ଟଜ୍ ରିୟର ରାଡାର ମାଧ୍ୟମରେ ଏହି ବ୍ୟବସ୍ଥା କାର୍ଯ୍ୟ କରିଥାଏ ଏବଂ ବ୍ଲାଇଣ୍ଡ ସ୍ପଟ୍ ଚିହ୍ନଟ, ଲେନ୍ ପରିବର୍ତ୍ତନ ସହାୟତା, ଓଭରଟେକ୍ ସତର୍କ ସୂଚନା ଏବଂ ପଛପଟୁ ଧକ୍କା ହେବାର ଚେତାବନୀ ଭଳି ସୁବିଧା ପ୍ରଦାନ କରିଥାଏ । ଏଥିରେ ଏକ ଇଣ୍ଟିଗ୍ରେଟେଡ୍ ଡ୍ୟାସକ୍ୟାମ୍ ସହିତ ବିଶ୍ୱର ସର୍ବାଧିକ ପାୱାର ଡେନ୍ସିଟି ଥିବା ଏୟାର-କୁଲ୍ଡ ଅନ୍‌ବୋର୍ଡ ଚାର୍ଜର ମଧ୍ୟ ରହିଛି, ଯାହାକୁ ସମ୍ପୂର୍ଣ୍ଣ ଭାବେ ଅଲ୍ଟ୍ରାଭାୟୋଲେଟ୍ ନିଜେ ବିକଶିତ କରିଛି । ଇଞ୍ଜିନିୟରିଂକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଥିବା ଅଲ୍ଟ୍ରାଭାୟୋଲେଟ୍ ଅନେକ ଶିଳ୍ପ ସ୍ତରୀୟ ସ୍ୱୀକୃତି ପାଇଛି । ଏଥିରେ ଇଭି ମୋଟରସାଇକେଲ୍ ଅଫ୍ ଦି ଇୟର୍ ସମ୍ମାନ ମଧ୍ୟ ରହିଛି । ଏହା ଭାରତରୁ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରୁଥିବା ଇଲେକ୍ଟ୍ରିକ୍ ମୋବିଲିଟି ସମାଧାନ ଗଠନ କରିବା ପ୍ରତି କମ୍ପାନୀର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରୁଛି ।

# ପ୍ରିମିୟମମୁହାଁ ଚୀନ ବ୍ରାଣ୍ଡ୍, ବଜେଟ ସେଗ୍‌ମେଣ୍ଟର ମାର୍କେଟ୍‌କୁ କବ୍‌ଜା କରିବାକୁ ବାହାରିଲେ ଭାରତୀୟ ସ୍ମାର୍ଟଫୋନ କମ୍ପାନୀ

**ନୂଆଦିଲ୍ଲୀ:** ୨୦ ହଜାର ଟଙ୍କାରୁ କମ୍ ଦାମର ସ୍ମାର୍ଟଫୋନ୍ ବଜାରରେ ଏବେ ଭାରତୀୟ କମ୍ପାନୀଙ୍କ ପାଇଁ ଖୋଲିଛି ବଡ଼ ସୁଯୋଗ । ମେମୋରୀ ଚିପ୍‌ର ଦାମ ବଢ଼ିବା ପରେ ଲାଭର ମାର୍ଜିନ କମିଯାଉଥିବାରୁ ଚୀନର ଅନେକ ସ୍ମାର୍ଟଫୋନ୍ କମ୍ପାନୀ ଏହି ଦାମ ବର୍ଗରେ ମଡେଲ୍ ସଂଖ୍ୟା କମାଇ ପ୍ରିମିୟମ୍ ଫୋନ୍ ଉପରେ ଫୋକସ୍ କରୁଛନ୍ତି । ଆଉ ଠିକ୍ ଏହି ସମୟରେ ବଜାରକୁ ଏଣ୍ଟ୍ରି କରୁଛନ୍ତି ଗୋଟିଏ ପରେ ଗୋଟିଏ ଭାରତୀୟ ବ୍ରାଣ୍ଡ୍ । ମିଭି ଠାରୁ ଆରମ୍ଭ କରି ଏଆଇ ପ୍ଲସ୍ ଓ ଫାୟାର ବୋଲ୍ଟ, ସମସ୍ତଙ୍କ ନଜର ଏବେ ଏହି ସେଗମେଣ୍ଟର ସ୍ମାର୍ଟଫୋନ ମାର୍କେଟ୍ ଉପରେ । ଯଦି ଭାରତୀୟ ବ୍ରାଣ୍ଡଗୁଡ଼ିକ ମାର୍କେଟ୍ କବ୍ଜା କରିବାରେ ସଫଳ ହେଲେ ତେବେ ଚୀନ ବ୍ରାଣ୍ଡଗୁଡ଼ିକ ମିଳିପାରେ କଡ଼ା ଟକ୍କର । ଭାରତୀୟ ସ୍ମାର୍ଟଫୋନ ମାର୍କେଟ୍‌ରେ ବର୍ତ୍ତମାନ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଏହାକୁ ଏକ ସୁଯୋଗ ଭାବେ ନେଇଛନ୍ତି ଭାରତୀୟ କମ୍ପାନୀ । ତେଣୁ ୨୦ ହଜାରରୁ କମ ମୂଲ୍ୟର ସ୍ମାର୍ଟୋଫନ ମାର୍କେଟରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଉଛି ତାକୁ ଭରିବା ପାଇଁ ଭାରତୀୟ କମ୍ପାନୀଗୁଡ଼ିକ ଗୋଟିଏ ପରେ ଗୋଟିଏ ସ୍ମାର୍ଟଫୋନ ଲଞ୍ଚ୍ କରି ଚାଲିଛନ୍ତି ।

ହାଇଦ୍ରାବାଦର ଅଡିଓ ପ୍ରଡକ୍ଟ କମ୍ପାନୀ ମିଭି ପ୍ରଥମ ଥର ପାଇଁ ସ୍ମାର୍ଟଫୋନ ବଜାରରେ ଏଣ୍ଟର କରିବାକୁ ଯାଉଛି । କମ୍ପାନୀ ଆସନ୍ତା ନଭେମ୍ବର ୨୪ରେ ନିଜର ପ୍ରଥମ ସ୍ମାର୍ଟଫୋନ ଲଞ୍ଚ କରିବାକୁ ଯୋଜନା କରିଛି । ଏହାର ମୂଲ୍ୟ ୨୦ ହଜାର ଟଙ୍କାରୁ କମ୍ ରହିବ । ସେହିପରି, ନୋଏଡା ଭିତ୍ତିକ ନେକ୍ସଟ୍ କ୍ୱାଣ୍ଟମ ଶିଫ୍ଟ ଟେକ୍ନୋଲୋଜୀ (ଘଙ୍ଗ୍ୱଛଙ୍କବଭଗ୍ୱଙ୍କଙ୍କ ଝଷସଲଗ୍ୱ ଜ୍ଞରମଷ-ଭକ୍ଟକ୍ଷକ୍ଟଶସରଗ୍ୱ) ଭାରତରେ ଏହାର ଦମଦାମର ସ୍ମାର୍ଟଫୋନ ଲଞ୍ଚ୍ କରୁଛି । ଏହି କମ୍ପାନୀର ଫାଉଣ୍ଡର ହେଉଛନ୍ତି ପୂର୍ବତନ ରିୟଲମି ଇଣ୍ଡିଆ ସିଇଓ ମାଧବ ସେଠ୍ । ଇସ+ ବ୍ରାଣ୍ଡ୍ ଅଧୀନରେ କମ୍ପାନୀ ଏପର୍ଯ୍ୟନ୍ତ ୧୧ଟି ମଡେଲ୍ ଏବଂ ସେଗୁଡ଼ିକର ବିଭିନ୍ନ ଭାରିଆଣ୍ଟ ଲଞ୍ଚ କରିସାରିଛି । ଏହି ଫୋନଗୁଡ଼ିକର ମୂଲ୍ୟ ୧୦,୯୯୯ ଟଙ୍କାରୁ ୧୯,୯୯୯ ଟଙ୍କା ମଧ୍ୟରେ ରହିଛି ।

ସ୍ମାର୍ଟୱାଚ୍ ଓ ଅଡିଓ ଉତ୍ପାଦ ପାଇଁ ଭାରତରେ ବେସ୍ ପରିଚିତ ଫାୟାର ବୋଲ୍ଟ (ଋସକ୍ୱର-ଇକ୍ଟକ୍ଷଗ୍ୱଗ୍ୱ) ମଧ୍ୟ ସ୍ମାର୍ଟଫୋନ ବଜାରରେ ପ୍ରବେଶ କରିଛି । କମ୍ପାନୀ ନିଜର ବୋଲ୍ଟ ସ୍ମାର୍ଟଫୋନ ରେଞ୍ଜ୍ ଲଞ୍ଚ କରିଛି । ଏହି ଫୋନଗୁଡ଼ିକର ମୂଲ୍ୟ ୧୦ ହଜାରରୁ ୧୬ ହଜାର ଟଙ୍କା ମଧ୍ୟରେ ରହିଛି ଏବଂ ଏଗୁଡ଼ିକ କେବଳ ଫ୍ଲିପକାର୍ଟ ମାଧ୍ୟମରେ ବିକ୍ରି ହେଉଛି ।



ଏପଟେ ପୁରୁଣା ଭାରତୀୟ ମୋବାଇଲ୍ ବ୍ରାଣ୍ଡ୍ ଲାଭା ଇଣ୍ଟରନ୍ୟାସନାଲ ମଧ୍ୟ ଏଇ କିଛି ବର୍ଷ ହେବ ସ୍ମାର୍ଟଫୋନ ଲଞ୍ଚ କରି ଆସୁଛି । ଏହିସବୁଗୁଡ଼ିକ ବଜେଟ୍ ସେଗ୍ମେଣ୍ଟରେ ଲଞ୍ଚ ହେଉଛି । ୯,୯୯୯ ଟଙ୍କାରୁ ୧୯,୯୯୯ ଟଙ୍କା ମଧ୍ୟରେ ଥିବା ଏହି ଫୋନଗୁଡ଼ିକୁ ଅନଲାଇନ୍ ସହିତ ପ୍ରାୟ ୮୦୦ଟି ଅଫଲାଇନ୍ ବିତରଣ କେନ୍ଦ୍ର ମାଧ୍ୟମରେ ବିକ୍ରି କରୁଛି କମ୍ପାନୀ ।

କାଉଣ୍ଟରପଏଣ୍ଟ ରିସର୍ଚ୍ଚର ବିଶ୍ଳେଷକ ଶୁଭମ ସିଂହଙ୍କ ଅନୁସାରେ, ୨୦୨୬ର ଦ୍ୱିତୀୟ ତ୍ରୈମାସିକରେ ୧୦ ହଜାର ଟଙ୍କାରୁ କମ୍ ସ୍ମାର୍ଟଫୋନ ବଜାରରେ ଥିବା ବ୍ରାଣ୍ଡ୍ ସଂଖ୍ୟା ୧୪ରୁ ହ୍ରାସ ପାଇ ୮କୁ ଆସିଛି । ସେହିପରି ୧୦ରୁ ୧୫ ହଜାର ଟଙ୍କା ମୂଲ୍ୟ ବର୍ଗରେ ନୂଆ ମଡେଲ୍ ଆସି ନାହିଁ । ୧୫ରୁ ୨୦ ହଜାର ଟଙ୍କା ବର୍ଗରେ ମଡେଲ୍ ସଂଖ୍ୟା ୧୬ରୁ କମି ୧୪କୁ ଆସିଛି । ବିଶ୍ଳେଷକଙ୍କ ମତରେ, ମେମୋରୀ ଚିପ୍ର ଦାମ ବଢ଼ିବା ଯୋଗୁ ଲୋ-ପ୍ରାଇସ୍ ସେଗମେଣ୍ଟରେ କମ୍ପାନୀଗୁଡ଼ିକର ଲାଭ ପ୍ରଭାବିତ ହେଉଛି । ଭଲ ମାର୍ଜିନ ନ ମିଳିବାରୁ ବଡ଼ ସ୍ମାର୍ଟଫୋନ ନିର୍ମାତାମାନେ ପ୍ରିମିୟମ୍ ଫୋନ ଆଡ଼କୁ ମୁହାଁଉଛନ୍ତି ।

ତଥାପି ୨୦ ହଜାର ଟଙ୍କାରୁ କମ୍ ସେଗମେଣ୍ଟ, ଭାରତୀୟ ସ୍ମାର୍ଟଫୋନ ବଜାର ପାଇଁ ଏବେ ବି ବେଶ୍ ଗୁରୁତ୍ୱପୂର୍ଣ୍ଣ । ୨୦୨୬ର ଦ୍ୱିତୀୟ ତ୍ରୈମାସିକରେ ଏହି ସେଗମେଣ୍ଟ ସମଗ୍ର ସ୍ମାର୍ଟଫୋନ ବଜାରର ପ୍ରାୟ ୫୧ ପ୍ରତିଶତ ଅଂଶ ଦଖଲ କରିଥିଲା । ତେଣୁ ବଡ଼ ବିଦେଶୀ ବ୍ରାଣ୍ଡଗୁଡ଼ିକ ପଛକୁ ହଟୁଥିବା ସମୟରେ ନୂଆ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଏହା ଏକ ବଡ଼ ବଜାର ସୁଯୋଗ ପାଲଟିଛି ।

ମିଭିର ସହ-ପ୍ରତିଷ୍ଠାତା ମିଧୁଲା ଦେବଭକ୍ତୁନିଙ୍କ ମତରେ, ଏବେ ଭାରତୀୟ ମୋବାଇଲ୍ ବ୍ରାଣ୍ଡ ପାଇଁ ୨୦ ହଜାର ଟଙ୍କାରୁ କମ୍ ମୂଲ୍ୟ ସେଗ୍ମେଣ୍ଟରେ ଏଣ୍ଟ୍ରି କରିବାର ଉପଯୁକ୍ତ ସମୟ । ମେମୋରୀ ଦାମ ବଢ଼ିବା ଯୋଗୁ ବଡ଼ ବିଶ୍ୱସ୍ତରୀୟ କମ୍ପାନୀ ପ୍ରିମିୟମ୍ ବଜାରକୁ ଯାଉଥିବାରୁ ଭାରତୀୟ କମ୍ପାନୀ ପାଇଁ ଏଠାରେ ଏକ ନୂଆ ସ୍ଥାନ ସୃଷ୍ଟି ହୋଇଛି ।

ମିଭି ନିଜ ସ୍ମାର୍ଟଫୋନର ଡିଜାଇନ୍ ନିଜେ ବିକଶିତ କରିଛି । ଏଥିରେ ନଏଜ କ୍ୟାନସଲେସନ ଭଳି ଫିଚର୍ ମଧ୍ୟ ଦିଆଯାଇଛି । ଆଗାମୀ ଦିନରେ କମ୍ପାନୀ ନିଜେ ଫୋନ୍ ଆସେମ୍ବଲ୍ କରିବାକୁ ଯୋଜନା କରୁଛି । ଦୀର୍ଘମିଆଦୀ ଭାବେ ନିଜକୁ ଏକ ଅରଜିନାଲ ଡିଜାଇନ ମେନୁଫେକ୍ଚର (ଙଡଗ) ଭାବେ ପରିଣତ କରିବାକୁ କମ୍ପାନୀର ଲକ୍ଷ୍ୟ ରହିଛି । ଅର୍ଥାତ୍ ଫୋନର ଡିଜାଇନ୍ ଓ ଉତ୍ପାଦନ ସହିତ ମୁଖ୍ୟ ଉପାଦାନଗୁଡ଼ିକୁ ମଧ୍ୟ ନିଜେ ତିଆରି କରିବା ଦିଗରେ ମିଭି ଆଗକୁ ବଢ଼ିବ ବୋଲି କମ୍ପାନୀ ଟାର୍ଗେଟ୍ ରଖିଛି । ଅନ୍ୟପଟେ ନେକ୍ସ କ୍ୱାଣ୍ଟମ ଚଳିତ ଆର୍ଥିକ ବର୍ଷରେ ସମଗ୍ର ସ୍ମାର୍ଟଫୋନ ବଜାରର ୩ରୁ ୪ ପ୍ରତିଶତ ଅଂଶ ହାସଲ କରିବାକୁ ଲକ୍ଷ୍ୟ ରଖିଛି । କମ୍ପାନୀ ଏପର୍ଯ୍ୟନ୍ତ ଅନଲାଇନ୍ ବିକ୍ରି ଉପରେ ଅଧିକ ଗୁରୁତ୍ୱ ଦେଇଛି ଏବଂ ଫ୍ଲିପ୍କାର୍ଟ ସହ ପାର୍ଟନର୍ସିପ୍ ମାଧ୍ୟମରେ ନିଜ ଫୋନ ବିକ୍ରି କରୁଛି । ଏନେଇ କମ୍ପାନୀର ପ୍ରତିଷ୍ଠାତା ମାଧବ ସେଠ୍ କହିଛନ୍ତି ଯେ, ଗ୍ରାହକଙ୍କ ପାଇଁ ଫୋନର ମୂଲ୍ୟକୁ ସୁହାଇଲା ଭଳି ରଖିବା ଆମର ମୁଖ୍ୟ ଲକ୍ଷ୍ୟ । ଅନଲାଇନ୍ ବଜାର ସମଗ୍ର ସ୍ମାର୍ଟଫୋନ ବଜାରର ପ୍ରାୟ ୫୦ ପ୍ରତିଶତ ହୋଇଥିବାରୁ କମ୍ପାନୀ ଏବେ ଅନଲାଇନ୍ ବିକ୍ରିକୁ ପ୍ରାଥମିକତା ଦେଉଛି ।

# ଆକ୍ସିସ ବ୍ୟାଙ୍କ ପକ୍ଷରୁ ସ୍ୱର୍ଶ ସପ୍ତାହର ଶୁଭାରମ୍ଭ

**ଭୁବନେଶ୍ୱର:** ଭାରତର ଅନ୍ୟତମ ସର୍ବବୃହତ ଘରୋଇ ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ପକ୍ଷରୁ ଏହାର ପ୍ରମୁଖ ଗ୍ରାହକ ଅଭିଯାନ 'ସ୍ୱର୍ଶ ସପ୍ତାହ ୨୦୨୬' ଘୋଷଣା କରାଯାଇଛି ଯାହା ଗ୍ରାହକ, କର୍ମଚାରୀ ଏବଂ ଦେଶର ଲିଡରମାନଙ୍କୁ ଏକତ୍ରୀତ କର ସମ୍ପର୍କକୁ ସୁଦୃଢ଼ କରିବା ସହିତ ଗ୍ରାହକଙ୍କ ସହ ବୁଝାମଣାକୁ ବଢ଼ାଇବ । ଚଳିତ ବର୍ଷ ସେପ୍ଟେମ୍ବର ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଅଭିଯାନର ବିଷୟବସ୍ତୁ ରହିଛି 'ଆକ୍ଟ ୱିଥ୍ ସ୍ପିଡ୍' ଯାହା ଗ୍ରାହକଙ୍କ କଥା ଶୁଣିବା ଓ ସେମାନଙ୍କ ସୂଚନାକୁ ଦ୍ରୁତ ପଦକ୍ଷେପ ଓ ଉନ୍ନତ ଅନୁଭୂତିରେ ପରିଣତ କରିବାକୁ ବ୍ୟାଙ୍କର ପ୍ରତିବଦ୍ଧତାକୁ ତାହା ସୁଦୃଢ଼ କରୁଛି । ଚଳିତ ବର୍ଷ ଏହି ଅଭିଯାନର ଚତୁର୍ଥ ସଂସ୍କରଣ ଆୟୋଜନ କରାଯାଉଛି ଯାହା ହେଉଛି ବ୍ୟାଙ୍କର ସର୍ବବୃହତ ଗ୍ରାହକ ସମ୍ପର୍କ ଓ କର୍ମଚାରୀ ସଂଗ୍ରହ ପ୍ଲାଟଫର୍ମ । ଆଗାମୀ ପାଂଚ ବର୍ଷରେ ଆକ୍ସିସ ବ୍ୟାଙ୍କ ନେଟୱର୍କ ଏହାର ବିଭିନ୍ନ ଟଚପଏଂଟ, କ୍ଷେତ୍ର, ଭୌଗୋଳିକ ଅଂଚଳ ଓ ଜୀବନ ସ୍ତରରେ ୨.୫ ଲକ୍ଷରୁ ଅଧିକ ଗ୍ରାହକଙ୍କ ନିକଟରେ ପହଂଚିବାକୁ ଲକ୍ଷ୍ୟ ରଖିଛି । ଚଳିତ ବର୍ଷ କାର୍ଯ୍ୟକ୍ରମର ଏକ ମୁଖ୍ୟ ବିଶେଷତ୍ୱ ହେଉଛି କାଶ୍ମୀରରୁ କନ୍ୟାକୁମାରୀ ଓ କଚ୍ଛରୁ କୋହିମା ପର୍ଯ୍ୟନ୍ତ ସ୍ଥାନରୁ ୯୦ ଲିଡର ବ୍ୟାଙ୍କର ଶାଖା, ଏମଡବ୍ଲ୍ୟୁବିସି, ରଣ କେନ୍ଦ୍ର, ଆକ୍ସିସ ଫୋନ ସ୍ଥଳ ଓ କାର୍ଯ୍ୟାଳୟଗୁଡ଼ିକରେ ଗ୍ରାହକ ଓ ସହଯୋଗୀମାନଙ୍କ ସହିତ ଭାବ ବିନିମୟ କରିବେ । ଏ ସଂକ୍ରାନ୍ତରେ ଆକ୍ସିସ ବ୍ୟାଙ୍କର ଏମଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ଯେ, "ଆକ୍ସିସ୍ ବ୍ୟାଙ୍କରେ 'ସ୍ୱର୍ଶ' କେବଳ ଏକ ଗ୍ରାହକ ଯୋଗାଯୋଗ କାର୍ଯ୍ୟକ୍ରମ ନୁହେଁ । ଏହା ସମଗ୍ର ସଂସ୍ଥାରେ ଗ୍ରାହକ କେନ୍ଦ୍ରିକତାକୁ ସଂସ୍ଥାଗତ ରୂପ ଦେବାର ଏକ ମାଧ୍ୟମ । ବିଗତ ବର୍ଷଗୁଡ଼ିକରେ ସ୍ୱର୍ଶ ଗ୍ରାହକଙ୍କ ମତାମତ ଓ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଏକ ସେତୁ ସାଜିଛି ଯାହା ନିଶ୍ଚିତ କରୁଛି ଯେ, ଗ୍ରାହକଙ୍କ ପ୍ରତିକ୍ରିୟା ଆମର କାର୍ଯ୍ୟଶୈଳୀ, କର୍ମଚାରୀଙ୍କ ସଶକ୍ତିକରଣ ଓ ସେବାରେ ସୁଧାର ଆଣିବାରେ ସାହାଯ୍ୟ କରୁଛି । ଏହି ବର୍ଷର ବିଷୟବସ୍ତୁ 'ଦ୍ରୁତତାର ସହ କାର୍ଯ୍ୟ କରନ୍ତୁ' ଆମର ଏହି ବିଶ୍ୱାସକୁ ଦର୍ଶାଉଛି ଯେ ଗ୍ରାହକଙ୍କ କଥା ଶୁଣିବା କେବଳ ସେତିକିବେଳେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଯେତେବେଳେ ଏହା କାର୍ଯ୍ୟରେ ପରିଣତ ହୁଏ । ଏହି ସପ୍ତାହ ସାରା ଆମର ଟିମ୍ ସାରା ଦେଶରେ ଗ୍ରାହକମାନଙ୍କ ସହ ଯୋଡ଼ିହେବେ ଯାହାର ସରଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଗ୍ରାହକ ଯେପରି ଅନୁଭବ କରିବେ ଯେ ସେମାନଙ୍କ କଥା ଶୁଣାଯାଉଛି, ପ୍ରତ୍ୟେକ କର୍ମଚାରୀ ସଶକ୍ତ ଅନୁଭବ କରିବେ ଓ ପ୍ରତ୍ୟେକ ମତାମତ ଆମକୁ ଗ୍ରାହକଙ୍କୁ ଆହୁରି ଭଲ ଭାବରେ ସେବା ଯୋଗାଇବାରେ ସାହାଯ୍ୟ କରିବ ।"

# ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଶିକ୍ଷା, ଦକ୍ଷତା ବିକାଶ ପ୍ରତି ପ୍ରତିବଦ୍ଧତା

**ଭୁବନେଶ୍ୱର:** ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ଚଳିତ ବର୍ଷର ବିଷୟବସ୍ତୁ 'ଲୋକ, ସମୃଦ୍ଧି ଓ ପୃଥିବୀ ପାଇଁ ସାକ୍ଷରତା' ଅନୁସାରେ ଭାରତ ଓ ଆଫ୍ରିକାର ଅଗ୍ରଣୀ ଲୁହା ଓ ଇସ୍ପାତ ଉତ୍ପାଦନକାରୀ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ), ଗ୍ରାମୀଣ, ଦୁର୍ଗମ ଓ ଖଣି ଅଂଚଳରେ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ବୃତି ଓ ଦକ୍ଷତା ବିକାଶ ସୁଯୋଗର ସମ୍ପ୍ରସାରଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି ।

୨୦୨୧ରୁ 'ପ୍ରୋଜେକ୍ଟ ବୃଦ୍ଧି' ଓ 'ଶିକ୍ଷା' ମାଧ୍ୟମରେ ଭିଆଇଏସଏଲର ଶିକ୍ଷାଗତ ପଦକ୍ଷେପଗୁଡ଼ିକ ଗୋଆ, ମହାରାଷ୍ଟ୍ର, କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ଓଡ଼ିଶାର ୨୬,୦୦୦ ରୁ ଅଧିକ ଶିଶୁଙ୍କୁ ଉପକୃତ କରିଛି ।

ଏହି ଅବସରରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡର ସିଇଓ ତଥା ପୂର୍ଣ୍ଣକାଳୀନ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ରେ ଆମେ ଏକ ବଳିଷ୍ଠ ଓ ପ୍ରଗତିଶୀଳ ରାଷ୍ଟ୍ରର ଭିତିଭୂମି ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରୁଛୁ । ବିଭିନ୍ନ ରାଜ୍ୟରେ ଆମର ପଦକ୍ଷେପ ମାଧ୍ୟମରେ ଆମେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟରେ ଯଥା ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ ବୃତିଗତ ଆକାଂକ୍ଷା ପର୍ଯ୍ୟନ୍ତ ସହାୟତା କରିବାକୁ ପ୍ରତିବଦ୍ଧ । ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଆମେ ଆମର ଏହି ବିଶ୍ୱାସକୁ ଦୋହରାଉଛୁ ଯେ ଗୁଣାତ୍ମକ ଶିକ୍ଷାର ସମାନ ସୁଯୋଗ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ସମୁଦାୟକୁ ସୁଦୃଢ଼ କରିବା ଓ ଦୀର୍ଘକାଳୀନ ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ସ୍ଥାୟୀ ପଥ ସୃଷ୍ଟି କରିବାର ଚାବିକାଠି ଅଟେ ।'

ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ର ସାକ୍ଷରତା ଯାତ୍ରା ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ଥାପିତ 'ନନ୍ଦ ଘର' ଅଭିଯାନ ମାଧ୍ୟମରେ ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ ହୋଇଥିଲା । କମ୍ପାନି ବର୍ତ୍ତମାନ ନିଜ କାର୍ଯ୍ୟକ୍ଷେତ୍ରରେ ୧୫୦ ରୁ ଅଧିକ ଅଙ୍ଗନୱାଡ଼ିକୁ ସହାୟତା ଯୋଗାଉଛି ।ଶିକ୍ଷାଗତ ଫଳାଫଳକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ଶିକ୍ଷାଗତ ସହାୟତା, ସ୍କୁଲ୍ ଭିତିଭୂମି, ପରିବହନ ଓ ଡିଜିଟାଲ୍ ସମ୍ବଳର ସୁବିଧାକୁ ସୁଧାରୁଛି । ଓଡ଼ିଶାରେ, ୨୦୨୪ ମସିହାରୁ କମ୍ପାନି ଦ୍ୱାରା ଆରମ୍ଭ କରାଯାଇଥିବା ସ୍କୁଲ ବସ୍ ପଦକ୍ଷେପ ଦ୍ୱାରା ବାର୍ଷିକ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି ।

ବେଦାନ୍ତ 'ଉତ୍କର୍ଷ' ସ୍କୋଲାରସିପର ହିତାଧିକାରୀ ଶ୍ରେୟା ସନ୍ତୋଷ କୁଡ଼ନେକର କହିଛନ୍ତି ଯେ, 'ମୁଁ ବର୍ତ୍ତମାନ ବ୍ୟାଚଲର ଅଫ୍ ଫିଜିଓଥେରାପି ପଢୁଛି ଓ ବେଦାନ୍ତ 'ଉତ୍କର୍ଷ'




ସ୍କଲାରସିପ୍ ମୋର ଶିକ୍ଷାଗତ ଯାତ୍ରାରେ ସହାୟତାର ଏକ ମୂଲ୍ୟବାନ ଉତ୍ସ ହୋଇଛି । ଏହା ଆର୍ଥିକ ଆହ୍ୱାନକୁ କମ୍ କରିବାରେ ସାହାଯ୍ୟ କରିଛି ଓ ମୋତେ ମୋର ପାଠପଢ଼ା ଓ ଭବିଷ୍ୟତର ଆକାଂକ୍ଷା ଉପରେ ଅଧିକ ଆତ୍ମବିଶ୍ୱାସର ସହ ଧ୍ୟାନ ଦେବାକୁ ସୁଯୋଗ ଦେଇଛି । ମୋ ପରି ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସ୍ୱପ୍ନରେ ନିବେଶ କରିଥିବାରୁ ମୁଁ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ନିକଟରେ ଆନ୍ତରିକ ଧନ୍ୟବାଦ ଜଣାଉଛି ।'

ଏହି କାର୍ଯ୍ୟକ୍ରମର ପ୍ରଭାବ ସମ୍ପର୍କରେ ଇଏସଏଲ ସ୍କିଲ୍ ସ୍କୁଲର ଫିଲ୍ଡ ଟେକ୍ନିସିଆନ୍ ଆଣ୍ଡ୍ ଅଦର ହୋମ୍ ଆପ୍ଲାଏନସେସ୍ ପାଠ୍ୟକ୍ରମର ଛାତ୍ର ସୋହେଲ ଅନସାରୀ କହିଛନ୍ତି ଯେ, 'ଇଏସଏଲ ସ୍କିଲ୍ ସ୍କୁଲ୍ ମାଧ୍ୟମରେ ମୁଁ ପାଇଥିବା ତାଲିମ ମୋତେ ମୋର ବୃତିଗତ ଯାତ୍ରା ଆରମ୍ଭ କରିବା ପାଇଁ ଦକ୍ଷତା ଓ ଆତ୍ମବିଶ୍ୱାସ ଦେଇଛି । ଆଜି ମୁଁ ଜାମସେଦପୁରର ଟାଟା ମୋଟର୍ସ ଲିମିଟେଡ୍ରେ ନିଯୁକ୍ତ ହେବା ସହ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିପ୍ଲୋମା ମଧ୍ୟ କରୁଛି । ଏହି ସୁଯୋଗ ମୋତେ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିଛି ଏବଂ ମୋର ବିକାଶକୁ ସହାୟତା କରିଥିବାରୁ ମୁଁ ଇଏସଏଲ ଷ୍ଟିଲ୍ ଲିମିଟେଡ୍ ନିକଟରେ କୃତଜ୍ଞ ।'

କୋଟି କୋଟି ଟଙ୍କା ହେରଫେର ଅଭିଯୋଗ

# ରେକର୍ଡ଼ ମାଗିଲେ ଉପଜିଲ୍ଲାପାଳ

**କେନ୍ଦୁଝର:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଆଂଚଳିକ ମହାବିଦ୍ୟାଳୟ, ସାମପାଟଣାରେ ୬ କୋଟି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗ ହୋଇଛି। ସ୍ଥାନୀୟ ଅଂଚଳର ୩୬ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବି, ପୂର୍ବତନ ପରିଚାଳନା କମିଟିର ସଦସ୍ୟ, ପୂର୍ବତନ କର୍ମଚାରୀ ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାଶଙ୍କର ଦଳାଇଙ୍କୁ ଏ ନେଇ ଅଭିଯୋଗ କରି ଘଟଣାର ଯାଂଚ କରିବାକୁ ଦାବୀପତ୍ର ଦେଇଥିଲେ।

ଅଭିଯୋଗ ପରେ ଉପ ଜିଲ୍ଲାପାଳ ରେକର୍ଡ ଦେବାକୁ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଚିଠି କରିଛନ୍ତି । ଉପଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ଉମାଶଙ୍କର ଦଳେଇ କହିଛନ୍ତି, ପୂର୍ବତନ କଲେଜ ଅଧକ୍ଷ ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗ ହୋଇଛି। ତାଙ୍କ ପେନସନକୁ ବନ୍ଦ କରାଯାଇଛି। ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟରେ ଯୁକ୍ତ ୨ କଳା, ବିଜ୍ଞାନ, ଧନ୍ଦାମୂଳକ ପାଠ୍ୟକ୍ରମ ସହ ଯୁକ୍ତ ୩ କଳା, ବିଜ୍ଞାନରେ ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବାର୍ଷିକ ରିଆଡମିସନରେ ୮ଲକ୍ଷ ଓ ଆଡମିଶନରେ ୧୩ ଲକ୍ଷ ଟଙ୍କା ଆୟ ହୋଇଥିଲା। ଏହାବ୍ୟତୀତ ଭିତିଭୂମିର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ସହ ବିଭିନ୍ନ ବିଭାଗରୁ ସରକାରୀ ଗ୍ରାଂଟ ଆସିଥାଏ । ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀଙ୍କ ଅଧକ୍ଷା ଥିବା ସମୟରେ ବଳକା ଥିବା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସହ ୨୦୧୧ରୁ ୨୦୨୬ ପାଂଚ ବର୍ଷର ଆୟ ପାଖାପାଖି ୫କୋଟି ୬୦ ଲକ୍ଷ ଟଙ୍କା ସହ ହିସାବ ବହିର୍ଭୁତ ଖର୍ଚ୍ଚ ହୋଇଥିବା ସହ ବିଭିନ୍ନ ସରକାରୀ ଗ୍ରାଂଟରେ ବ୍ୟାପକ ହରିଲୁଟ ହୋଇଛି। ମିଛ ବିଲ୍ ଓ ଭାଉଚର କରାଯାଇ ସରକାରୀ ଅର୍ଥ ହରିଲୁଟ ହୋଇଛି। ମହାବିଦ୍ୟାଳୟର ଜଣେ କର୍ମଚାରୀଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାରେ କଲେଜର ସରକାରୀ ଅର୍ଥ ରଖାଯାଇଛି। ସେହିପରି ଛାତ୍ରୀନିବାସ ଅନ୍ତେବାସୀଙ୍କ ଠାରୁ ହଷ୍ଟେଲ ଫି ଆଦାୟ କରାଯାଉଥିବାବେଳେ ବିଦ୍ୟୁତ ବିଲ୍ କଲେଜ ଫଣ୍ଡରୁ ପୈଠ କରାଯାଉଛି। ନିୟମିତ ମହାବିଦ୍ୟାଳୟକୁ ଆସୁ ନଥିବା କର୍ମଚାରୀଙ୍କୁ ମାସିକ ଦରମା ପ୍ରଦାନ କରାଯାଉଛି।

ପୂର୍ବତନ ଅଧକ୍ଷ ବୀରେନ୍ଦ୍ର ସାହୁଙ୍କ ୫ ବର୍ଷର କାର୍ଯ୍ୟକଳାପର ସମସ୍ତ ଅର୍ଥ ନେଣଦେଣକୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି। ଏଥିସହ ମହାବିଦ୍ୟାଳୟ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛି। ୨୦୨୪ ରୁ ପରିଚାଳନା କମିଟି ଗଠନ ହୋଇ ନଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

# ଖୁବଶୀଘ୍ର ରାଜ୍ୟରେ ଗଢ଼ିବ କ୍ୟାନ୍ସର କେୟାର ଭ୍ୟାନ୍

**ଭୁବନେଶ୍ୱର:** ଖୁବଶୀଘ୍ର ରାଜ୍ୟରେ ଗଢ଼ିବ କ୍ୟାନ୍ସର କେୟାର ଭ୍ୟାନ୍ । ଏହାର ଶୁଭାରମ୍ଭ

- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା
- ଜିଲ୍ଲା ହସ୍ପିଟାଲରେ ମିଳିବ କେମୋ ସୁବିଧା
- ଗାଁ ଦୁଆରେ ପହଞ୍ଚିବ କ୍ୟାନ୍ସର ଚିକିତ୍ସା



କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କ୍ୟାନ୍ସର କେୟାର କ୍ଷେତ୍ରରେ ଓଡ଼ିଶାକୁ ଏକ ମଡେଲ୍ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟ ରହିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

କ୍ୟାନ୍ସର ଚିକିତ୍ସାକୁ କେବଳ ବଡ଼ ସହର ମଧ୍ୟରେ ସୀମିତ ନରଖି ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ରୋଗୀଙ୍କ ନିକଟରେ ପହଞ୍ଚାଇବାକୁ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ଏହାସହ ରାଜ୍ୟର ୩୨ଟି ଜିଲ୍ଲା ହସ୍ପିଟାଲରେ ଡେ-କେୟାର ସିଷ୍ଟମ୍ ଲାଗୁ କରାଯିବ । ଏହି ବ୍ୟବସ୍ଥା ଲାଗୁ ହେଲେ କ୍ୟାନ୍ସର ରୋଗୀଙ୍କୁ ପ୍ରତିଥର ଚିକିତ୍ସା ପାଇଁ ଦୂର ଜିଲ୍ଲା କିମ୍ବା କଟକ ଯିବାକୁ ପଡ଼ିବ ନାହିଁ ।

କ୍ୟାନ୍ସର ଚିହ୍ନଟ ହେବା ପରେ ରୋଗୀ ଆଚାର୍ଯ୍ୟ ହରିହର କ୍ୟାନ୍ସର ସେଣ୍ଟରରେ ପ୍ରଥମ କେମୋଥେରାପି ନେବେ । ଏହାପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପରବର୍ତ୍ତୀ କେମୋଥେରାପି ନିଜ ଜିଲ୍ଲା ହସ୍ପିଟାଲରେ ନେଇପାରିବେ । ଫଳରେ ରୋଗୀ ଓ ତାଙ୍କ ପରିବାରକୁ ବାରମ୍ବାର ଦୂର ସ୍ଥାନକୁ ଯାତାୟାତ କରିବାର ଖର୍ଚ୍ଚ ଓ ଅନ୍ୟାନ୍ୟ ଆର୍ଥିକ ବୋଝରୁ ଆଶ୍ୱସ୍ତି ମିଳିବ । ସେହିପରି କ୍ୟାନ୍ସର ଚିହ୍ନଟ ହେଲେ ଆଚାର୍ଯ୍ୟ ହରିହର କ୍ୟାନ୍ସର ସେଣ୍ଟରରେ ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ନୂଆ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳର କ୍ୟାନ୍ସର ରୋଗୀମାନେ ନିଜ ଅଞ୍ଚଳରେ ଅଧିକ ସହଜରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଆଶା କରାଯାଉଛି ।

## ଏମଭି-୭୯ ରେ ମିନି ବସଷ୍ଟାଣ୍ଡ ଦାବି

**ମାଲକାନଗିରି:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ (ରାମନଗର) ଠାରେ ମିନି ବସଷ୍ଟାଣ୍ଡ ନିର୍ମାଣ ଦାବି ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସହ ଅଂଚଳବାସୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି । ସୂଚନା ଅନୁସାରେ, ଏମଭି-୭୯ ର ଯୁବକ ସୁରଜ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଦାବି ଉପସ୍ଥାପନ କରାଯାଇଥିଲା । ଜାତୀୟ ରାଜପଥ ନମ୍ବର ୩୨୬ କଡ଼ରେ ଥିବା ଏମଭି-୭୯ ଏକ ପ୍ରମୁଖ ବାଣିଜ୍ୟିକ ଓ ଯାତାୟାତ କେନ୍ଦ୍ର । ଏଠାରେ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ବସ୍ ଗୁଡ଼ିକ ରାସ୍ତା କଡ଼ରେ ରହୁଛି, ଫଳରେ ଯାତାୟାତରେ ବାଧା ଓ ଦୁର୍ଘଟଣା ଆଶଙ୍କା ରହୁଛି । ଯାତ୍ରୀ ପ୍ରତୀକ୍ଷାଳୟ ଓ ମୁଖ୍ୟ ଛକରେ ଡ୍ରେନେଜ ବ୍ୟବସ୍ଥାର ଉନ୍ନତି ପାଇଁ ମଧ୍ୟ ଦାବି ହୋଇଛି । ଏହାର ଜବାବରେ ମନ୍ତ୍ରୀ ଏମଭି-୭୯ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି କହିବା ସହ କାଲିମେଳାରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲିଛି ଓ ଏମଭି-୭୯ ପାଇଁ ବିଭାଗୀୟ ସର୍ଭେ ପରେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅବକାରୀ ବିଭାଗର ବଡ଼ ଚଢ଼ାଉ

# ୨୦ ଲକ୍ଷ ଟଙ୍କାର ପୋଚ-ଚୋରା ମଦ ଜବତ

**ଗଞ୍ଜାମ:** ଦିଗପହଣ୍ଡିରେ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ାଉ ହୋଇଛି । ୩୪ ହଜାର ୮୦ ଲିଟର ପୋଚ ଓ ୧୫ ଶହ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ ଜବତ କରାଯାଇଛି । ଜରଡା ଥାନା ଅନ୍ତର୍ଗତ ଡାହାବାଡ଼, ଗୁଜଲିଙ୍ଗ ଅଞ୍ଚଳର ପାହାଡିଆ ଜଙ୍ଗଲ ଓ ନାଳ ନିକଟବର୍ତ୍ତୀ ଅଞ୍ଚଳରେ ଅବକାରି ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ଚୋରା ମଦ ନଷ୍ଟ କରିଛି । ଯାହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ । ଚଢ଼ାଉରେ ଚିକିଟି ଅବକାରୀ ବିଭାଗ, ବ୍ରହ୍ମପୁର ଉଡ଼ନ୍ତା ମୋବାଇଲ୍ ବିଭାଗ, ଦିଗପହଣ୍ଡି ଅବକାରୀ ବିଭାଗର କର୍ମଚାରୀମାନଙ୍କ ସହ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ, ଜରଡା ଥାନା ପୋଲିସ୍ କର୍ମଚାରୀ ସାମିଲ ଥିଲେ ।

ଅପମିଶ୍ରିତ ଦେଶୀ ମତ ଜବତ ହେବା ନୂଆ ଘଟଣା ନୁହେଁ । ଏପରି ପରି ଅନେକ ଥର ଅନେକ ସ୍ଥାନରେ ଅବକାରୀ ବିଭାଗ ଚଢ଼ାଉ କରିଛି । ୩୪ ହଜାର ୮୦ ଲିଟର ପୋଚ ଓ ୧୫ ଶହ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ ଜବତ ହେବା । ଯାହାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ।



ଏହା ଅବକାରୀ ବିଭାଗ ପାଇଁ ବଡ଼ ସଫଳତା । ଅଚାନକ ଟିମ୍ ରେଡ୍ ମାରି ଏତେ ପରିମାଣରୁ ପୋଚ ଓ ଅପମିଶ୍ରିତ ମଦ ଜବତ କରିଛି । ଏହି ଅପମିଶ୍ରିତ ମଦ ଯଦି କେହି ପିଏ ତେବେ ଜୀବନ ଉପରେ ବିପଦ ଆସିପାରେ । କାରଣ ବିଭିନ୍ନ ରାଜ୍ୟରେ ଯେପରି ବିହାର ମଧ୍ୟପ୍ରଦେଶରେ ବିଷାକ୍ତ ମଦ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି । ମଧ୍ୟପ୍ରଦେଶ ସାଗର ଜିଲ୍ଲାରେ ବିଷାକ୍ତ ମଦ ମୃତ୍ୟୁ ମାମଲା ୧୫ରେ ପହଞ୍ଚିଛି । ପାଖାପାଖି ୪୦ ଜଣ ଏବେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।

## ଘର ଭିତରୁ ମିଳିଲା ଗଳିତ ମୃତଦେହ

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ମହିଜୋର ଅଂଚଳରେ ଏକ ଘର ଭିତରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହେବା ଘଟଣା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ମହିଜୋରର ଗୋଲବଦନ ପାଣ୍ଡେ (୫୫)। ସୂଚନା ଅନୁଯାୟୀ, ଗୋଲବଦନ କିଛିଦିନ ଧରି ନିଜ ଘରୁ ବାହାରକୁ ଆସୁନଥିଲେ। ପଡ଼ୋଶୀମାନେ ତାଙ୍କୁ ଦେଖିବାକୁ ନପାଇ ପ୍ରଥମେ ସନ୍ଦେହ କରିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦେଇନଥିଲେ। ତେବେ ମଙ୍ଗଳବାର ଘର ଆଖପାଖରୁ ପ୍ରବଳ ଦୁର୍ଗନ୍ଧ ବାହାରିବା ପରେ ପଡ଼ୋଶୀମାନଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ଏହାପରେ କିଛି ପଡ଼ୋଶୀ ଘର ନିକଟକୁ ଯାଇ ଖୋଜାଖୋଜି କରିବା ବେଳେ ଘର ଭିତରେ ଗୋଲବଦନଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ବେଲପାହାଡ଼ ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ କର୍ମଶାଳା

**ପୁରୀ:** ମହିଳା ମାନଙ୍କୁ ସୁରକ୍ଷା ଓ ସମ୍ମାନ ଏକ ସାମାଜିକ ଦାୟିତ୍ୱ। ତେଣୁ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି କରାଯାଇ ମହିଳା ମାନଙ୍କ ପ୍ରତି ହିଂସାକୁ ରୋକିବା ସହ ମହିଳା ମାନଙ୍କୁ ସଶକ୍ତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଆହ୍ୱାନ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆଜିର ସମାଜରେ ମହିଳା ମାନଙ୍କ ପ୍ରତି ହିଂସା ବୃଦ୍ଧି ପାଇବା ଉଦବେଗ ର ବିଷୟ।

କୁସଂସ୍କାର, ଶିକ୍ଷାର ଅଭାବ, ଅହଂଭାବ, ପାରିବାରିକ ସଂସ୍କାରର ଅଭାବ, ଗରିବୀ, ସହନଶୀଳତାର ଅଭାବ ଓ ପାରସ୍ପରିକ ସମନ୍ୱୟର ଅଭାବ ଘରୋଇ ହିଂସାକୁ ବୃଦ୍ଧି କରୁଛି। ଏଥିପାଇଁ ପ୍ରତ୍ୟେକ ପରିବାରକୁ ଉପଯୁକ୍ତ ସଚେତନ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଶ୍ରୀ ଭୋଇ କହିଥିଲେ। ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କ୍ରାଇମ କଂଟ୍ରୋଲ ବୋର୍ଡ ର ଇନିସ୍ପେକ୍ଟର ସୁମତୀ ମହାପାତ୍ର ପ୍ରମୁଖ ଯୋଗଦେଇ ଘରୋଇ ହିଂସାର କାରଣ, ନିରାକରଣ, ଆମ ସମସ୍ତଙ୍କ ସାମାଜିକ ଓ ପାରିବାରିକ ଦାୟିତ୍ୱ, ନିରାକରଣ ପାଇଁ ବିବିଧ ସମାଧାନର ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଷୟ ବିଶାରଦ ଭାବେ ଅଧିବକ୍ତା ମୋହନ ସୁନ୍ଦର ଜେନା, ଡଃ. ପ୍ରଧାନ ଧୀରେନ ରାୟ ପ୍ରମୁଖ ଯୋଗଦେଇ ଘରୋଇ ହିଂସାର ସଂଜ୍ଞା, ଆଇନରେ ଥିବା ନ୍ୟାୟ ବ୍ୟବସ୍ଥା, ଅଭିଯୋଗକାରୀ, ଅଭିଯୁକ୍ତ ସମ୍ପର୍କରେ ଆଇନ ବ୍ୟବସ୍ଥା, ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବ୍ଲକ ର ସିଡିପିଓ, ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରହା ଶିକାର ବେଳେ ଶିକାରୀ ଜଂଘରେ ବାଜିଲା ଗୁଳି, ଜଣେ ଗୁରୁତର

ରାଉରକେଲା: ମହଙ୍ଗା ପଡ଼ିଲା ବାରହା ଶିକାର । ଶିକାର ବେଳେ ଶିକାରୀ ଜଂଘରେ ବାଜିଲା ଗୁଳି, ଜଣେ ଗୁରୁତର । ଘରୋଇ ଡାକ୍ତରଖାନାରେ ଭର୍ତ୍ତି । ଜଣେ ଡାକ୍ତରଖାନାରେ ଅନ୍ୟଜଣେ ଫେରାର । ଦୁଇଟି ଦେଶୀ ବନ୍ଧୁକ ଜବତ । ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଦୁରୁଣ୍ଡିଆ ଥାନା ଟୁକୁଡା ଜଙ୍ଗଲରେ। ଅନୀଲ ଡାଙ୍ଗ, ସମୀର ଲାମ୍ବଗା, ଗୋବିନ୍ଦ କୁକୁର , ତିନି ଜଣ ମିଶି ବାରହା ଶିକାର କରିବାକୁ ଜଙ୍ଗଲକୁ ଯାଇଥିଲେ। ବାରହାକୁ ଗୁଳି କଲାବେଳେ ବାଜିଲା ଅନୀଲ ଡାଙ୍ଗଙ୍କ ଡାହାଣ ଜଙ୍ଘରେ ।



ତୁରନ୍ତ ଘଟଣା ସ୍ଥଳରୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଅନୀଲଙ୍କୁ ଭର୍ତ୍ତି କରାଯାଇଥିଲା । ଖବର ପାଇ ଡାକ୍ତରଖାନା ରେ ପହଞ୍ଚିଲା ବ୍ରାହ୍ମଣୀ ତରଙ୍ଗ ପୋଲିସ । ତଦନ୍ତ କରିବା ପରେ ସମସ୍ତ ଘଟଣା ଜଣା ପଡ଼ିଥିଲା। ପରେ ଗୁରୁଣ୍ଡିଆ ପୋଲିସ ସମୀର ଲାମ୍ବଗାଙ୍କୁ ଗିରଫ କରିଥିବା ବେଳେ ଫେରାର ଅଛି ଗୋବିନ୍ଦ କୁକୁର । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅନୀଲ ଡାଙ୍ଗ ପୋଲିସ ସ୍କାନରରେ ରହିଛି। ଶିକାର ରେ ବ୍ୟବହୃତ ଦୁଇ ବନ୍ଧୁକ ଜବତ କରିଛି ଗୁରୁଣ୍ଡିଆ ପୋଲିସ।

## ସିରିଆବଗିଚାରେ ମଦ ଦୋକାନକୁ ବିରୋଧ, ସ୍ଥାନାନ୍ତର ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ଝାରସୁଗୁଡ଼ା:** ଝାରସୁଗୁଡ଼ା ପୌରାଂଚଳର ୪ ନମ୍ବର ୱାର୍ଡ ଅନ୍ତର୍ଗତ ସିରିଆବଗିଚାରେ ନୂତନ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ନେଇ ଅଂଚଳରେ ଅସନ୍ତୋଷ ତୀବ୍ର ହୋଇଛି। ଜନବସତି ନିକଟରେ ମଦ ଦୋକାନ ଖୋଲାଯାଇଥିବାରୁ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ଅଂଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଦୋକାନଟିକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ମଙ୍ଗଳବାର ଅଂଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, କିଛିମାସ ପୂର୍ବରୁ ହୋଇଥିବା ନିଲାମ ପ୍ରକ୍ରିୟାରେ ସିରିଆବଗିଚା ଅଂଚଳରେ ବିଦେଶୀ ମଦ ଦୋକାନ ପାଇଁ ଲାଇସେନ୍ସ ମିଳିଥିଲା। ଲାଇସେନ୍ସଧାରୀ ଚଳିତମାସ ୧ ତାରିଖରୁ ଏଠାରେ ମଦ ବିକ୍ରି ଆରମ୍ଭ କରିଛନ୍ତି। ଅଂଚଳବାସୀଙ୍କ ଅଭିଯୋଗ ଅନୁସାରେ, ମଦ ଦୋକାନ ନିକଟସ୍ଥ ରାସ୍ତାଟି ରାଜପଥରୁ ସହରକୁ ଯିବା ପାଇଁ ଅଂଚଳର ଏକ ପ୍ରମୁଖ ରାସ୍ତା। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ, ଶିଶୁ, ମହିଳା ଓ କର୍ମଜୀବୀମାନେ ଯାତାୟାତ କରନ୍ତି। ମଦ ଦୋକାନ ଖୋଲିବା ପରେ ସନ୍ଧ୍ୟା ସମୟରେ ଏଠାରେ ମଦ୍ୟପଙ୍କ ଭିଡ଼ ଜମୁଥିବାରୁ ମହିଳାମାନେ ଅସୁରକ୍ଷିତ ଅନୁଭବ କରୁଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ମଦ ଦୋକାନଟିକୁ ଜନବସତି ଠାରୁ ଦୂରକୁ ସ୍ଥାନାନ୍ତର କରିବାକୁ ଅଂଚଳବାସୀ ଦାବି କରିଛନ୍ତି। ଅଂଚଳବାସୀଙ୍କ ଅଭିଯୋଗ ଉପରେ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ ଅବକାରୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିବା ଏବଂ ସମସ୍ୟାର ସମାଧାନ ଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଅଂଚଳବାସୀ କହିଛନ୍ତି।

# ୨ ଦିନରେ ମନ୍ଦିର ଚୋରିର ପର୍ଦ୍ଦାଫାଶ

**ପାରାଦୀପ:** ଜଗତସିଂହପୁର ଜିଲ୍ଲାର ନିମିଡ଼ି ଗାଁର ଜଗନ୍ନାଥ ମନ୍ଦିରରୁ ଠାକୁର ମୂର୍ତ୍ତି ଓ ମୂଲ୍ୟବାନ ଅଳଙ୍କାର ଚୋରି ଘଟଣାର

**୫ ଲକ୍ଷରୁ ଅଧିକ ଟଙ୍କାର ଠାକୁର ମୂର୍ତ୍ତି ଉଦ୍ଧାର**

**୩ ଅଭ୍ୟାସଗତ ଅପରାଧୀ ଗିରଫ**

ପର୍ଦ୍ଦାଫାଶ କରିଛି ପାରାଦୀପ ପୁଲିସ। ମାତ୍ର ୨ ଦିନ ମଧ୍ୟରେ ୩ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ଚୋରି ହୋଇଥିବା ସମସ୍ତ ଠାକୁର ମୂର୍ତ୍ତି, ରୂପା ଓ ପିତ୍ତଳ ଅଳଙ୍କାର ସହ ମନ୍ଦିରର ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର ହୋଇଛି।

ଗତ ତିନି ଦିନ ପୂର୍ବେ ପାରାଦୀପ ଲକ୍ ଥାନା ଅଧୀନ ନିମିଡ଼ି ଗାଁର ଜଗନ୍ନାଥ ମନ୍ଦିରରେ ଏହି ବଡ଼ ଧରଣର ଚୋରି ଘଟିଥିଲା। ଚୋରମାନେ ମନ୍ଦିରରୁ ଦେବଦେବୀଙ୍କ ମୂର୍ତ୍ତି ଓ ମୂଲ୍ୟବାନ ଗହଣା ନେଇ ଫେରାର ହୋଇଯାଇଥିଲେ। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି।




ଅଭିଯୋଗ ପାଇବା ପରେ ପାରାଦୀପ ପୁଲିସ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ କରି ଅଭିଯୁକ୍ତମାନଙ୍କ ସନ୍ଧାନ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପାରାଦୀପ ଅଞ୍ଚଳର ୨ ଜଣ ଓ ଗଞ୍ଜାମ ଜିଲ୍ଲାର ୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ତିନିଜଣ ଯାକ ପୂର୍ବରୁ ମଧ୍ୟ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଅଭ୍ୟାସଗତ ଅପରାଧୀ।

ପାରାଦୀପ ଏଏସପି ଅଜିଙ୍କ୍ୟ ମାନେ କହିଛନ୍ତି, ତଦନ୍ତ ବେଳେ ଚୋରି ହୋଇଥିବା ସମସ୍ତ ଦେବଦେବୀଙ୍କ ମୂର୍ତ୍ତି, ଅଳଙ୍କାର ଓ ମନ୍ଦିରର ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ। ପୁଲିସ ଏହି ଘଟଣାରେ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଦିଗରେ ମଧ୍ୟ ତଦନ୍ତ ଜାରି ରଖିଛି।

ସମ୍ବଲପୁରର ବିକାଶ ଓ ମୌଳିକ ସୁବିଧା ପାଇଁ ଦିଶା ଓ ଆରପିଡିଏସି ବୈଠକ

# ଜଳସେଚନ, ରେଳ, ଟେଲିକମ୍ ସହ ବିଦ୍ୟୁତ୍ ଭିତ୍ତିଭୂମିର ହେବ ବିକାଶ: ଧର୍ମେନ୍ଦ୍ର

**ସମ୍ବଲପୁର:** ସମ୍ବଲପୁର ଜିଲ୍ଲାର ବିକାଶ ଏବଂ ଜନସାଧାରଣଙ୍କ ମୌଳିକ ସୁବିଧା ସୁଯୋଗକୁ ଅଗ୍ରାଧିକାର ଦେବା ତଥା ସ୍ଥାନୀୟ ବିସ୍ଥାପିତ ଓ ପ୍ରଭାବିତ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଲକ୍ଷ୍ୟରେ ଆଜି ଆଲୋଚନା କରିଛନ୍ତି । ସେହିପରି ଆରପିଡିଏସି ବୈଠକରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଏନଏଲସି ଇଣ୍ଡିଆ ଲିମିଟେଡ଼ର ତଲାବିରା କୋଇଲା ଖଣି ଓ ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପ ଦ୍ୱାରା

- ଜଳସେଚିତ ଜମିକୁ ଆଗାମୀ ଦିନରେ ବୃଦ୍ଧି କରିବା ପାଇଁ 'ଡିଷ୍ଟ୍ରିକ୍ଟ ହାଇଡ୍ରୋଲୋଜି ମ୍ୟାପିଂ' ଏବଂ 'ପିଏମ୍ କୁସୁମ' ଯୋଜନାର ବ୍ୟାପକ ବିନିଯୋଗ ଉପରେ ଆଲୋଚନା
- ସମ୍ବଲପୁର ରେଳ ଷ୍ଟେସନର ନବକଳେବର ସହ ନାଗରିକଙ୍କ ସୁବିଧା ପାଇଁ ଫୁଟ୍ ଓଭରବ୍ରିଜ୍ ନିର୍ମାଣର ଫିଜିବିଲିଟି ଯାଞ୍ଚ କରିବା ଦିଗରେ ଗୁରୁତ୍ୱ

ଜିଲ୍ଲା ପ୍ରଶାସନ ପକ୍ଷରୁ ପୃଥକ ଭାବେ ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ?ର ରିହାବିଲିଟେସନ୍ ଆଡଭାଇଜରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଶା ବୈଠକରେ ଜିଲ୍ଲାର ଜଳସେଚନ, ରେଳବାଇ, ଟେଲିକମ୍ୟୁନିକେସନ ଏବଂ ବିଦ୍ୟୁତ ଭିତ୍ତିଭୂମି ତଥା ଏହି ୪ଟି ପ୍ରମୁଖ ବିଭାଗର ପ୍ରକଳ୍ପଗୁଡ଼ିକର ପୁଙ୍ଖାନୁପୁଙ୍ଖ ପ୍ରଭାବିତ ଲୋକଙ୍କ ଜମି ଅଧିଗ୍ରହଣ, ଉଚିତ୍ କ୍ଷତିପୂରଣ, ଥଇଥାନ, ନିଯୁକ୍ତି ଏବଂ ସିଏସଆର ଅନ୍ତର୍ଗତ ପାରିପାର୍ଶ୍ୱିକ ବିକାଶ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି।

ବୈଠକରେ ସମ୍ବଲପୁର ଜିଲ୍ଲାର ବର୍ତ୍ତମାନର ଜଳସେଚିତ ଜମିକୁ ଆଗାମୀ ଦିନରେ ବୃଦ୍ଧି କରିବା ପାଇଁ 'ଡିଷ୍ଟ୍ରିକ୍ଟ ହାଇଡ୍ରୋଲୋଜି ମ୍ୟାପିଂ' କରିବାକୁ ପରାମର୍ଶ ଦିଆଯାଇଛି । ନାକଟିଦେଉଳ, ରେଢ଼ାଖୋଲ, କୁଚିଣ୍ଡା, ବାମରା ଓ ଜମନକିରା ଭଳି ଅଫଲ୍ୟାଣ୍ଡ




ଅଞ୍ଚଳଗୁଡ଼ିକରେ 'ପିଏମ୍ କୁସୁମ' ଯୋଜନାର ବ୍ୟାପକ ବିନିଯୋଗ, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା, ମେଗା ଲିଫ୍ଟ ଇରିଗେସନ ଏବଂ କେନାଲ ଜୀର୍ଣ୍ଣୋଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ସମ୍ବଲପୁର ମୂଳ ରେଳ ଷ୍ଟେସନକୁ ୩୫୦ କୋଟି ଟଙ୍କା ବ୍ୟୟରେ ନୂତନ ରୂପ ଦିଆଯାଉଥିବା ବେଳେ ହୀରାକୁଦ, ସମ୍ବଲପୁର ସିଟି, ରେଢ଼ାଖୋଲ ଓ ରେଙ୍ଗାଲି ଷ୍ଟେସନଗୁଡ଼ିକର ଆଧୁନିକୀକରଣ କରାଯାଉଛି। ସମ୍ବଲପୁର ମ୍ୟୁନିସିପାଲ କୋର୍ପୋରେସନ ରେଳ ଲାଇନ୍‌ର ଦୁଇପଟେ ବିସ୍ତାରିତ ହୋଇଥିବାରୁ, ସହରବାସୀଙ୍କ ଯାତାୟାତ ସୁବିଧା ପାଇଁ ଆବଶ୍ୟକ ସ୍ଥାନଗୁଡ଼ିକରେ 'ଫୁଟ୍ ଓଭରବ୍ରିଜ୍' ନିର୍ମାଣର ଫିଜିବିଲିଟି ଯାଞ୍ଚ କରିବାକୁ ରେଳ ବିଭାଗ ଓ ପୌର ପ୍ରଶାସନକୁ ମିଳିତ ଦାୟିତ୍ୱ ଦିଆଯାଇଛି।

ଜିଲ୍ଲାରେ ଶତପ୍ରତିଶତ ଡିଜିଟାଲ୍ ସଂଯୋଗୀକରଣ ପାଇଁ ବର୍ତ୍ତମାନ କାର୍ଯ୍ୟକ୍ଷମ ୨୦୨ଟି ଟାୱାର ବ୍ୟତୀତ ଆହୁରି ପ୍ରାୟ ୨୫୦ଟି ନୂଆ ଟେଲିକମ୍ ଟାୱାର ସ୍ଥାପନ ପ୍ରକ୍ରିୟାକୁ ଆଗେଇ ନିଆଯାଉଛି। ସବୁ ଗ୍ରାମପଞ୍ଚାୟତ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ହାଇସ୍କୁଲକୁ ବ୍ରୋଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ସହ ଯୋଡ଼ିବା ପାଇଁ ବିଏସଏନଏଲ ଓ ଟେଲିକମ୍ ବିଭାଗକୁ ଏକ ସ୍ୱତନ୍ତ୍ର 'ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ 'ପିଏମ୍ ସୂର୍ଯ୍ୟ ଘର' ଯୋଜନା ଅଧୀନରେ ଇତିମଧ୍ୟରେ ପାଖାପଖି ୬,୦୦୦ ଘରେ ସୋଲାର ସିଷ୍ଟମ୍ ଲଗାଯାଇଛି। ସୌର ଶକ୍ତିକୁ ଏକ ଜନଆନ୍ଦୋଳନରେ ପରିଣତ କରି ନୂତନ କଲେକ୍ଟରେଟ୍ ଭବନ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବାସଗୃହରେ ସୋଲାରାଇଜେସନ ଉପରେ ବ୍ୟାପକ ଗୁରୁତ୍ୱ ଦିଆଯାଇଛି, ଯାହା ଦ୍ୱାରା ଲୋକଙ୍କ ବିଜୁଳି ଖର୍ଚ୍ଚ କମିବା ସହ ପରିବେଶ ସୁରକ୍ଷିତ ରହିପାରିବ। ସମ୍ବଲପୁରର ବିକାଶ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରି ଶେଷ ଧାଡ଼ିର ବ୍ୟକ୍ତିଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ସାଂସଦ ଶ୍ରୀ ପ୍ରଧାନ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

ଆରପିଡିଏସି ବୈଠକ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳର ଅଧିକାଂଶ ଏସସି, ଏସଟି, ଓବିସି ଓ ଗରିବ ପରିବାର ପୂର୍ବରୁ ହିରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ଥରେ ବିସ୍ଥାପିତ ହୋଇସାରିଥିବା ବେଳେ ଏବେ ପୁଣିଥରେ ବିସ୍ଥାପନର ସାମ୍ନା କରୁଛନ୍ତି। ତେଣୁ ସେମାନଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଆମ ସରକାର ଓ ପ୍ରଶାସନ ସର୍ବୋଚ୍ଚ ଅଗ୍ରାଧିକାର ଦେଉଛନ୍ତି ।

# ଭୋଟର ତାଲିକା ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ସୁପର ଚେକିଂ ଓ ଜିଲ୍ଲାସ୍ତରୀୟ ସମୀକ୍ଷା

**ମାଲକାନଗିରି:** ମାଲକାନଗିରି ଜିଲ୍ଲାରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ସୁପର ଚେକିଂ ଏବଂ କ୍ଷେତ୍ରସ୍ତରୀୟ ଯାଂଚ୍ କରିଛନ୍ତି ଭୋଟର ତାଲିକା ପର୍ଯ୍ୟବେକ୍ଷକ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମହମ୍ମଦ ସାଦିକ ଆଲାମ। ସେ ନିଜେ ସୁପର ଚେକିଂ ଅଧୀନରେ ଦାବି ଓ ଆପତି ଗ୍ରହଣ ସମୟରେ ଆସିଥିବା ଆବେଦନଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଏବଂ ସମ୍ପୃକ୍ତ ମାମଲା ରେକର୍ଡଗୁଡ଼ିକର ପ୍ରତ୍ୟକ୍ଷ ଯାଂଚ୍ କରିଥିଲେ।

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଭୋଟର ତାଲିକା ସଂଶୋଧନର ପ୍ରତ୍ୟେକ ଦିଗକୁ ସାଦିକ ଆଲାମ ଅତି ଗୁରୁତ୍ୱର ସହ ଅନୁଧ୍ୟାନ କରିଥିଲେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ଜିଲ୍ଲାର ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଚାଲିଥିବା ଫର୍ମ ପ୍ରକ୍ରିୟାକରଣ ସମ୍ପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସମୀକ୍ଷା ଅବସରରେ ଭୋଟର ତାଲିକା ପର୍ଯ୍ୟବେକ୍ଷକ ସାଦିକ ଆଲାମ କହିଛନ୍ତି, ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଭୁଲ, ସ୍ୱଚ୍ଛ ଓ ସର୍ବବ୍ୟାପୀ ଭୋଟର ତାଲିକା ପ୍ରସ୍ତୁତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କୌଣସି ଯୋଗ୍ୟ ନାଗରିକ, ବିଶେଷ କରି ନୂତନ ଯୁବ ଭୋଟର ଯେପରି ନାମ ପଞ୍ଜୀକରଣରୁ ବଂଚିତ ନହୁଅନ୍ତି ଏବଂ ସମସ୍ତ ଦାବି ଓ ଆପତିର ସଠିକ୍ ଆଇନଗତ ନିଷ୍ପତି ହୁଏ, ସେଥିପ୍ରତି ପ୍ରଶାସନିକ ସ୍ୱଚ୍ଛତା ଓ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଗସ୍ତ କାଳରେ ସାଦିକ ଆଲାମ ଜିଲ୍ଲାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ କରି ଭୋଟର ତାଲିକାର ସ୍ୱଚ୍ଛତା ସମ୍ପର୍କରେ ମତାମତ ଗ୍ରହଣ କରିଥିଲେ। ଏହା ସହିତ ନୂତନ ଭୋଟରମାନଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରି ସେମାନଙ୍କର ନାମ ପଞ୍ଜୀକରଣ ପ୍ରକ୍ରିୟା, ସୁବିଧା ସୁଯୋଗ ଏବଂ ସେମାନଙ୍କର ପ୍ରଥମ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ।

ପରବର୍ତୀ ସମୟରେ ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟନିର୍ବାହୀ ବୈଠକରେ ଫର୍ମ-୬ (ନୂତନ ଭୋଟର), ଫର୍ମ-୭ (ନାମ ବାଦ୍) ଏବଂ ଫର୍ମ-୮ (ସଂଶୋଧନ/ସ୍ଥାନାନ୍ତର) ଆବେଦନଗୁଡ଼ିକର ଶୁଣାଣି, ମାମଲା ରେକର୍ଡ ସଂରକ୍ଷଣ ଏବଂ ସେଗୁଡ଼ିକର ସମୟସୀମା ମଧ୍ୟରେ ନିଷ୍ପତି ନେବା ସମ୍ପର୍କରେ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ।

